ବର୍ଷ-୨୫, ସଂଖ୍ୟା-୧୫୭
ଭୁବନେଶ୍ୱର
୦୯, ଜୁନ, ୨୦୨୫ ସୋମବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 157
Bhubaneswar
09, June, 2025 Monday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

## ୧୯ ବ୍ରହ୍ମୋସ ଓ କ୍ରିଷ୍ଟାଲ୍ ମେଜର ବ୍ୟବହାର

ନୂଆଦିଲ୍ଲୀ,୮।୬(ମହାଭାରତ): ପହଲଗାମରେ ପର୍ଯ୍ୟଟକଙ୍କ ହତ୍ୟାର ପ୍ରତିଶୋଧ ପାଇଁ ଭାରତୀୟ ସେନା ଯେଉଁ ଅପରେସନ ସିନ୍ଦୂର ଚଳାଇ ପାକିସ୍ତାନରେ ଆତଙ୍କବାଦୀଙ୍କ ଆଡ୍ଡା ଉପରେ ଆକ୍ରମଣ କରିଥିଲା ।ସେ ନେଇ ନୂଆ ତଥ୍ୟ ଏବେ ସାମ୍ନାକୁ ଆସିଛି । ଏଥିରେ ଭାରତୀୟ ସେନା ଲସ୍କର ଓ ଜୈସ ମୁଖ୍ୟାଳୟ ଉପରେ ଅଲଗା ଅଲଗା କ୍ଷେପଣାସ୍ତ୍ର ବ୍ୟବହାର କରିଥିବାର ସୂଚନା ମିଳିଛି। ଏହା ଛଡା ପାକିସ୍ତାନ ସହ ୪ ଦିନ ଧରି ଚାଲିଥିବା ସଂଘର୍ଷରେ କେଉଁ ଅସ୍ତ୍ର ବ୍ୟବହାର ହୋଇଥିଲା ଓ ଏଥିରୁ କେତେ ମାତ୍ରାରେ କ୍ଷତି ହୋଇଥିଲା ତାର ସୂଚନା ମଧ୍ୟ ଆସିଛି।

ଏହି ୪ ଦିନରେ ଭାରତ ମୋଟ ୧୯ଟି ବ୍ରହ୍ମୋସ ଓ କ୍ରିଷ୍ଟାଲ ମେଜ କ୍ଷେପଣାସ୍ତ୍ର ବ୍ୟବହାର କରି ପାକିସ୍ତାନକୁ ଆଣ୍ଠୁମାଡ଼ି ବସେଇ ଦେଇଥିଲା। ହିନ୍ଦୁସ୍ତାନ ଟାଇମସର ଏକ ରିପୋର୍ଟରୁ ଏହି ତଥ୍ୟ ମିଳିଛି ଏହି ରିପୋର୍ଟ ଅନୁସାରେ ଜାତୀୟ ସୁରକ୍ଷା ସମ୍ପର୍କିତ ଯୋଜନା ପ୍ରଣୟନକାରୀ ଓ ସେନା ମୁଖ୍ୟମାନେ ଅପରେସନ ସିନ୍ଦୂରର ୧ ମାସ ପୂର୍ତ୍ତି ଅବସରରେ ଉତ୍ସବ ମଧ୍ୟ ପାଳନ କରିଛନ୍ତି।ଏହି ଅବସରରେ ପ୍ରତିରକ୍ଷା ମନ୍ତ୍ରାଳୟ ତିନି ସେନାଙ୍କୁ ଅସ୍ତ୍ରଶସ୍ତ୍ର ଓ କ୍ଷେପଣାସ୍ତ୍ର କିଣିବା ପାଇଁ ଅନୁମତି ମଧ୍ୟ ଦେଇଛି ।

ସୂତ୍ର ଅନୁସାରେ ସେନା କାର୍ଯ୍ୟାନୁଷ୍ଠାନ ଓ ଉପଗ୍ରହରୁ ମିଳୁଥିବା ଛବିରୁ ଏହା ପୁଷ୍ଟି ହେଉଛି ଯେ ଅପରେସନ ସିନ୍ଦୂର କାଳରେ ଭାରତୀୟ ବାୟୁସେନା ଭୂ-ପୃଷ୍ଠରୁ ଆକାଶକୁ ନିକ୍ଷେପ ହେଉଥିବା କ୍ଷେପଣାସ୍ତ୍ର ଓ ଏସ୍-୪୦୦ ଡିଫେନ୍ସ ସିଷ୍ଟମ ପାକିସ୍ତାନର ୪ଟି ଯୁଦ୍ଧବିମାନ (ଚିନ୍ ନିର୍ମିତ) ଓ ଦୁଇଟି ବଡ଼ ବିମାନ (ସମ୍ଭବତଃ ଗୋଟିଏ ସି-୧୩୦ ଜେ ଓ ଏସଏଏବି ୨୦୦୦ ଆୱାକ୍ସ ବିମାନ)କୁ ଖସେଇ ଦେଇଛନ୍ତି। ସୂତ୍ର ଏହା ମଧ୍ୟ କହିଛନ୍ତି ଯେ ସରଗୋଧା, ରଫିକୀ, ଜ୍ୟେକବାବାଦ ଓ ନୂର ଖାନ (ଚକଲାଲା ରାଲପିଣ୍ଡି) ସହିତ ୧୧ଟି ବାୟୁସେନା ଘାଟି ଉପରେ ଭାରତୀୟ ବାୟୁସେନା କ୍ଷେପଣାସ୍ତ୍ର ଆକ୍ରମଣରେ ୨ଟି ଏଫ-୧୬ ଯୁଦ୍ଧ ବିମାନ ଆଂଶିକ ରୂପେ କ୍ଷତିଗ୍ରସ୍ତ ହୋଇଛି।

ରିପୋର୍ଟରୁ ଜଣାପଡିଛି ଯେ ଭାରତର ରାଫେଲ ଯୁଦ୍ଧ ବିମାନ, ଏସ୍-୪୦୦ ବାୟୁ ରକ୍ଷା ପ୍ରଣାଳୀ ଓ ଏମ୍୭୭୭ ହ୍ୱିଟଜର ତୋପ ୪ ଦିନର ଯୁଦ୍ଧକାଳରେ ନିଜକୁ ବେଶ୍ ପ୍ରମାଣିତ କରିଛନ୍ତି ରିପୋର୍ଟ ମୁତାବକ ମେ ୭ରେ ଭାରତର ପ୍ରଥମ ଆତଙ୍କବାଦ ବିରୋଧୀ ଆକ୍ରମଣ ସଫଳ ହୋଇଥିବାର ପର୍ଯ୍ୟାପ୍ତ ପ୍ରମାଣ ମିଳିଛି ମୁରିଦକେସ୍ଥିତ ଲସ୍କର ମୁଖ୍ୟାଳୟ ମରକଜ-ଏ-ତୈୟବା ଓ ଜୈଶ-ଏ-ମହମ୍ମଦର ଆଡ୍ଡା ମରକଜ-ଏ-ଶୁଭାନ ଅଲ୍ଲାହ ଉପରେ ରାଫେଲ ଯୁଦ୍ଧ ବିମାନରୁ ୬ଟି ସ୍କାଲଫ କ୍ଷେପଣାସ୍ତ୍ର ମାଡ଼ କରାଯାଇଥିଲା। ଏଥିରେ ବଙ୍କର ବଷ୍ଟିଂ ଟେକ୍ନୋଲଜି ଉପଯୋଗ କରି ଆତଙ୍କବାଦୀ ଆଡ୍ଡାକୁ ସମ୍ପୂର୍ଣ୍ଣ ନଷ୍ଟ କରିଦିଆଯାଇଥିଲା ।

## ୫୦୦ ବିଲିୟନ ଡଲାର ଅର୍ଥନୀତି ମିଶନ



ଭୁବନେଶ୍ୱର,୮।୬(ମହାଭାରତ): ଲୋକସେବା ଭବନର କନଭେନସନ ସେଂଟରଠାରେ ଶିଳ୍ପପତି ଓ ଉଦ୍ୟୋଗୀମାନଙ୍କୁ ନେଇ ଅନୁଷ୍ଠିତ ଆଲୋଚନା ଚକ୍ରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗ ଦେଇଛନ୍ତି । ଓଡ଼ିଶାର ଶିଳ୍ପ ଅନୁକୂଳ ବାତାବରଣର ଉପଯୋଗରେ ବ୍ୟାପକ ନିବେଶ ଏବଂ ଶିଳ୍ପ ଭିତ୍ତିଭୂମିର ବିକାଶ ଉପରେ ମୁଖ୍ୟମନ୍ତ୍ରୀ ଆଲୋକପାତ କରିଛନ୍ତି ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଶିଳ୍ପପତିଙ୍କ ସହ ଆଲୋଚନା ହେଲା ।ଉତ୍କର୍ଷ ଓଡ଼ିଶାରେ ୧୭ ଲକ୍ଷ କୋଟି ଟଙ୍କାର ପ୍ରସ୍ତାବ ଆସିଥିଲା । ୧୩ ଲକ୍ଷ କୋଟି ଟଙ୍କାର ଏମଓୟୁ ହୋଇଥିଲା। ଗ୍ରାଉଣ୍ଡ ବ୍ରେକିଂ ହୋଇଛି କି ନାହିଁ, ନା କେବଳ ଏମଓୟୁ ହେଉଛି ପୂର୍ବ ସରକାର ଭଳି ତାକୁ ନେଇ ପ୍ରଶ୍ନ ଉଠିଥିଲା । ଏମଓୟୁ ହେଲା ପରେ ଗ୍ରାଉଣ୍ଡ ବ୍ରେକିଂ କ୍ଷେତ୍ରରେ ବିଜେପି ସରକାର ସଫଳ ହୋଇଛି। ଖୋର୍ଦ୍ଧାରେ ୬ ହଜାର କୋଟିର ଗ୍ରାଉଣ୍ଡ ବ୍ରେକିଂ ହୋଇଛି ଏବଂ ୩୦ ହଜାର ଲୋକଙ୍କୁ ନିଯୁକ୍ତି ସୁଯୋଗ ମିଳିବ, କଳିଙ୍ଗ ନଗରରେ ଲକ୍ଷାଧିକ କୋଟି ଟଙ୍କାର ୧୪ଟି କମ୍ପାନୀ ପାଇଁ ଶିଳାନ୍ୟାସ ହୋଇଛି, ଢେଙ୍କାନାଳରେ ଶିଳ୍ପ ପାଇଁ ଗ୍ରାଉଣ୍ଡ ବ୍ରେକିଂ ହେଲା, ଗଞ୍ଜାମ ଛତ୍ରପୁର ଠାରେ ୧୨ଟି କମ୍ପାନୀ ସହ ଏମଓୟୁ ସାଇନ୍ ହେଲା ।

ଉତ୍କର୍ଷ ଓଡ଼ିଶାର ମାତ୍ର ୪ ମାସ ଭିତରେ ୪ଟି ସ୍ଥାନରେ ୫୬ ଶିଳ୍ପର ଗ୍ରାଉଣ୍ଡ ବ୍ରେକିଂ ହୋଇ ୧.୭୮ ଲକ୍ଷ କୋଟିର ପୁଞ୍ଜିନିବେଶ ଆସିଲା, ୧ ଲକ୍ଷ ୧୦ ହାଜର ଯୁବକ ପାଇବେ ରୋଜଗାର। ବର୍ଷେ ଭିତରେ ୨୦୬ ଶିଳ୍ପକୁ ଅନୁମୋଦନ। ୫ ବର୍ଷ ଭିତରେ ଯାହା ହୋଇନଥିଲା, ଗୋଟିଏ ବର୍ଷ ଭିତରେ ହୋଇଛି । ଖଣି, ଧାତୁ, କେମିକାଲ, ବସ୍ତ୍ର, ଇଲେକ୍ଟ୍ରୋନିକ୍ସ, ପର୍ଯ୍ୟଟନ ଓ ଟେକ୍ନୋଲଜି କ୍ଷେତ୍ରରେ ଶିଳ୍ପ କରିବା ପାଇଁ ଯୋଜନା ରହିଛି। ୨୦୩୬ ସମୃଦ୍ଧ ଓଡିଶା ପାଇଁ ଭିତ୍ତି ସ୍ଥାନ ହୋଇଛି । ଓଡ଼ିଶା ପାଇଁ ଭଲ ସମୟ ଆସୁଛି । ଶିଳ୍ପ ଭିତ୍ତିଭୂମି, ରେଳ, ରୋଡ଼ ଭିତ୍ତିଭୂମି, ୩ ବନ୍ଦରର କାପାସିଟି ବୃଦ୍ଧି, ଆଉ ୩ଟି ବନ୍ଦର ବିକଶିତ କରିବା ପାଇଁ ଆଗକୁ ପଦକ୍ଷେପ ନିଆଯିବ। କିଛି ଜେଟି ଉନ୍ନତି ପାଇଁ ମଧ୍ୟ ପଦକ୍ଷେ ନିଆଯିବ। ଆଗାମୀ ୫ ବର୍ଷ ଭିତରେ ଲକ୍ଷ୍ୟ ଠାରୁ ବି ଅଧିକ କାମ ହେବ। ୫୦୦ ବିଲିୟନ ଡଲାରର ଅର୍ଥନୀତି ହେବ ଓଡ଼ିଶା।

ଏହି ଅବସରରେ, ମନ୍ତ୍ରୀ, ଏମଏସଏମଇ ଏବଂ ମତ୍ସ୍ୟ ଏବଂ ଏଆରଡି ଗୋକୁଳ ନନ୍ଦ ମଲ୍ଲିକ୍, ଶିଳ୍ପ ଏବଂ ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ସଚିବ ଶ୍ରୀମତୀ ଅନୁ ଗର୍ଗ ଉପସ୍ଥିତ ଥିଲେ। ସ୍ୱାଗତ ଭାଷଣ ଅତିରିକ୍ତ ମୁଖ୍ୟ ସଚିବ (ଶିଳ୍ପ) ହେମନ୍ତ କୁମାର ଶର୍ମା ପ୍ରଦାନ କରିଥିବା ବେଳେ, ଶିଳ୍ପ ବିଭାଗର ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ରେଡ୍ଡୀ ଧନ୍ୟବାଦ ଅର୍ପଣ କରିଥିଲେ।

## ବଡ଼ଦାଣ୍ଡରେ ମଦ ଓ ଆମିଷ ବିକ୍ରି ବନ୍ଦ



### ଖୁବ୍‌ଶୀଘ୍ର ନିର୍ମାଣ ହେବ ଓଡ଼ିଶା ମଣ୍ଡପ

### ନୂଆକରି ନିର୍ମାଣ ହେବ ଲୋକସେବା ଭବନ ଏବଂ ବିଧାନସଭା

**ଭୁବନେଶ୍ୱର,୮।୬(ମହାଭାରତ):** ରାଜ୍ୟ ସରକାର ବିକଶିତ ଓଡ଼ିଶା ୨୦୩୬କୁ ଲକ୍ଷ୍ୟ ରଖି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ କରୁଛନ୍ତି ରାଜ୍ୟର ଭିତ୍ତିଭୂମିକୁ ବିଶ୍ୱସ୍ତରୀୟ କରିବାକୁ ଚାହୁଁଛନ୍ତି। ଏହି କ୍ରମରେ ସରକାର ନୂଆନୂଆ। ପଦକ୍ଷେପ ହାତକୁ ନେଇଛନ୍ତି। ନୂଆଦିଲ୍ଲୀର ଭାରତ ମଣ୍ଡପମ୍ ଭଳି ଓଡ଼ିଶାରେ ମଧ୍ୟ ବିଶ୍ୱସ୍ତରୀୟ ସମ୍ମିଳନୀ କକ୍ଷର ନିର୍ମାଣ ପାଇଁ ସରକାର ପରିକଳ୍ପନା କରିଛନ୍ତି। ରାଜ୍ୟରେ ନୂଆକରି ନିର୍ମାଣ ହେବ ସେକ୍ରେଟେରିଏଟ୍ (ଲୋକସେବା ଭବନ) ଏବଂ ବିଧାନସଭା। ସେହିପରି ପୁରୀ ବଡ଼ଦାଣ୍ଡରେ ମଦ ଓ ଆମିଷ ବିକ୍ରି କରାଯାଇ ପାରିବ ନାହିଁ ବୋଲି ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ରବିବାର ଏନେଇ ଗଣମାଧ୍ୟମର ପ୍ରତିନିଧିଙ୍କୁ ସୂଚନା ଦେଇଛନ୍ତି।

ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି, ଓଡ଼ିଶା ମଣ୍ଡପ ପାଇଁ ଭୁବନେଶ୍ୱରର ଚନ୍ଦ୍ରଶେଖରପୁରରେ ଜାଗା ଚିହ୍ନଟ ସରିଛି। ଏହି ମଣ୍ଡପରେ ୧୦ ହଜାର ଲୋକ ବସି ପାରିଲା ଭଳି ବ୍ୟବସ୍ଥା ରହିବ ଏତଦ୍ ବ୍ୟତୀତ ଅତ୍ୟାଧୁନିକ ବ୍ୟବସ୍ଥା ରହିବ ଅନେକଗୁଡ଼ିଏ କାମ ଏବେ କନସେପ୍ଟ ଷ୍ଟେଜରେ ଅଛି ଆଗକୁ ଏହାର କାର୍ଯ୍ୟ ଆରମ୍ଭ କରାଯିବ।

ଓଡ଼ିଶା ମଣ୍ଡପ ପାଇଁ ଭୁବନେଶ୍ୱରର ଚନ୍ଦ୍ରଶେଖରପୁରରେ ଜାଗା ଚିହ୍ନଟ ସରିଛି। ଏହି ମଣ୍ଡପରେ ୧୦ ହଜାର ଲୋକ ବସି ପାରିଲା ଭଳି ବ୍ୟବସ୍ଥା ରହିବ। ଏତଦ୍ ବ୍ୟତୀତ ଅତ୍ୟାଧୁନିକ ବ୍ୟବସ୍ଥା ରହିବ ଅନେକଗୁଡ଼ିଏ କାମ ଏବେ କନସେପ୍ଟ ଷ୍ଟେଜରେ ଅଛି। ଆଗକୁ ଏହାର କାର୍ଯ୍ୟ ଆରମ୍ଭ କରାଯିବ। ରାଜ୍ୟରେ ନୂଆକରି ନିର୍ମାଣ ହେବ ସେକ୍ରେଟେରିଏଟ୍ (ଲୋକସେବା ଭବନ) ଏବଂ ବିଧାନସଭା। ନୂତନ ଭାବେ ଲୋକସେବା ଭବନ ଏବଂ ବିଧାନସଭାର ନିର୍ମାଣ ହେବ। ଓଡ଼ିଶା ଏକ ବାତ୍ୟା ପ୍ରଭାବିତ ଅଞ୍ଚଳ ହୋଇଥିବାରୁ ଅନେକ ସ୍ଥାନରେ ବାତ୍ୟା ପ୍ରତିରୋଧ ବିଲ୍ଡିଂ ନିର୍ମାଣ ହେବାର ଆବଶ୍ୟକତା ରହିଛି। ତେଣୁ ନୂଆ। ପ୍ରୋଜେକ୍ଟକୁ ସଠିକ୍ ସମୟରେ ସାରିବାକୁ ସରକାର ଫୋକସରେ ରଖିଛନ୍ତି । ବଡ଼ଦାଣ୍ଡରେ ମଦ ଓ ଆମିଷ ବିକ୍ରି କରାଯାଇ ପାରିବ ନାହିଁ। ବଡ଼ଦାଣ୍ଡ ଓ ଶ୍ରୀମନ୍ଦିରର ୨ କିଲୋମିଟର ଅବଧି ମଧ୍ୟରେ ମଦ ବାର ଖୋଲାଯିବାକୁ ବାରଣ କରାଯାଇଛି। ତେଣେ ଏହି ପରିସର ଭିତରେ ମଦ ଓ ଆମିଷ ବିକ୍ରିକୁ ନିଷିଦ୍ଧ କରାଯାଇଛି। ସବୁ ଦିନ ଲାଗି ଏହି ନିୟମ ଲାଗୁ ରହିବ ବୋଲି ମନ୍ତ୍ରୀ।

## ୧୨୪ ବର୍ଷର ରେକର୍ଡ ଭାଙ୍ଗିଲା ମେ ମାସର ବର୍ଷା

ନୂଆଦିଲ୍ଲୀ,୮।୬(ମହାଭାରତ): ମେ ମାସଟି ବର୍ଷର ସର୍ବାଧିକ ଗରମ ମାସଭାବେ ଜଣାଶୁଣା। କିନ୍ତୁ ଏଥର ଦୃଶ୍ୟ ସମ୍ପୂର୍ଣ୍ଣ ଭିନ୍ନ ଥିଲା ।ଏଥର ମେ ମାସରେ ରେକର୍ଡ ବର୍ଷା ହୋଇଛି ଏପରିକି ତାହା ୧୨୪ ବର୍ଷର ରେକର୍ଡ ଭାଙ୍ଗିଦେଇଛି। ପାଣିପାଗ ବିଭାଗ (ଆଇଏମଡି)ର ରିପୋର୍ଟ ଅନୁଯାୟୀ, ଏଥର ମେ ମାସରେ ୧୨୬.୭ ମିମି ବର୍ଷା ରେକର୍ଡ କରାଯାଇଛି । ଏହା ୧୯୦୧ ପରଠାରୁ ସର୍ବାଧିକ ଅର୍ଥାତ, ଏହା ଏକ ଐତିହାସିକ ଋତୁକାଳୀନ ପରିବର୍ତ୍ତନ ଗତ ଶତାବ୍ଦୀ ଆରମ୍ଭ ପରେ ଏବେ ଦେଖିବାକୁ ମିଳିଛି। ଏହା କେବଳ ବର୍ଷା ନୁହେଁ ବରଂ ପାଗର ମିଜାଜ ଏକ ବଡ଼ ପରିବର୍ତ୍ତନ ଥିଲା। ପୁଣି ଆହୁରି ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏବର୍ଷ ସମୟର ଯଥେଷ୍ଟ ପୂର୍ବରୁ ଦକ୍ଷିଣ-ପଶ୍ଚିମ ମୌସୁମୀ ଭାରତରେ ପହଞ୍ଚିଥିଲା।

## ବିଦ୍ୟୁତ୍ ଆଘାତରେ ୩ ଶ୍ରମିକ ମୃତ

ସୋର/ଭୁବନେଶ୍ୱର,୮।୬(ମହାଭାରତ): ରାଜ୍ୟରେ ନିର୍ମାଣ କାମରେ ଅବହେଳା କାରଣରୁ ବାରମ୍ବାର ଅଘଟଣ ଘଟୁଛି। ଏଥିପାଇଁ ଅକାରଣରେ ଶ୍ରମିକମାନଙ୍କର ଜୀବନ ଯାଉଛି। ସରକାରଙ୍କ ଗାଇଡଲାଇନ୍ ଉଲ୍ଲଂଘନ, ଠିକା ସଂସ୍ଥାର ଅବହେଳା ଓ ଘର ମାଲିକମାନଙ୍କର ଅଣଦେଖା କାରଣରୁ ନିର୍ମାଣ କାମରେ ନିୟୋଜିତ ଶ୍ରମିକମାନଙ୍କର ଅଯଥାରେ ମୃତ୍ୟୁ ଘଟୁଛି । ନିର୍ମାଣ କାମ ବେଳେ ପୁଣି ଅଘଟଣ ଘଟିଛି। କଟକର ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟରେ ନିର୍ମାଣାଧୀନ ୬ ମହଲା କୋଠାରୁ ପଡ଼ି ଜଣେ ଶ୍ରମିକଙ୍କ ମୃତ୍ୟୁ ମନରୁ ଲିଭିନାହିଁ ଏପଟେ ୨୪ ଘଣ୍ଟା ମଧ୍ୟରେ ବାଲେଶ୍ୱର ଜିଲ୍ଲା ସିମୁଳିଆ ଥାନା ଝିଙ୍କିରିଆ। ପଞ୍ଚାୟତ ଗଗନଧୂଳି ଗାଁରେ ନିର୍ମାଣକାମ ବେଳେ ୩ ଜଣ ଶ୍ରମିକଙ୍କର ମୃତ୍ୟୁ ଘଟିଛି। ମୃତକମାନେ ହେଲେ ବାବାଜୀ ମାଝୀ ଓ ବାପି ମାଝୀ ଅନ୍ୟ ଜଣକ ପରିଚୟ ମିଳିପାରିନାହିଁ।

ସୂଚନା ଅନୁସାରେ ଗଗନଧୂଳି ଗାଁର ବାପି ମାଝୀଙ୍କର ଘରେ ଆଜି ଶ୍ରମିକମାନେ କାମ କରୁଥିବା ବେଳେ ଅଘଟଣ ଘଟିଛି। ଶ୍ରମିକମାନେ ପାଇଖାନା ଟାଙ୍କି ପାଇଁ କାମ କରୁଥିବା ବେଳେ ସେଠାରେ ବିଦ୍ୟୁତ ସଂଯୋଗ କରିଥିଲେ। ତେଣୁ ୩ ଜଣ ଶ୍ରମିକ ବିଦ୍ୟୁତ ଆଘାତରେ ଶିକାର ହୋଇଥିଲେ। ତେବେ



ଘଟଣାସ୍ଥଳରେ ଜଣେ ଶ୍ରମିକଙ୍କର ମୃତ୍ୟୁ ହୋଇଥିଲା ଅନ୍ୟ ୨ ଜଣଙ୍କୁ ଡାକ୍ତରଖାନା ସ୍ଥାନାନ୍ତରିତ କରାଯାଇଥିଲା। ତେବେ ନିର୍ମାଣ କାମରେ ନିୟୋଜିତ ଶ୍ରମିକମାନଙ୍କର ମୃତଦେହକୁ ପୁଲିସ ଜବତ କରିଛି। ଏକ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ କରୁଛି। ପୁଲିସ ଘର ମାଲିକଙ୍କୁ ପଚରାଉଚୁରା କରୁଛି।

## ବର୍ଷାରେ ଭିଜିପାରେ ରଜ

ଭୁବନେଶ୍ୱର,୮।୬(**ମହାଭାରତ**): ବଙ୍ଗୋପସାଗରେ ଲଘୁଚାପ ସୃଷ୍ଟି ସମ୍ଭାବନା ଦେଖା ଦେଇଛି। ରବିବାର ଦକ୍ଷିଣ ପୂର୍ବ ଓ ସଂଲଗ୍ନ ପୂର୍ବକେନ୍ଦ୍ରୀୟ ବଙ୍ଗୋପସାଗରେ ସୃଷ୍ଟି ହୋଇଛି ଘୂର୍ଣ୍ଣିବଳୟ। ଏହାର ପ୍ରଭାବରେ ଆସନ୍ତା ୧୩ ତାରିଖ ମଧ୍ୟରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ଯଥେଷ୍ଟ ସମ୍ଭାବନା ରହିଛି। ୧୪-୧୬ ଜୁନ ମଧ୍ୟରେ ଉତ୍ତର ବଙ୍ଗୋପସାଗରରେ ଲଘୁଚାପ ସମ୍ଭାବନା ରହିଛି।୧୨ ଜୁନ ପରଠାରୁ ରାଜ୍ୟରେ ପାଗରେ ପରିବର୍ତ୍ତନ ହେବା ସହିତ ୧୪ ତାରିଖଠାରୁ ଧୀରେ ଧୀରେ ବର୍ଷାର ବିସ୍ତୃତି ବଢିପାରେ। ଏହାର ପ୍ରଭାବରେ ଉତ୍ତର ଓ ଦକ୍ଷିଣ ଓଡ଼ିଶାରେ ଘଡ଼ଘଡ଼ି ସହ ପ୍ରବଳ ବର୍ଷା ହେବା ନେଇ ସମ୍ଭାବନା ରହିଥିବା ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି।

ଏଥିସହ ପାଣିପାଗ ବିଭାଗ ପକ୍ଷରୁ ଆସନ୍ତା ୧୩ ତାରିଖ ପର୍ଯ୍ୟନ୍ତ କାଳବୈଶାଖୀଜନିତ ବିଜୁଳି, ଘଡ଼ଘଡ଼ି ସହ ବର୍ଷା ନେଇ ବିଭିନ୍ନ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଏହା ସହିତ ଆସନ୍ତାକାଲି ପାଇଁ ୨୬ଟି ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ବିଭିନ୍ନ ସ୍ଥାନରେ କାଳବୈଶାଖୀ ପ୍ରଭାବରେ ଘଡ଼ଘଡ଼ି ସହ ବର୍ଷା ହେବା ନେଇ ଚେତାବନୀ ମିଳିଛି। ଏହାର ପ୍ରଭାବରେ ବଙ୍ଗୋପସାଗର ଓ ଅଣ୍ଡାମାନ ସାଗର ଉପରେ ପାଗ ମେଘୁଆ। ରହିବ ଆକାଶ ବାଦଲରେ ଆଚ୍ଛାଦିତ ହେବ ବୋଲି ଅନୁମାନ କରାଯାଇଛି। ଅନ୍ୟପକ୍ଷରେ, ୨୪ ଘଣ୍ଟା ମଧ୍ୟରେ ରାଜ୍ୟର କେତେକ ସ୍ଥାନରେ କାଳବୈଶାଖୀ ସମ୍ଭାବନା ଥିବା ସୂଚନା ଦେଇଛି ଆଞ୍ଚଳିକ ପାଣିପାଗ ବିଭାଗ। ଆସନ୍ତା ୧୩ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି।

## ସବୁ ଜିଲ୍ଲା ପାଇଁ ଅତିଥି ଭବନ

**ଭୁବନେଶ୍ୱର,୮।୬(ମହାଭାରତ):** ଭୁବନେଶ୍ୱର ଆସୁଥିବା ରାଜ୍ୟର ଲୋକଙ୍କ ପାଇଁ ମୋହନ ସରକାର ଏକ ଐତିହାସିକ ପଦକ୍ଷେପ ନେବାକୁ ଯାଉଛନ୍ତି। ରାଜ୍ୟ ସରକାରଙ୍କ ଏହି ନୂଆ ନିଷ୍ପତ୍ତି କାର୍ଯ୍ୟରେ ପରିଣତ ହେଲେ ଉପାନ୍ତ, ଦୁର୍ଗମ ତଥା ଶହଶହ କିଲୋମିଟର ଦୂରରୁ ଭୁବନେଶ୍ୱର ଆସୁଥିବା ଲୋକଙ୍କୁ ସାମୟିକ ସମୟ ପାଇଁ ରହିବା ଓ ଫ୍ରେସ୍ ହେବା ଭଳି ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବ ନାହିଁ। ରାଜ୍ୟ ସରକାର ପ୍ରତି ଜିଲ୍ଲାର ଲୋକଙ୍କ ପାଇଁ ଅତିଥି ଭବନ ନିର୍ମାଣ କରିବାକୁ ଯାଉଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ରବିବାର ଏହି ସୂଚନା ଦେଇଛନ୍ତି।ରାଜସ୍ୱ ମନ୍ତ୍ରୀ ଗଣମାଧ୍ୟମର ପ୍ରତିନିଧିଙ୍କୁ ତାଙ୍କର ପ୍ରତିକ୍ରିୟାରେ କହିଛନ୍ତି, ପ୍ରତି ଜିଲ୍ଲାର ଲୋକଙ୍କ ପାଇଁ ରାଜଧାନୀରେ ଅତିଥି ଭବନ ନିର୍ମାଣ ହେବ। ଏହା ଦ୍ୱାରା ରାଜ୍ୟବାସୀ ଉପକୃତ ହେବେ। ଅନେକ ଲୋକ ରାଜଧାନୀକୁ ସ୍ୱାସ୍ଥ୍ୟ ସେବା ପାଇଁ ଆସନ୍ତି। ଏହା ସହ ଶିକ୍ଷା ଲାଭ ତଥା ରାଜ୍ୟ ସରକାରଙ୍କର ଅନ୍ୟାନ୍ୟ ସୁବିଧା ପାଇବା ପାଇବା ପାଇଁ ମଧ୍ୟ ଏଠାକୁ ଆସିଥାନ୍ତି। ଏଠି ରହିବା ପାଇଁ ସେମାନେ ହୋଟେଲ୍ କିମ୍ବା ଅନ୍ୟା ଜାଗାରେ ରହିବା ପାଇଁ ଅନେକ ଖର୍ଚ୍ଚାନ୍ତ ହେଉଛନ୍ତି।ତେଣୁ ଲୋକଙ୍କ ସୁବିଧା ପାଇଁ ଗେଷ୍ଟ୍ ହାଉସ ପ୍ରସ୍ତୁତ ହେବ। ଏହା ଦ୍ୱାରା ଲୋକ ସୁବିଧାରେ ରହି ନିଜ ଆବଶ୍ୟକୀୟ କାମ କରିପାରିବେ।

## ମାଟି ତଳେ ଚାଲିବ ମେଟ୍ରୋ

**ଭୁବନେଶ୍ୱର, ୮।୬ (ମହାଭାରତ) :** ଅକ୍ଷତ ରହିବ ରାଜଧାନୀର ସୌନ୍ଦର୍ଯ୍ୟ। ବଦଳିବ ଭୁବନେଶ୍ୱର ମେଟ୍ରୋ ରୂପରେଖ। ମାଟି ଉପରେ ନୁହେଁ, ମାଟି ତଳେ ଦୌଡ଼ିବ ମେଟ୍ରୋ ଟ୍ରେନ୍। ରୁଟ୍ ବି ବଦଳିବ। ନିର୍ମାଣ ହେବ ଭୂତଳ ମେଟ୍ରୋ ପ୍ରକଳ୍ପ। ଏ ନେଇ ସୂଚନା ଦେଇଛନ୍ତି ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। କହିଛନ୍ତି, ଭୂତଳ ମାର୍ଗରେ ଭୁବନେଶ୍ୱର ମେଟ୍ରୋ ଚଳାଚଳ ଲାଗି ସରକାର ନିଷ୍ପତ୍ତି ନେଇଛନ୍ତି।

ସେ କହିଛନ୍ତି ରାଜ୍ୟ ସରକାର ଭୁବନେଶ୍ୱରର ସୌନ୍ଦର୍ଯ୍ୟକୁ ଅକ୍ଷୁର୍ଣ୍ଣ ରଖିବାକୁ ଚାହୁଁଛନ୍ତି। ଭୁବନେଶ୍ୱରର ସୌନ୍ଦର୍ଯ୍ୟରେ ଯେଭଳି କୌଣସି ପ୍ରକାରର ବାଧା ନପହୁଞ୍ଚିବ, ତାକୁ ଦୃଷ୍ଟିରେ ରଖି ନିର୍ମାଣ କାମ ଆଗକୁ ବାଢ଼ିବାକୁ ଲକ୍ଷ୍ୟ ରଖିଛନ୍ତି। ଏହି କ୍ରମରେ ବହୁପ୍ରତୀକ୍ଷିତ ମେଟ୍ରୋ ରେଳ ପ୍ରକଳ୍ପ ନେଇ ରାଜ୍ୟ ସକାର ବଡ଼ ନିଷ୍ପତ୍ତି ନେଇଛନ୍ତି। ରାଜଧାନୀ ସହରରେ ଇଲେଭେଟେଡ ମେଟ୍ରୋ ରେଳ ବ୍ୟବସ୍ଥା ନୁହେଁ। ବରଂ ପ୍ରଶାସନ ବର୍ତ୍ତମାନ ମାଟିତଳେ ମେଟ୍ରୋ ରେଳ ନେଟୱାର୍କ ସଂପ୍ରସାରଣ କରିବା ପାଇଁ ଯୋଜନା ଉପରେ କାର୍ଯ୍ୟ କରୁଛନ୍ତି।

ବିଭିନ୍ନ ଲଜିଷ୍ଟିକ ଏବଂ ସହରୀ ଯୋଜନା ସମ୍ବନ୍ଧୀୟ ଚିନ୍ତା ଯୋଗୁଁ ଭୁବନେଶ୍ୱର ପାଇଁ ଇଲେଭେଟେଡ ମେଟ୍ରୋ ରେଳକୁ ପ୍ରତ୍ୟାଖ୍ୟାନ କରାଯାଇଛି। ସହରର ଭୂଦୃଶ୍ୟ ଏବଂ ଟ୍ରାଫିକ ଭିଡ଼ ଇଲେଭେଟେଡ ମେଟ୍ରୋକୁ ସମର୍ଥନ କରୁନାହିଁ। ଆମେ ଏବେ ମାଟିତଳେ ମେଟ୍ରୋ ରେଳ ବ୍ୟବସ୍ଥା ସହ ଆଗକୁ ବଢୁଛୁ। ପ୍ରସ୍ତାବିତ ମାଟିତଳେ ମେଟ୍ରୋ ରେଳ ପ୍ରକଳ୍ପ ପାଇଁ ଏକ ନୂତନ ରୁଟ ନିର୍ଦ୍ଧାରଣ କରାଯାଇ ନାହିଁ। ନଗର ଉନ୍ନୟନ ବିଭାଗକୁ ଏନେଇ ଅନୁରୋଧ କରାଯାଇଛି ଏବଂ ସର୍ଭେ ପାଇଁ କିଛି ସମୟ ଲାଗିବ।ଇଲେଭେଟେଡ ମେଟ୍ରୋ କରିଡର ଭୁବନେଶ୍ୱର ଏବଂ ଏହାର ଆଖପାଖର ସୌନ୍ଦର୍ଯ୍ୟକୁ କ୍ଷତି କରିବ। ମାଟିତଳେ ମେଟ୍ରୋ ରେଳ ପ୍ରକଳ୍ପ ପାଇଁ ନିଷ୍ପତ୍ତି ନିଆଯାଇଛି। ଏହା କିପରି କାର୍ଯ୍ୟକାରୀ ହେବ ଏବଂ ନଗର ଉନ୍ନୟନ ବିଭାଗ ଦ୍ୱାରା କେଉଁ ସର୍ଭେ କରାଯିବ। ପରବର୍ତ୍ତୀ ସମୟରେ, ଓଡ଼ିଶା ସରକାର ମୂଳତଃ ଅନୁମୋଦନ ନେବା ନିଷ୍ପତ୍ତି ନେବ, ମନ୍ତ୍ରୀ କହିଛନ୍ତି। ମନ୍ତ୍ରୀ କହିଛନ୍ତି, ଗୃହ ଓ ନଗର ଉନ୍ନୟନ ବିଭାଗ ଏହି ପ୍ରକଳ୍ପ ପାଇଁ ଯୋଜନା ପ୍ରସ୍ତୁତ କରିବା ପାଇଁ ଆଗୁଆ। କାମ ଆରମ୍ଭ କରିଛି। ପ୍ରସ୍ତାବିତ ମାଟିତଳେ ରେଳ ପ୍ରକଳ୍ପ ପାଇଁ ସବୁଠାରୁ ଉପଯୁକ୍ତ ରୁଟ ଏବଂ ଭିତ୍ତିଭୂମି ଆବଶ୍ୟକତା ମୂଲ୍ୟାଙ୍କନ କରିବା ପାଇଁ ସମ୍ଭାବ୍ୟତା ଅଧ୍ୟୟନ ଏବଂ ବୈଷୟିକ ବିଶେଷଜ୍ଞ ଏବଂ ହିତାଧିକାରୀମାନଙ୍କ ସହ ପରାମର୍ଶ ଚାଲିଛି।

## ୪ ସ୍ତମ୍ଭ ଉପରେ ଫୋକସ୍ କରିଛି ଲୋକଙ୍କ ସରକାର

ଭୁବନେଶ୍ୱର,୮।୬(ମହାଭାରତ): ଲୋକସେବା ଭବନ କନଭେନସନ ସେଣ୍ଟର ଠାରେ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଉପଲକ୍ଷେ ସାଂସଦ ଓ ବିଧାୟକଙ୍କ ସହ ବିଶେଷ ଅଧିବେଶନ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇଛନ୍ତି। ଏହି ଅବସରରେ ଅପରେସନ୍ ସିନ୍ଦୂରର ସଫଳତା ନେଇ ପ୍ରଥମେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରଶଂସା କରିଛନ୍ତି। ସରକାରର ଏକ ବର୍ଷ ପୂର୍ତ୍ତି ଅବସରରେ ଲୋକଙ୍କୁ ଦେଇଥିବା ପ୍ରତିଶ୍ରୁତି ପାଳନ କରିଥିବା ଓ ଆଗାମୀ ଦିନର କିପରି ଓଡ଼ିଶାକୁ ସମୃଦ୍ଧ ରାଜ୍ୟରେ ପରିଣତ କରାଯାଇପାରିବ ସେ ନେଇ ଆଲୋଚନା କରିଥିଲେ।



ମୁଖ୍ୟମନ୍ତ୍ରୀ ତାଙ୍କ ଅଭିଭାଷଣରେ କହିଛନ୍ତି ଯେ, ମୁଁ ଖୁସି ଓ ଗଭୀର କୃତଜ୍ଞତାର ସହ ଆଜି ଆପଣଙ୍କ ସମ୍ମୁଖରେ ଆମ ରାଜ୍ୟର ସେବାରେ ଆମ ସରକାରଙ୍କ ଏକ ସଫଳ ବର୍ଷ ପୂରଣ ଅବସରରେ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଅଛି। ପ୍ରଥମେ ମୁଁ ଆତଙ୍କବାଦ ବିରୋଧରେ ଅପରେସନ ସିନ୍ଦୁରର ସଫଳତା ପାଇଁ ଭାରତର ସେନା ବାହିନୀକୁ ସଲାମ କରୁଛି ଏବଂ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ଦୃଢ ନେତୃତ୍ୱ ପାଇଁ ଅଭିନନ୍ଦନ ଜଣାଉଛି।ମୋଦୀଜୀଙ୍କ ଦୃଢ ନେତୃତ୍ୱରେ ଭାରତ ଆଜି ସାରା ବିଶ୍ୱରେ ଆତଙ୍କବାଦ ବିରୋଧରେ ଲଢେଇ କରୁଥିବା ସବୁଠାରୁ ଅଗ୍ରଣୀଦେଶ ଭାବେ ବିଶ୍ୱର ଦୃଷ୍ଟି ଆକର୍ଷଣ କରିପାରିଛି। ମାତୃଶକ୍ତିର ମର୍ଯ୍ୟାଦାର ସୁରକ୍ଷା ପାଇଁ ମୋଦୀଜୀ ହେଉଛନ୍ତି ଦେଶର ସର୍ବକାଳୀନ ସର୍ବଶ୍ରେଷ୍ଠ ନେତା। ପାକିସ୍ତାନର ଆତଙ୍କବାଦର ମୁଖାକୁ ସାରା ବିଶ୍ୱରେ ଖୋଲିବା ପାଇଁ ଓଡିଶାର ଦୁଇଜଣ ମାନ୍ୟବର ସାଂସଦ (ଅପରାଜିତା ଷଡଙ୍ଗୀ ଏବଂ ବୈଜୟନ୍ତ ପଣ୍ଡା) ଭାରତର ସଫଳ ପ୍ରତିନିଧି କରିଥିଲେ। ସେମାନଙ୍କୁ ମଧ୍ୟ ମୁଁ ଅଭିନନ୍ଦନ ଜଣାଉଛି। ଆଜିକୁ ଏକ ବର୍ଷ ତଳେ ଅର୍ଥାତ ଜୁନ ୪, ୨୦୨୪ରେ ଓଡିଶାର ଜନ ସାଧାରଣ ଆମ ଉପରେ ଆସ୍ଥା ପ୍ରକଟ କରି ଆମକୁ ସମୃଦ୍ଧି ଓ ବିକଶିତ ଓଡ଼ିଶା ଗଠନର ଦାୟିତ୍ୱ ଦେଇଥିଲେ, ଏବଂ ଜୁନ ୧୨ ତାରିଖରେ ଓଡିଶାରେ ପ୍ରଥମ ଥର ଭାବେ ଆମ ସରକାର ଗଠନ ହୋଇଥିଲା ଏହା ଆମ ସମସ୍ତଙ୍କ ପାଇଁ ଏକ ଐତିହାସିକ କ୍ଷଣ ଥିଲା।

ଗତ ଏକ ବର୍ଷର ଯାତ୍ରା ଏକ ସ୍ପଷ୍ଟ ଜନାଦେଶ ଏବଂ ଦୃଢ଼ ପ୍ରତିବଦ୍ଧତା ସହିତ ଆରମ୍ଭ ହୋଇଥିଲା ଏକ ସ୍ୱଚ୍ଛ, ଉତ୍ତରଦାୟୀ ଏବଂ ଜନକଲ୍ୟାଣକାରୀ ଶାସନର ନୂତନ ଯୁଗ ଆରମ୍ଭ ହୋଇପାରିଛି। କ୍ଷେତରେ ଚାଷୀଙ୍କ ଠାରୁ ଆରମ୍ଭ କରି ଗାଁର କାରିଗର, ଶ୍ରେଣୀ ଗୃହରେ ଛାତ୍ରଙ୍କ ଠାରୁ ଆରମ୍ଭ କରି ଉଦ୍ୟୋଗୀ ପର୍ଯ୍ୟନ୍ତ ପ୍ରତ୍ୟେକ ନାଗରିକଙ୍କୁ ସଶକ୍ତ କରିବା ପାଇଁ ଆମେ ପ୍ରତିଶ୍ରୁତି ଦେଇଥିଲୁ ମୁଁ ଖୁସି ଓ ଆନନ୍ଦର ସହ କହିବାକୁ ଚାହେଁ ଯେ, ଏହି ସ୍ୱଳ୍ପସମୟ ମଧ୍ୟରେ, ଆମେ ଉଲ୍ଲେଖନୀୟ ଅଗ୍ରଗତି କରିଛୁ ଏବଂ ଆମର ପ୍ରତିଶ୍ରୁତିଗୁଡ଼ିକୁ ବାସ୍ତବତାରେ ପରିଣତ କରିଛୁ।

ଶାସନଭାର ସମ୍ଭାଳିବା ସହିତ ଆସିଥିଲା ଏକ ଗୁରୁ ଦାୟିତ୍ୱ। ଓଡିଶାର ସାଢେ ଚାରିକୋଟି ଜନତା ଯେଉଁ ଆଶା ଓ ଆକାଂକ୍ଷା ସହିତ ଏକ ବିକଳ୍ପ ବାଛିଥିଲେ, ତାହା ପୂରଣ କରିବା ଆମ ସମସ୍ତଙ୍କର କର୍ତ୍ତବ୍ୟ ଥିଲା। ମୁଁ ଭଲ ଭାବେ ଜାଣିଥିଲି ପ୍ରଥମ ଦିନରୁ ହିଁ ଆରମ୍ଭ ହୋଇଯିବ। ବିଗତ ସରକାର ସହିତ ତୁଳନା ମୁଁ ଏହା ବି ହୃଦୟଙ୍ଗମ କରିଥିଲି ଯେ ଲୋକେ କହିବେ ଆମର ମନ୍ତ୍ରୀମଣ୍ଡଳ ଏକ ଅନଭିଜ୍ଞ ମନ୍ତ୍ରୀମଣ୍ଡଳ। ଆମ ଦେଇଥିବା ପ୍ରତିଶ୍ରୁତି ପୂରଣ କରିବା ପାଇଁ ସମୟ ବହୁତ କମ ଥିଲା। ତେଣୁ ପ୍ରଧାନମନ୍ତ୍ରୀ ମୋଦୀଜୀଙ୍କ ଆଶୀର୍ବାଦରେ ଶପଥଗ୍ରହଣ ଉତ୍ସବ ସାରିବା ମାତ୍ରେ ପ୍ରଥମ କ୍ୟାବିନେଟ ବସିଥିଲା ଏବଂ ମାତ୍ର ୨୪ ମିନିଟରେ ଚାରିଗୋଟି ଐତିହାସିକ ନିଷ୍ପତ୍ତି ନିଆଯାଇଥିଲା, ଯାହା ଆମ ପ୍ରତିଶ୍ରୁତିର ଥିଲା ଆତ୍ମା। ଆଉ ସେହି ଦିନରୁ ଆରମ୍ଭ ହୋଇଥିଲା ସୁଶାସନର ଯାତ୍ରା। ତା ପରଦିନ ଅର୍ଥାତ, ଜୁନ ୧୩ ତାରିଖ ଦିନ ମୁଁ ମୋର ପୁରା ମନ୍ତ୍ରୀମଣ୍ଡଳ ସହିତ ପ୍ରଭୁ ଜଗନ୍ନାଥଙ୍କ ଦର୍ଶନରେ ଯାଇଥିଲି ଏବଂ ସେହିଦିନ ନୂତନ ସରକାରଙ୍କ ପ୍ରଥମ ନିଷ୍ପତ୍ତି କାର୍ଯ୍ୟକାରୀ ହୋଇଥିଲା, ଶ୍ରୀମନ୍ଦିରର ଚାରିଦ୍ୱାର ଖୋଲିବା ପ୍ରଭୁଙ୍କ ଆଶୀର୍ବାଦ ନେଇ ନୂଆ। ସରକାରଙ୍କ କାର୍ଯ୍ୟ କାଳ ଆରମ୍ଭ ହୋଇଥିଲା ଏବଂ ଆଜି ପ୍ରାୟ ଏକ ବର୍ଷ ପରେ ଏହି ନୂତନ ସରକାର ଲୋକଙ୍କ ଆଶା ଆକାଂକ୍ଷା ପୂରଣ କରିବା ପାଇଁ ସମର୍ଥ ହୋଇଥିଲା। ଆପଣମାନେ ଜାଣିଛନ୍ତି ମାନନୀୟ ପ୍ରଧାନମନ୍ତ୍ରୀ ସବୁବେଳେ (ପୃ-୩)

# ଚିକେନ ଲଲିପପ

**ଆବଶ୍ୟକ ସାମଗ୍ରୀ:** ଚିକେନ, ସୋୟା ସସ, ଚିଲି ସସ, ଟମାଟୋ କ୍ୟାଚଅପ୍, ଲେମ୍ବୁ ରସ, ଅଦାରସୁଣ ପେଷ୍ଟ, ଲୁଣ, ଗୋଲମରିଚ ଗୁଣ୍ଡ, ଅଣ୍ଡା, କର୍ଣ୍ଣଫ୍ଲୋର, ମଇଦା, ଚିଲି ଫ୍ଲେକ୍ସ, ସ୍ପ୍ରିଙ୍ଗ ଓନିଅନ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଏକ ବାଉଲରେ ସୋୟା ସସ, ଚିଲିସସ, ଟମାଟୋ କ୍ୟାଚଅପ, ଲେମ୍ବୁ ରସ, ଅଦାରସୁଣ ପେଷ୍ଟ, ଲୁଣ, ଗୋଲମରିଚ ଗୁଣ୍ଡ, ଅଣ୍ଡା, କର୍ଣ୍ଣଫ୍ଲୋର ଓ ମଇଦା, ଲୁଣକୁ ମିଶାଇ ଏକ ଭଲ ଘୋଳ ପ୍ରସ୍ତୁତ କରନ୍ତୁ। ଏହାପରେ ସେଥିରେ ଚିକେନକୁ ମ୍ୟାରିନେଟ କରି ଗୋଟିଏ ଘଣ୍ଟା ପାଇଁ ଛାଡ଼ି ଦିଅନ୍ତୁ। ଏହାପରେ ଏକ କଡ଼େଇରେ ତେଲ ଗରମ କରି ଚିକେନକୁ ଫ୍ରାଏ କରି ରଖନ୍ତୁ। ଏବେ ଆଉ ଏକ ପ୍ୟାନରେ କିଛି ତେଲ ନେଇ ସେଥିରେ ଛୋଟ ଛୋଟ କଟା ଯାଇଥିବା, ଅଦା, ରସୁଣ, ଚିଲି ଫ୍ଲେକ୍ସ, ଚିଲି ସସ, ସୋୟା ସସ, ଟମାଟୋ କ୍ୟାଚଅପ୍, ଲୁଣ ମିଶାଇ ଗୋଳାନ୍ତୁ। ଅଳ୍ପ କିଛି ପାଣି ମିଶାନ୍ତୁ। ଏହାପରେ ସେଥିରେ ଛଣା ଯାଇଥିବା ଚିକେନ ପକାଇ ଭଲ ଭାବେ ଗୋଳାଇ ଦିଅନ୍ତୁ। ଏହା ଉପରେ କିଛି ସ୍ପ୍ରିଙ୍ଗ ଓନିଅନ ପକାନ୍ତୁ। ଏଥର ଚିକେନ ଲଲିପପ ପ୍ରସ୍ତୁତ ହୋଇଗଲା।



ଖବର

# ପୁଣି ମହାଶ୍ୱେତାଙ୍କ ସହ ସୂର୍ଯ୍ୟମୟୀ





୨୦୧୫ରେ ରିଲିଜ୍ ହୋଇଥିବା 'ଭଲ ପାଏ ତତେ ଶହେରୁ ଶହେ'ରୁ କ୍ୟାରିୟର୍ ଆରମ୍ଭ କରିଥିବା ଲୋକପ୍ରିୟ ନାୟିକା ସୂର୍ଯ୍ୟମୟୀ ଏବେ ଓଲିଉଡରେ ଦଶବର୍ଷ ପୂରଣ କରିଛନ୍ତି। ତାଙ୍କ ହାତକୁ ଆସିଛି ଆଉ ଏକ ନୂଆ ସିନେମା।୨୦୧୫ରେ

ରିଲିଜ୍ ହୋଇଥିବା 'ଭଲ ପାଏ ତତେ ଶହେରୁ ଶହେ'ରୁ କ୍ୟାରିୟର୍ ଆରମ୍ଭ କରିଥିବା ଲୋକପ୍ରିୟ ନାୟିକା ସୂର୍ଯ୍ୟମୟୀ ଏବେ ଓଲିଉଡରେ ଦଶବର୍ଷ ପୂରଣ କରିଛନ୍ତି। ତାଙ୍କ ହାତକୁ ଆସିଛି ଆଉ ଏକ ନୂଆ ସିନେମା। ସଂଯୋଗବଶତଃ, ଏଥିରେ ସେ ପୁଣି ବରିଷ୍ଠ ଅଭିନେତ୍ରୀ ମହାଶ୍ୱେତାଙ୍କ ଯୁବାବସ୍ଥାର ଭୂମିକା ନିଭାଉଛନ୍ତି। ଗତବର୍ଷ ମୁକ୍ତିଲାଭ କରିଥିବା 'ଆଶ୍ରମ'ରେ ବି ସୂର୍ଯ୍ୟମୟୀ ମହାଶ୍ୱେତାଙ୍କ ଯୁବାବସ୍ଥାର ଭୂମିକା ନିଭାଇ ପ୍ରଶଂସିତ ହୋଇଥିଲେ। ଏବେ ଯେଉଁ ସିନେମାରେ ସମାନ କଥା ଘଟିଛି, ତାହାର ଶୀର୍ଷକ ହେଲା 'ନାୟିକା'।ନବେ ଦଶକ ମଞ୍ଚ ନାଟକର ଜଣେ ଚର୍ଚ୍ଚିତ ଅଭିନେତ୍ରୀଙ୍କ ଜୀବନୀ ଉପରେ ଆଧାରିତ ଏହି ଚଳଚ୍ଚିତ୍ରରେ ମହାଶ୍ୱେତାଙ୍କ ଅଭିନୀତ ଚରିତ୍ରର ନାଆଁ ରହିଛି ପ୍ରଭାସମଞ୍ଜରୀ ଦେବୀ। 'ଆଶ୍ରମ'ରେ ଯେହେତୁ ସୂର୍ଯ୍ୟମୟୀ ମହାଶ୍ୱେତାଙ୍କ ଯୁବାବସ୍ଥାର ଭୂମିକାରେ ପ୍ରଭାବଶାଳୀ ଅଭିନୟ କରିଥିଲେ, ତେଣୁ ତାଙ୍କୁ 'ନାୟିକା'ରେ ନିଆଯାଇଛି ବୋଲି ଏହାର ନିର୍ଦ୍ଦେଶକ ସୁଧାଂଶୁମୋହନ ସାହୁ କହିଛନ୍ତି। ତେବେ ଏହାର କାହାଣୀ ଓ ଚରିତ୍ର 'ଆଶ୍ରମ'ଠାରୁ ସଂପୂର୍ଣ୍ଣ ଭିଉୟ ସୂର୍ଯ୍ୟମୟୀ ପୁଣି ନିଜ ଅଭିନୟରେ ଦର୍ଶକଙ୍କୁ ବାନ୍ଧି ରଖିବେ ବୋଲି ବିଶ୍ୱାସ। ଏଣେ 'ନାୟିକା' ଜରିଆରେ ସୂର୍ଯ୍ୟମୟୀ–ସୁଧାଂଶୁମୋହନ ସାହୁଙ୍କ ଯୋଡ଼ି ହାଟ୍ରିକ୍ କରିବାକୁ ଯାଉଛି। ରୂପେଶ କୁମାର ନାୟକ 'ନାୟିକା'ର ପ୍ରଯୋଜନା କରୁଥିବା ବେଳେ ଶଙ୍କର ତ୍ରିପାଠୀ ଏହାର କାହାଣୀ, ଚିତ୍ରନାଟ୍ୟ ଓ ସଂଳାପ ଲେଖିଛନ୍ତି।

# ବିନା ଖର୍ଚ୍ଚରେ ନଖକୁ କିପରି କରିବେ ସୁନ୍ଦର



ନାରୀ ଓ ପୁରୁଷ ସଭିଏଁ ଚାହିଥାନ୍ତି ନଖକୁ ସୁନ୍ଦର ଆଉ ମଜବୁତ ରଖିବାକୁ। ଖାସ କରି ନାରୀ ମାନେ ନଖ ବିବା, ନଖ ମଜବୁତ ରହିବା, ନଖ ନ ମରିବା ପାଇଁ ବିଭିନ୍ନ ପ୍ରକାରର ପ୍ରକ୍ରିୟା କରିଥାନ୍ତି। ହେଲେ ଘରେ ରହି ଘରୋଇ ଜିନିଷ ବ୍ୟବହାର କରି ଏହି ସମସ୍ୟାର ଉପଚାର କରିପାରିବା। ସେଥିପାଇଁ ପ୍ରଥମେ ଅଧ କପ ପାଣିକୁ ଗରମ କରି ସେଥିରେ ଦୁଇ ଚାମଚ ସାମ୍ପୋ, ଦୁଇ ବୁନ୍ଦା ଲେମ୍ବୁ ରସ, ଖାଇବା ଲୁଣ ଅଳ୍ପ ମାତ୍ରରେ ପକାଇ ସେଥିରେ ହାତକୁ ବୁଡ଼ାଇ ୫ ରୁ ୧୦ ମିନିଟ୍ ସମୟ ପର୍ଯ୍ୟନ୍ତ ରଖିବା। ପରେ ନଖକୁ ଭଲ ଭାବେ ମସାଜ କରି ହାତକୁ ଧୋଇଦେବେ। ଏହାଦ୍ୱାରା ହାତ ଓ ନଖ ସଫା ରହିଥାଏ। ପରେ ଗୋଟିଏ ଆତ ଫଳ ଭିତର ଧଳା ଅଂଶକୁ କୀ ୧୦ ମିନିଟ୍ ସମୟ ପର୍ଯ୍ୟନ୍ତ ନଖରେ ସ୍କ୍ରବିଂ କରିବେ। ନଖକୁ ଭଲ ଭାବେ ଧୋଇ ଦେବେୟ ପରେ ଦୁଇ ଚାମଚ କଞ୍ଚା କ୍ଷୀରରେ ନଖକୁ ମସାଜ କରିବେ। ଏହାସହ ଗୋଟିଏ ଲେମ୍ବୁକୁ କାଟି ଦୁଇ ଫାଳ କରି ଲେମ୍ବୁ ଚେପାକୁ ନଖରେ ୫ ମିନିଟ୍ ସମୟ ପର୍ଯ୍ୟନ୍ତ ସ୍କ୍ରବ କଲେ। ଏହା ନଖ ସଫା ରଖିଥାଏୟ ଏବଂ ଏହି ସମସ୍ତ ପକ୍ରିୟାକୁ ପ୍ରତିଦିନ ଦୁଇ ଥର କରିବା ଜରୁରୀ। ଏହାଦ୍ୱାରା ନଖ ବିବା ସହ, ନଖ ଫାଟିବନି, ନଖ ମରିବା ଭଳି ସମସ୍ୟା ହେବ ନାହିଁ।

# ବାସ୍ତୁ ନିୟମ ଅନୁଯାୟୀ ଏପରି ଅଙ୍କନ କରନ୍ତୁ ଝୋଟି

ବାସ୍ତୁ ନିୟମ ଅନୁଯାୟୀ ଝୋଟି ଦିଗ ଓ ରଙ୍ଗ ଅନୁଯାୟୀ ଅଙ୍କନ କରିବା ଉଚିତ। ଏପରି କରିବା ଦ୍ୱାରା ଜୀବନରେ ହସଖୁସି,ସୁଖସମୃଦ୍ଧି ଆସିଥାଏ। ଝୋଟି ଆଙ୍କିବା ଦ୍ୱାରା ନକରାତ୍ମକ ଶକ୍ତି ଦୂର ହୋଇଥାଏ। ଘରେ ସକରାତ୍ମକ ଶକ୍ତି ଆସିଥାଏ। ଭଗବାନଙ୍କ ବିଶେଷ କୃପା ପ୍ରାପ୍ତି ହୋଇଥାଏ। ଏହି କାରଣରୁ ହିଁ ପ୍ରତ୍ୟେକ ଶୁଭ ଅବସରରେ ବିଭିନ୍ନ ରଙ୍ଗ ଓ ଫୁଲ ଝୋଟି ଆଙ୍କିବାର ପରମ୍ପରାର ରହିଛି। ଏହି ଝୋଟି ପାଇଁ ଅଟା, ଚାଉଳ, ହଳଦୀ, କୁଙ୍କୁମ, ଫୁଲ, ପତ୍ର ଆଦି ବ୍ୟବହାର କରାଯାଇଥାଏ। ପୂର୍ବମୁଖୀ ଘରର



ମୁଖ୍ୟଦ୍ୱାରରେ ଝୋଟି ଆଙ୍କିଲେ, ଘରେ ସର୍ବଦା ସୁଖଶାନ୍ତି ଓ ସମୃଦ୍ଧି ପାଇଁ ଅଣ୍ଡାକାର ଝୋଟି ପକାନ୍ତୁ। ପୂର୍ବ ଦିଗରେ ଏହି ଆକାରର ଝୋଟି ପକାଇଲେ ଶୁଭଫଳ ପ୍ରାପ୍ତି ହୋଇଥାଏ। ଝୋଟି ପାଇଁ ଲାଲ, ହଳଦିଆ, ସବୁଜ, ଗୋଲାପି, ନାରଙ୍ଗୀ, ଆଦି ବ୍ୟବହାର କରନ୍ତୁ। ଉତ୍ତରମୁଖୀ ଘର ପାଇଁ ଉତ୍ତର ଦିଗରେ ଲହରୀ ଆକାରର ଝୋଟି ଅଙ୍କନ କରନ୍ତୁ। ଏଥିପାଇଁ ହଳଦିଆ, ସବୁଜ ଓ ଆକାଶୀର ରଙ୍ଗ ବ୍ୟବହାର କରନ୍ତୁ। ଏହା ଖୁବ ଶୁଭ। ଦକ୍ଷିଣପୂର୍ବରେ ତ୍ରିକୋଣ ଏବଂ ଦକ୍ଷିଣ ମୁଖୀ ଘରରେ ସୁନ୍ଦର ଆୟତକାରର ଝୋଟି ପକାନ୍ତୁ। ଏଥିପାଇଁ ଗାଢ ଲାଲ, ନାରଙ୍ଗୀ, ଗୋଲାପି ଓ ବାଇଗଣୀ ରଙ୍ଗର ବ୍ୟବହାର କରନ୍ତୁ। ଏହାଦ୍ୱାରା ଆପଣଙ୍କ ଜୀବନରେ ସୁଖ,ଯଶ ଏବଂ ଆତ୍ମବିଶ୍ୱାସ ବୃଦ୍ଧିରେ ସହାୟକ ହୋଇଥାଏ। ପଶ୍ଚିମମୁଖୀ ଘରର ପାଇଁ ସୁନେଲି ଓ ଧବଳ ରଙ୍ଗ ଝୋଟି ପାଇଁ ବ୍ୟବହାର କରନ୍ତୁ। ବୃତ୍ତାକାରର ଝୋଟି ଆଙ୍କନ୍ତୁ। ସୁନେଲି ଓ ଧବଳ ରଙ୍ଗ ସହ ଲାଲ, ହଳଦିଆ, ଲାଲ, ହାଲକା ସବୁଜ ରଙ୍ଗ ମଧ୍ୟ ବ୍ୟବହାର କରନ୍ତୁ। ପଞ୍ଚ□କୋଣ ଆକାରର ଝୋଟି ଅଙ୍କନ କରନ୍ତୁ।

# ସ୍କିନ୍ ପାଇଁ ଲାଭ ଦାୟକ ହୋଇଥାଏ କଞ୍ଚା କ୍ଷୀର ଏବଂ ଗାଜର



ଏବେ ଚର୍ମ ସମସ୍ୟା ଦେଖାଯିବା ଏକ ସାଧାରଣ କଥା ପାଲଟି ଗଲାଣି । ବିଶେଷକରି ଗ୍ରୀଷ୍ମ ଋତୁରେ, ସୂର୍ଯ୍ୟକିରଣର ସଂସ୍ପର୍ଶରେ ଆସିବା ଦ୍ୱାରା ସ୍କିନ୍ ଡଲ୍ , ଡ୍ରାଏ ଏବଂ ଖରାପ ଦେଖାଯାଇଥାଏ। ତେଣୁ ଏଥିଲାଗି ଆପଣ କଞ୍ଚା କ୍ଷୀର ବ୍ୟବହାର କରିପାରିବେ। କଞ୍ଚା କ୍ଷୀରରେ ଭିଟାମିନ୍ ଏ, ଡି, ବାୟୋଟିନ୍, ପ୍ରୋଟିନ୍ ଇତ୍ୟାଦି ଗୁଣ ରହିଥାଏ । ଏହାଦ୍ୱାରା ସ୍କିନ୍ ସହ ଜଡିତ ସମସ୍ତ ସମସ୍ୟାରୁ ମୁକ୍ତି ମିଳିଥାଏ। ତେବେ ଚାଲନ୍ତୁ ଜାଣିବା ଏହାର ବ୍ୟବହାର ଏବଂ ଏଥିରୁ ମିଳୁଥିବା ଫାଇଦା ।

କଞ୍ଚା କ୍ଷୀର ଏବଂ ଗାଜର ଜୁସ୍ : ଏକ ପାତ୍ରରେ ୨ ରୁ ୩ ଚାମଚ କଞ୍ଚା କ୍ଷୀର, ଗାଜର ରସ ଏବଂ ୧ ଛୋଟ ଚାମଚ ଦହି ମିଶାନ୍ତୁ। ପ୍ରସ୍ତୁତ ପେଷ୍ଟକୁ ମୁହଁ ଏବଂ ବେକରେ ପ୍ରାୟ ୧୦ ରୁ ୧୫ ମିନିଟ୍ ପର୍ଯ୍ୟନ୍ତ ଲଗାଇ ରଖନ୍ତୁ। ପରେ ଏହାକୁ ସଫା ପାଣିରେ ଭଲଭାବରେ ଧୋଇ ଦିଅନ୍ତୁ। ଏହା ମୁହଁରେ ଦାଗ, ରିଙ୍କଲ୍, ଡାର୍କ ସର୍କଲ୍, ପିମ୍ପଲ୍ ଭଳି ସମସ୍ୟା ଦୂର କରିଥାଏ। ଡ୍ରାଏ ସ୍କିନ୍ ର ସମସ୍ୟା ଦୂର ହୋଇ ଚେହେରା ଚମକପୂର୍ଣ୍ଣ, ନରମ ହୋଇଥାଏ।

କଞ୍ଚା କ୍ଷୀର ଏବଂ ହଳଦୀ :ଏକ ପାତ୍ରରେ ୧ ଚାମଚ କଞ୍ଚା କ୍ଷୀର ସହିତ ୨ ଚାମଚ ହଳଦୀ ମିଶାନ୍ତୁ। ପ୍ରସ୍ତୁତ ପେଷ୍ଟକୁ ମୁହଁ ଏବଂ ବେକରେ ଲଗାଇ ୫-୭ ମିନିଟ୍ ପାଇଁ ମସାଜ୍ କରନ୍ତୁ। ପରେ ମୁହଁକୁ ଭଲଭାବରେ ଧୋଇ ଦିଅନ୍ତୁ। କଞ୍ଚା କ୍ଷୀର ଏକ କ୍ଲିଞ୍ଜର୍ ପରି କାମ କରିଥାଏ ଏବଂ ସ୍କିନକୁ ଭିତରୁ ସଫା କରିଥାଏ। ଏଥି ସହିତ, ଆଣ୍ଟି-ବ୍ୟାକ୍ଟେରିଆଲ୍, ଆଣ୍ଟି-ଭାଏରଲ୍ ଆଦି ଗୁଣରେ ଭରପୁର ହଳଦୀ ଦାଗ, ଡାର୍କ ସର୍କଲ୍, ସନ୍ ଟ୍ୟାନ୍ ସମସ୍ୟା ଦୂର କରିବାରେ ସାହାଯ୍ୟ କରିଥାଏ । ଏଥିରେ ଥିବା ବ୍ଲିଚିଂ ଏଜେ□ ଚର୍ମ ରଙ୍ଗକୁ ବଦଳାଇ ସୁନ୍ଦର, ଚମକଦାର ଏବଂ କୋମଳ ଚର୍ମ ପ୍ରଦାନ କରିଥାଏ।

କଞ୍ଚା କ୍ଷୀର ଏବଂ ମହୁ : ଏକ ପାତ୍ରରେ ୨ ଚାମଚ କ□ା କ୍ଷୀର ସହିତ ୧ ଚାମଚ ମହୁ ମିଶାନ୍ତୁ। ପ୍ରସ୍ତୁତ ମିଶ୍ରଣକୁ ହାଲୁକା ଭାବରେ ମୁହଁ ଏବଂ ବେକରେ ମସାଜ କରନ୍ତୁ। ଏହାକୁ ୧୦-୧୫ ମିନିଟ୍ ପରେ ପାଣିରେ ଧୋଇ ଦିଅନ୍ତୁ। ଆପଣ ଏହାକୁ କେଶରେ ମଧ୍ୟ ଲଗାଇ ପାରିବେ। ଏହାକୁ ମୁହଁରେ ଲଗାଇଲେ ତ୍ୱଚାକୁ ପୋଷଣ ମିଳିଥାଏ। ଚର୍ମ ସମ୍ବନ୍ଧୀୟ ସମସ୍ୟା ଦୂର ହୋଇ, ଚେହେରା ସଫା, ଉଜ୍ଜ୍ୱଳ ଏବଂ ନରମ ହୋଇଥାଏ। ଆହୁରି ମଧ୍ୟ ସନ୍ ଟ୍ୟାନ୍ ଦୂର କରିଥାଏ।

# ବର୍ଷା ଦିନରେ ସ୍ୱାସ୍ଥ୍ୟର ଯତ୍ନ

ଖରା ଦାଉରୁ ରକ୍ଷା ପାଇବାକୁ ସମସ୍ତେ ଚାତକ ପରି ବର୍ଷାକୁ ଅପେକ୍ଷା କରିଥାନ୍ତି। ବର୍ଷା ହେଲେ ଗରମରୁ ନିସ୍ତାର ମିଳିଥାଏ ସତ କିନ୍ତୁ ଏହା ଅନେକ ରୋଗକୁ ଡାକି ଆଣିଥାଏ। ଏହି



ଋତୁକୁ ସଂକ୍ରମଣ ଋତୁ କହିଲେ ମଧ୍ୟ କିଛି ଅତ୍ୟୁକ୍ତି ହେବ ନାହିଁ। ଏହି ଦିନରେ ଲୋକମାନେ ଥଣ୍ଡା, ଜ୍ୱର ଆଦି ବିଭିନ୍ନ ରୋଗରେ ପୀଡିତ ହୋଇଥାନ୍ତି। ଏବେ ବର୍ଷାଦିନ ଆରମ୍ଭ ହୋଇଗଲାଣି। ଯଦି ଆମେ ଆରମ୍ଭରୁ ସଜାଗ ନ ହେବା ତାହାଲେ ଆମକୁ ବିଭିନ୍ନ ପ୍ରକାର ରୋଗକୁ ସାମ୍ନା କରିବାକୁ ପଡିବ। ଆଜି ଆପଣଙ୍କୁ ବର୍ଷା ଦିନେ କିପରି ସୁସ୍ଥ ରହିବେ ସେ ବିଷୟରେ କିଛି ଟିପ୍ସ ଦେବୁ। ତାହାଲେ ଜାଣନ୍ତୁ କେଉଁ ସବୁ ଉପାୟ ଅବଲମ୍ବନ କଲେ ଆପଣ ନିଜକୁ ସୁସ୍ଥ ରଖିପାରିବେ।

˛ ସବୁଠୁ ବଡ଼ ସମସ୍ୟା ହେଲା ଅଚାନକ ଓଦା ହୋଇ ଦୀର୍ଘ ସମୟ ରହିବା। ଏହା ସବୁବେଳେ ବ୍ୟାକ୍ଟେରିଆଲ୍ ଇନ୍ଫେକ୍ସନ୍ କରାଇଥାଏ। ଆଉ ମୁଣ୍ଡ ଓଦା ହେଲେ ଆମକୁ ଶୀଘ୍ର ଥଣ୍ଡା ହୁଏ।

˛ ବର୍ଷାଦିନେ ଓଦା ନ ହେବାକୁ ଚେଷ୍ଟା କରନ୍ତୁ। କାରଣ ମୁଣ୍ଡ ଓଦା ହେଲେ କେଶ ଶୁଖିବାରେ ଡେରି ହୋଇଥାଏ। ଏଥିପାଇଁ ଆମ ମୁଣ୍ଡ ବିନ୍ଧିଥାଏ।

˛ ସବୁବେଳେ ଛତା, ରେନକୋଟ ବା ରୁମାଲ୍ ରଖନ୍ତୁ। ବର୍ଷାରେ ବାହାରକୁ ଗଲେ ଆପଣ ଯଦି ଓଦା ହେଇ ଯାଉଛନ୍ତି ତାହାଲେ ସାଙ୍ଗେ ସାଙ୍ଗେ ରୁମାଲରେ ମୁଣ୍ଡକୁ ଭଲ ଭାବେ ପୋଛି ଦିଅନ୍ତୁ।

˛ ଆଉ ଏକ ବଡ ସମସ୍ୟା ହେଲା ଫଙ୍ଗାଲ୍ ଇନେଫେକସନ ହେବା। ପାଦ ଓଦା ହେବା ଯୋଗୁ ନଖ ମୂଳ ଦରଜ ହୋଇଥାଏ। ଏଥିଯୋଗୁ ତ୍ୱଚା ନରମ ହୋଇ ଚମଡା ଛାଡିବା ସମସ୍ୟା ଦେଖାଦେଇଥାଏ।

˛ ପାଦ ସଂକ୍ରମଣରୁ ରକ୍ଷା ପାଇବା ପାଇଁ ଆପଣ ପାଦ ଓଦା ହେବାକୁ ଦିଅନ୍ତୁ ନାହିଁ। ଓଦା ଜୋତା ମଧ୍ୟ ଅଧିକା ସମୟ ପିନ୍ଧିଲେ ଏହି ସମସ୍ୟାରେ ପଡି ପାରନ୍ତି। ଏଥିପ୍ରତି ଦୃଷ୍ଟି ଦେଲେ ଭଲ।

˛ ସଫାସୁତୁରା ରହିବା ଉପରେ ଧ୍ୟାନ ଦିଅନ୍ତୁ। ଘରେ ଥିବା ବେସିନ୍ ସବୁବେଳେ ସଫା ସୁତୁରା ରଖନ୍ତୁ। ଏଥିରେ ଯେପରି ଖରା ପଡିବ ଓ ଏହା ଯେମିତି ସବୁବେଳେ ଶୁଖିଲା ରହିବ ସେଥିପ୍ରତି ଧ୍ୟାନ ଦିଅନ୍ତୁ।

˛ ଖାଇବା ପିଇବା ପ୍ରତି ବିଶେଷ ଧ୍ୟାନ ଦେବାକୁ ପଡିଥାଏ। ଏହା ନହେଲେ ଆପଣ ଶୀଘ୍ର ରୋଗାଗ୍ରସ୍ତ ହୋଇପାରନ୍ତି। ଏଥିପାଇଁ ବର୍ଷା ଋତୁରେ ପ୍ରଚୁର ମାତ୍ରାରେ ପ୍ରୋଟିନ୍‌ଯୁକ୍ତ ଖାଦ୍ୟ ଖାଆନ୍ତୁ। ତଟକା ପନିପରିବା ଗରମାଗରମ ଖାଇବା ଆବଶ୍ୟକ। ହଳଦୀ, ତୁଳସୀ, ଜାଇଫଳ, ଲବଙ୍ଗ ଆଦିର ବ୍ୟବହାର ମଧ୍ୟ ନିୟମିତ କରନ୍ତୁ।

# ସମ୍ବିତ ପାତ୍ରଙ୍କ ବାସଭବନ ଘେରିଲା ଯୁବ କଂଗ୍ରେସ

**ଭୁବନେଶ୍ୱର,** ୮।୬(ମହାଭାରତ):: ଲୋକସଭାର ବିରୋଧି ଦଳ ନେତା ରାହୁଲ ଗାନ୍ଧୀଙ୍କ ଦେଶପ୍ରୀତି, ସାଧୁତାଏବଂ ଦେଶପ୍ରତି ତାଙ୍କର ଦାୟିତ୍ୱ ବୋଧ ଉପରେ ଅଙ୍ଗୁଳି ପ୍ରଦର୍ଶନ କରି ଚର୍ଚ୍ଚାରେ ରହିବା ପାଇଁ ଦାୟିତ୍ୱହୀନ ମନ୍ତବ୍ୟ ଦେଇଥିବା ସାଂସଦ ସମ୍ବିତ ପାତ୍ରଙ୍କ ଭୁବନେଶ୍ୱର କଳିଙ୍ଗବିହାର ସ୍ଥିତ ବାସଭବନକୁ ଆଜି ପ୍ରଦେଶ ଯୁବକଂଗ୍ରେସ ସଭାପତି ରଣଜିତ ପାତ୍ରଙ୍କ ନେତୃତ୍ୱରେ ଘେରାଉ କରିଥିଲା। ଯୁବକଂଗ୍ରେସ କର୍ମୀ ମାନେ ଏକ ବିଶାଳ ର୍ୟାଲିରେ ସମ୍ବିତ ପାତ୍ରଙ୍କ ଘର ପର୍ଯ୍ୟନ୍ତ ଯାଇ ସେଠାରେ ପ୍ରାୟ ଦୁଇ ଘଂଟା କାଳ ସମ୍ବିତ ପାତ୍ରଙ୍କ ବାସ ଭବନକୁ ଘେରାଉ କରି ରଖିଥିଲେ। ପ୍ଲାକାର୍ଡ, ସ୍ଲୋଗାନ ଏବଂ ବ୍ୟାନର ମାଧ୍ୟମରେ ଯୁବ କଂଗ୍ରେସ ପକ୍ଷରୁ ପ୍ରକାଶ କରାଯାଇଥିଲା ଯେ ସମ୍ବିତ ପାତ୍ର ଜଣେ ମାନସିକ ବିକାରଗ୍ରସ୍ତ ବ୍ୟକ୍ତି। ତେଣୁ ତାଙ୍କୁ ପାଗଳଙ୍କ ଚିକିତ୍ସା ପାଇଁ ଥିବା ଡାକ୍ତରଖାନାରେ ଭର୍ତ୍ତି କରିବା ପାଇଁ ଏକ ଆମ୍ବୁଲାନ୍ସ ଏବଂ ଷ୍ଟ୍ରେଚର ବିକ୍ଷୋଭ ସ୍ଥଳକୁ ନିଆଯାଇଥିଲା। ଏକ ଅଭିନବ ଉପାୟରେ ସମ୍ବିଦ ପାତ୍ରଙ୍କ ବାସଭବନ ନିକଟରୁ ସମ୍ବିତ ପାତ୍ରଙ୍କ ଫଟୋର ଫ୍ଲେକ୍ସ ପରିଧାନ କରିଥିବା ଏକ ବ୍ୟକ୍ତିଙ୍କୁ ଷ୍ଟ୍ରେଚର ଯୋଗେ ଆମ୍ବୁଲାନ୍ସ ଯାଏ ଅଣାଯାଇଥିଲା। ପୋଲିସ ସହ ଯୁବକଂଗ୍ରେସ କର୍ମୀଙ୍କର ସେଠାରେ ଧସ୍ତାଧସ୍ତି ହୋଇଥିଲା ଏବଂ ପରିଶେଷରେ ପୋଲିସ ଯୁବକଂଗ୍ରେସ କର୍ମୀମାନଙ୍କୁ ଘଟଣାସ୍ଥଳରୁ ଭ୍ୟାନ ଯୋଗେ ଉଠାଇ ନେଇଥିଲା।




ଏହି ଅବସରରେ ପ୍ରଦେଶ ଯୁବକଂଗ୍ରେସ ସଭାପତି ରଣଜିତ ପାତ୍ର କହିଥିଲେ ଯେ ସାଂସଦ ସମ୍ବିତ ପାତ୍ର ନିଜର ପଦ ମର୍ଯ୍ୟାଦା ରଖୁ ନାହାନ୍ତି। ତାଙ୍କ ନିୟନ୍ତ୍ରଣରେ ତାଙ୍କ ଜିଭ ନାହିଁ। ସେ ଚର୍ଚ୍ଚାରେ ରହିବା ପାଇଁ ଯାହାପରେ ତାହା କହି ଚାଲିଛନ୍ତି। ରାହୁଲ ଗାନ୍ଧୀଙ୍କ ଦେଶଭକ୍ତି, ସାଧୁତା ଏବଂ ରାଷ୍ଟ୍ରପତିତାଙ୍କର ସମର୍ପଣ ଭାବକୁ ଭାରତବାସୀ ଜାଣନ୍ତି। କିନ୍ତୁ ସମ୍ବିତ ପାତ୍ରଚୀନ ଓ ପାକିସ୍ଥାନରୁ ଅର୍ଥ ଆଣି ରାହୁଲଗାନ୍ଧୀଭାରତରେ ଅସ୍ଥିରତା ସୃଷ୍ଟି କରୁଛନ୍ତି ବୋଲି ଯେଉଁ ଆପେକ୍ଷ କରିଛନ୍ତି ତାହା ଦୁର୍ଭାଗ୍ୟଜନକ । ସମ୍ବିତ ପାତ୍ରତାଙ୍କ ବକ୍ତବ୍ୟରେ ଜଗତର ନାଥ ଜଗନ୍ନାଥ ମୋଦୀଙ୍କ ଭକ୍ତ ବୋଲି କହି ବିଶ୍ୱବାସୀଙ୍କ ନିକଟରେ ନିନ୍ଦିତ ହୋଇଛନ୍ତି। ତେଣୁ ମିଥ୍ୟା କଥା କହି ଜନସାଧାରଣଙ୍କୁ ବିଭ୍ରାନ୍ତ କରୁଥିବା ସମ୍ବିତ ପାତ୍ରଙ୍କ ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଯୁବ କଂଗ୍ରେସ ଦାବି କରୁଛି। ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର ଲୋକସଭା କଂଗ୍ରେସ ପ୍ରାର୍ଥୀ ସୟଦ ୟାସିର ନୱାଜ କହିଥିଲେ ଯେ ସମ୍ବିତ ପାତ୍ରଙ୍କ ବକ୍ତବ୍ୟ ପାଗଳର ପ୍ରଳାପ। ସମାଜ ଭିତରେ ଏଭଳି ଜଣେ ମାନସିକ ବିକାରଗ୍ରସ୍ତ ବ୍ୟକ୍ତିକୁ ଖୋଲାଛଡ଼ା ଯିବା ଉଚିତ ନୁହେଁ। ତେଣୁ ତାଙ୍କର ମାନସିକ ଚିକିତ୍ସା ଆବଶ୍ୟକ। ପ୍ରଦେଶ ଯୁବକଂଗ୍ରେ ସସମ୍ବିତ ପାତ୍ରଙ୍କୁ ପାଗଳଙ୍କ ଡାକ୍ତରଖାନାରେ ଭର୍ତ୍ତି କରିବା ପାଇଁ ନିଷ୍ପତି ନେଇ ଆସିଛି। ରାହୁଲ ଗାନ୍ଧୀଙ୍କ ସମ୍ପର୍କରେ ସେ ଯେଉଁ ଅଭିଯୋଗ କରିଛନ୍ତି ତାହା ଅମୂଳକ ଏବଂ ଦେଶବାସୀଙ୍କୁ ବିଭ୍ରାନ୍ତ କରିବା ପାଇଁ ଉଦ୍ଦିଷ୍ଟ। ସେ ଜଣେ ଅଯୋଗ୍ୟ ସାଂସଦ କାରଣ ଗଣତାନ୍ତ୍ରିକ ବ୍ୟବସ୍ଥା ଭିତରେ ଲୋକସଭାର ବିରୋଧି ଦଳ ନେତାଙ୍କ ପ୍ରତିତାଙ୍କର ସମ୍ମାନ ନାହିଁ। ସଂସଦ ଭିତରେ ଏଭଳି ଜଣେ ପାଗଳ ବ୍ୟକ୍ତିଙ୍କୁ ପ୍ରବେଶ କରାଇବା ମଧ୍ୟ ଉଚିତ ନୁହେଁ। ଗାନ୍ଧୀ ପରିବାର ବିଶେଷ କରି ଇନ୍ଦିରାଗାନ୍ଧୀ ଏବଂ ରାଜୀବ ଗାନ୍ଧୀ ସନ୍ତ୍ରାସବାଦ ବିରୁଦ୍ଧରେ ସଂଗ୍ରାମ କରି ପ୍ରାଣବଳି ଦେଇଛନ୍ତି। ରାହୁଲଜୀ ମଧ୍ୟ ଦେଶର ଅଖଣ୍ଡତା, ଭାତୃତ୍ୱ, ଏକତା ଏବଂ ଶାନ୍ତି ପାଇଁ ଭାରତ ଯୋଡ଼ ଯାତ୍ରା କରିଥିଲେ। ଦେଶର ସ୍ୱାର୍ଥରେ ରାହୁଲଜୀଙ୍କର ଶାଣିତ ସ୍ୱରରେ ସମ୍ବିତ ପାତ୍ର ବିଚଳିତ ହୋଇ ମାନସିକ ଭାରସାମ୍ୟ ହରାଇଛନ୍ତି। ସମ୍ବିତ ପାତ୍ର କ୍ଷମା ମାଗିନିଅନ୍ତୁ। ନଚେତ ସାରା ଓଡ଼ିଶାରେ ସେ ଯେଉଁଠାକୁ ଗସ୍ତ କରନ୍ତୁ ତାଙ୍କୁ ଉଚିତ ଯବାବ ଯୁବକଂଗ୍ରେସ ଦେବ।

ଏହି କାର୍ଯ୍ୟକ୍ରମରେ ମହମ୍ମଦ ଇମଦାଦ, ମନୋଜବିଶ୍ୱାଳ, ସନ୍ତୋଷଜେନା, ସୁଦିପ ସାମଲ, ନିହାରବେହେରା, ଗୋପନ ମାର୍ଥା, ମହମ୍ମଦ ଗୁଲଫାମ, ଜାଭେଦ ଅକତର, କେଦାର ଦଲାଇ, ମହମ୍ମଦ ପରଭେଜ, ଲକ୍ଷ୍ମୀପ୍ରିୟା ନାୟକ, ବିରଞ୍ଚି ବାରିକ, ଆଲୋକ ଦାସ, ଚନ୍ଦନ ପଣ୍ଡା, ବଳରାମ ନନ୍ଦ, ସୁରଜରାଉତ, ନିରନ ନାୟକ, ଜଗଦିଶରାଉତ, ସୌରଭ ପଟ୍ଟନାୟକ, ସ୍ୱରୂପ କାନୁନଗୋ, ମହମ୍ମଦ ସଫି ଆଜମ, ପ୍ରଶା' ରାଉତ, ପବିତ୍ରସେଠୀ, ସମ୍ବିତସ୍ୱାଇଁ ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ଇଣ୍ଡିଆନ୍ ବିଲ୍ଡିଂ କଂଗ୍ରେସର ବୈଷୟିକ କର୍ମଶାଳା ଉଦ୍‌ଘାଟିତ

ଭୁବନେଶ୍ୱର,୮।୬(ମହାଭାରତ): ବର୍ତ୍ତମାନ ଯୁଗ ହେଉଛି ଆଧୁନିକ ଜ୍ଞାନକୌଶଳର ଯୁଗ । ବିଭିନ୍ନ ଟେକ୍‌ନୋଲୋଜି ତଥା କୃତ୍ରିମ ବୁଦ୍ଧିମତ୍ତାର ଉପଯୋଗ କରି ବହୁ ଆସାଧ କାର୍ଯ୍ୟକୁ କମ୍ ସମୟ ମଧ୍ୟରେ ସମ୍ଭବ କରିହେଉଛି । ରାଜ୍ୟ ସରକାର ସବୁବେଳେ ଉନ୍ନତ ଭିତ୍ତିଭୂମି ନିର୍ମାଣ ଉପରେ ଗୁରୁତ୍ୱ ଦେଇ ଆସିଛନ୍ତି । ତେଣୁ ଆଧୁନିକ ଜ୍ଞାନକୌଶଳ ଓ ସବୁ ପ୍ରକାର ଟେକ୍‌ନୋଲୋଜିର ବ୍ୟବହାର କରି ଉନ୍ନତ ତଥା ଉତ୍କୃଷ୍ଟ ଭିତ୍ତିଭୂମି ନିର୍ମାଣ କରିବାକୁ ପୂର୍ତ୍ତ, ଆଇନ, ଅବକାରୀ ମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମତବ୍ୟକ୍ତ କରିଛନ୍ତି ।




ଇଣ୍ଡିଆନ୍ ବିଲ୍ଡିଂ କଂଗ୍ରେସ (ଆଇବିସି)ର କାର୍ଯ୍ୟକାରିଣି କମିଟି ବୈଠକ ଏବଂ ବୈଷୟିକ କର୍ମଶାଳା ଆଜି ଏଠାରେ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ସରକାରଙ୍କ ପୂର୍ତ୍ତ ବିଭାଗ ଏବଂ ଆଇବିସି ପକ୍ଷରୁ ଆୟୋଜିତ ଏହି ବୈଠକରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଲେ ଯେ ଭୌଗୋଳିକ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ଓଡ଼ିଶା ଏକ ବିପର୍ଯ୍ୟୟ ପ୍ରବଣ ରାଜ୍ୟ ଭାବେ ପରିଗଣିତ । ନିୟମିତ ଭାବେ ବନ୍ୟା, ବାତ୍ୟା ସହ ଅନେକ ସମୟରେ ଭୂମିକମ୍ପ ଘଟଣା ନଜରକୁ ଆସୁଛି । ଏହାକୁ ଦୃଷ୍ଟିରେ ରଖି ଆଗକୁ ନିର୍ମାଣ ହେବାକୁ ଥିବା ପ୍ରତ୍ୟେକ ଭିତ୍ତିଭୂମିଗୁଡ଼ିକ ବିପର୍ଯ୍ୟୟ ସହନଶୀଳ ହେବା ସହ ସମସ୍ତ ଆଧୁନିକ ବ୍ୟବସ୍ଥାରେ ପରିପୂର୍ଣ୍ଣ ହେବା ଆବଶ୍ୟକ ରହିଛି । ତେଣୁ ଏହାକୁ ଦୃଷ୍ଟିରେ ରଖି ଆଧୁନିକ ଜ୍ଞାନକୌଶଳର ଉପଯୋଗ କରି ପରିବେଶ ସହନଶୀଳ ନିର୍ମାଣକୁ ଗୁରୁତ୍ୱ ଦେବା ପାଇଁ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ବୈଠକରେ ଯୋଗ ଦେଇଥିବା ଇଂଜିନିୟରମାନଙ୍କୁ ଉଦ୍‌ବୋଧନ ଦେଇଥିଲେ ।

ଅଣ୍ଡରଗ୍ରାଉଣ୍ଡ ମେଟ୍ରୋଠାରୁ ଆରମ୍ଭ କରି ଅନେକ ବଡ଼ ବଡ଼ ପ୍ରକଳ୍ପ ଓଡ଼ିଶାରେ କାର୍ଯ୍ୟକାରୀ ହେବାକୁ ଯାଉଛି । ତେଣୁ ଏହିସବୁ ପ୍ରକଳ୍ପକୁ ନିର୍ମାଣ ସମୟରେ ସବୁଠୁ ଉନ୍ନତ ଟେକ୍‌ନୋଲୋଜି ଏବଂ ବର୍ଜ୍ୟବସ୍ତୁ ବ୍ୟବହାର ଉପରେ ସେ ଗୁରୁତ୍ୱ ଦେଇଥିଲେ । ଅନ୍ୟ ପକ୍ଷରେ ଇଂଜିନିୟରମାନଙ୍କ କାର୍ଯ୍ୟଦକ୍ଷତା ବୃଦ୍ଧି ପାଇଁ ନିୟମିତ ବ୍ୟବଧାନରେ ଟ୍ରେନିଂ କାର୍ଯ୍ୟକ୍ରମ ଆୟୋଜନ କରିବା ଉପରେ ମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ ।

ଏହି କାର୍ଯ୍ୟକ୍ରମରେ ଆଇବିସି ଓଡ଼ିଶା ଚାପ୍‌ଟରର ଅଧ୍ୟକ୍ଷ ଶ୍ରୀ ବିଜୟ ଚନ୍ଦ୍ର ତ୍ରିପାଠୀ ସ୍ୱାଗତ ଭାଷଣ ଦେଇଥିବାବେଳେ ଆଇବିସି, ନୂଆଦିଲ୍ଲୀର ସଭାପତି ଇଂ. ସି. ଦେବନାଥ ଏବଂ ପ୍ରତିଷ୍ଠାନ ସଭାପତି ଇଂ. ଓ.ପି. ଗୋଏଲ୍ ଆଇବିସିର କାର୍ଯ୍ୟଧାରା ସହ ଇଂଜିନିୟରମାନଙ୍କ ଦକ୍ଷତା ବୃଦ୍ଧି ପାଇଁ ନିୟମିତ କର୍ମଶାଳା ଆୟୋଜନ ଏବଂ ପରସ୍ପର ମଧ୍ୟରେ ଅଭିଜ୍ଞତା ବଂଟନ, ନୂଆ ଟେକ୍‌ନୋଲୋଜିର ବ୍ୟବହାର ଉପରେ ନିଜର ମତ ରଖିଥିଲେ । ଏହି ଅବସରରେ ଇଂ. ଏମ୍ ମୁରୁଗେସନ୍ ଅଣ୍ଡରଗ୍ରାଉଣ୍ଡ ମେଟ୍ରୋ ପ୍ରକଳ୍ପ ନିର୍ମାଣରେ ଆହ୍ୱାନ ଏବଂ ବିକଳ୍ପ ଡିଜାଇନ୍‌ର ଉପଯୋଗ ଉପରେ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ । ଏହି ଅବସରରେ ମୁଖ୍ୟ ଅତିଥି ଶ୍ରୀ ହରିଚନ୍ଦନଙ୍କ ଦ୍ୱାରା ସ୍ମରଣିକା ଉନ୍ମୋଚିତ ହେବା ସହ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ଆଇବିସିର ସମ୍ପାଦକ ଶ୍ରୀ ଭି. ଆଁ. ବଂଶଲ ଧନ୍ୟବାଦ ଅର୍ପଣ କରିଥିଲେ ।

# ମହାନଦୀରେ ଭାସିଯାଇ ନାବାଳିକା ନିଖୋଜ

**କଟକ, ୮।୬ (ମହାଭାରତ) :** ଗାଧୋଉଥିବା ବେଳେ ମହାନଦୀରେ ଭାସିଗଲେ ନାବାଳିକା। ଏଭଳି ଏକ ଅଭାବନୀୟ ଘଟଣା ଘଟିଛି କଟକ ଜିଲ୍ଲାର ବାଙ୍କୀ ଥାନା ଅନ୍ତର୍ଗତ କଇଁମୁଣ୍ଡି ଗାଁରେ। ଅନେକ ସାନୟରେ ଆମେ ଦେଖିଛେ ନଦୀରେ ଗାଧେଇବା ସାନୟରେ ଗୋଡ ଖସିବା କାରଣରୁ ହେଉ କିମ୍ବା ଅନ୍ୟ କାରଣ ପାଇଁ ଅନେକ ଲୋକଙ୍କର ଜୀବନ ଯାଇଥାଏ। ସାବଧାନତାର ସହ ନ ଗାଧୋଇଲେ ଏହିପରି ଦୁର୍ଘଟଣା ଘଟିଥାଏ। ଏଇ ଯେମିତି ଆଜିର ଘଟଣା, ବଡବାପା ସହ ୪ ପୁତୁରା ଏବଂ ଝିଆରୀ ଗାଧୋଇବାକୁ ଯାଇଥିଲେ।ଏକାଠି ଗାଧୋଇବା ସମୟରେ ଏହି ଦୁର୍ଘଟଣା ଘଟିଥିଲା। ବଡ ବାପା ୩ଜଣଙ୍କୁ ଉଦ୍ଧାର କରିଥିବା ବେଳେ ଆଉ ଜଣେ ଭାସିଯାଇଥିଲେ। ନିଖୋଜ ନାବାଳିକାଙ୍କୁ ଅଗ୍ନିଶମ ବାହିନୀ ଖୋଜୁଥିବାବେଳେ ଉଦ୍ଧାର ହୋଇଥିବା ୩ଜଣଙ୍କୁ ବାଙ୍କୀ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

## ହିର୍ଲି ପର୍ଯ୍ୟଟନସ୍ଥଳୀର ବିକାଶ ହେବ : ମନ୍ତ୍ରୀ

**ନବରଙ୍ଗପୁର,୮।୬ (ମହାଭାରତ) :** ନବରଙ୍ଗପୁର ସହର ଉପକଣ୍ଠରେ ଥିବା ହିର୍ଲି ପର୍ଯ୍ୟଟନସ୍ଥଳୀର ସାମଗ୍ରୀକ ବିକାଶ ଓ ସୌନ୍ଦର୍ଯ୍ୟକରଣ କରିବା ପାଇଁ ଆବଶ୍ୟକ ପଦକ୍ଷେପ ନିଆଯିବ। ଆଜି ନବରଙ୍ଗପୁର ଗସ୍ତରେ ଆସିଥିବା ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା କହିଛନ୍ତି। ସେ ହିର୍ଲି ପାହାଡକୁ ସକାଳୁ ବୁଲିବାକୁ ଯାଇଥିଲେ। ତାଙ୍କ ସହ ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ, ବିଜେପି ଜିଲ୍ଲାସଭାପତି କୁଞ୍ଜ ବିହାରୀ ଦାଶ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବିଶ୍ୱଜିତ ବର୍ମନ୍, କାଉନସିଲର ଏ ସତୀଶ, ଅମିତ ପ୍ରଧାନ, ଶର୍ମିଷ୍ଠା ଦେଓ, ଶୁଭମ୍ ଚେଧୁରୀ ପ୍ରମୁଖ ଉପସ୍ଥିତ ଥିଲେ। ସେ ପାହାଡ ଉପରେ ନିର୍ମାଣ କରାଯାଇଥିବା ଭିୟୁ ପଏଣ୍ଟରୁ ସହରକୁ ଦେଖିବା ସହ ଅନ୍ୟପାର୍ଶ୍ୱରେ ଥିବା କୁସୁମଝର ଡ୍ୟାମ୍, ଏକଲବ୍ୟବିଦ୍ୟାଳୟ, ବିଏଡ୍ କଲେଜ ସହ ମଣ୍ଡେଇପଡ଼ିଆ। ଆଦି ନିରୀକ୍ଷଣ କରିଥିଲେ। ହିର୍ଲି ପାହାଡର କିଛି କାଂଶୋତର ବିକାଶ ହୋଇଛି ଆଉ କିଛି କରିବାର ବାକି ରହିଛି ବୋଲି ମନ୍ତ୍ରୀ କହିବା ସହ ତୁରନ୍ତ ନୂଆ। ଡିପିଆର କରିବାକୁ କହିଥିଲେ। ପାହାଡର କିଛିକାଂଶ ଜବରଦଖଲରେ ରହିଥିବାରୁ ଏହାକୁ ଉଚ୍ଛେଦ କରିବାକୁ ଜିଲ୍ଲାପ୍ରଶାସନ ଓ ନବରଙ୍ଗପୁର ତହସିଲକୁ ନିର୍ଦ୍ଦେଶ ଦେଇଥିଲେ।

# ଧାରଣାରତ ଚାଷୀଙ୍କୁ ତୁରନ୍ତ ସେମାନଙ୍କ ପ୍ରାପ୍ୟ ଦିଆଯାଉ : କଂଗ୍ରେସ

ଭୁବନେଶ୍ୱର,୮।୬(ମହାଭାରତ): ମୋହନ ସରକାର ବ୍ୟବସ୍ଥିତ ଢ଼ଙ୍ଗରେ ଚାଷୀଙ୍କଠାରୁ ଧାନ କ୍ରୟ କରି ସେମାନଙ୍କର ସମସ୍ତ ବଳକା ଧାନ ନିର୍ଦ୍ଧାରିତ ସମୟରେ ଚାଷୀଙ୍କୁ ପ୍ରଦାନ କରିବେ ବୋଲି ଯେଉଁ ପ୍ରତିଶ୍ରୁତି ଦେଇଥିଲେ ଆଜି ତାହାସଂପୂର୍ଣ୍ଣ ପ୍ରତାରଣାରେ ପରିଣତହୋଇଛି। ଯାହାର ନିଛକ ନମୂନା ନବରଙ୍ଗପୁର ଜିଲ୍ଲାର ରାଇଘର ବ୍ଲକର ୩୪୪ ଜଣ ଚାଷୀ ସେମାନଙ୍କର ଉତ୍ପାଦିତ ଗତ ଖରିଫ ଚାଷର ପ୍ରାୟ ୧୫ ହଜାର କ୍ୟୁଂଟାଲ ଧାନ ବିକି ୪ କୋଟିର ଉର୍ଦ୍ଧ୍ୱ ଟଙ୍କା ପାଇବାକୁ ବାରମ୍ବାର ଜିଲ୍ଲା ପ୍ରଶାସନ ନିକଟରେ ଦୀର୍ଘ ୪ମାସ ହେଲା ଦାବିକରି ନିରାଶ ହେବା ପରେ ଏବେ ଭୁବନେଶ୍ୱରରେ ଅହୋରାତ୍ର ରାଜରାସ୍ତାରେ ତିନିଦିନ ହେଲା ଧାରଣା ଦେଇଛନ୍ତି। ଏଥି ପ୍ରତି ସରକାରଙ୍କର ଭୃକ୍ଷେପ ନାହିଁ କେବଳ ବିଜେପି ସରକାରର ଏକ ବର୍ଷ ପୂର୍ତ୍ତି ପୂରଣ ଅବସରରେ ମିଛ ଛବିର ସଫଳତା ବାଂଟିବାରେ ବ୍ୟସ୍ତ। ଏହା ଚାଷୀଙ୍କ ପ୍ରତି ଉପହାସ ବୋଲି ଓଡ଼ିଶା ପ୍ରଦେଶ କିଷାନ କଂଗ୍ରେସ ଅଧ୍ୟକ୍ଷ ଅମିୟ କୁମାର ପଟ୍ଟନାୟକ ଓ ନବରଙ୍ଗପୁର ଜିଲ୍ଲା କିଷାନ କଂଗ୍ରେସ ଅଧ୍ୟକ୍ଷ ସନରାଜଗଣ୍ଡ ଏକ ପ୍ରେସ ଇସ୍ତାହାରରେ ଜଣାଇଛନ୍ତି। ଆଜି ଚାଷୀମାନଙ୍କର ଦାବିକୁ କଂଗ୍ରେସ ପକ୍ଷରୁସମର୍ଥନ ଜଣାଇପିସିସିକିଷାନ କଂଗ୍ରେସ ଅଧ୍ୟକ୍ଷ ଶ୍ରୀ ପଟ୍ଟନାୟକ ଧାରଣାସ୍ଥଳକୁ ଯାଇ ସେଠାରେ ଚାଷୀମାନଙ୍କୁ ଭେଟିବାସହିତସେମାନଙ୍କସହ ଆଲୋଚନା କରିଛନ୍ତି। ସରକାର ଓ ପ୍ରଶାସନ ଚାଷୀମାନଙ୍କ ପ୍ରତି ଯେପରିଭାବେ ଅବହେଳା କରିଛନ୍ତି ଏହାକୁ କୌଣସି କ୍ଷେତ୍ରରେ ବରଦାସ୍ତ କରାଯିବ ନାହିଁ।କାଳବିଳମ୍ବ ନ କରି ସରକାର ଧାରଣ ରତ ଚାଷୀମାନଙ୍କ ନିକଟକୁ ଆସି ସେମାନଙ୍କର ସମସ୍ୟା ସମାଧାନ କରିବା ସହିତ ୪ କୋଟିର ଉର୍ଦ୍ଧ୍ୱ ବକେୟାଟଙ୍କାତୁରନ୍ତ ପ୍ରଦାନ କରିବାକୁ କିଷାନ କଂଗ୍ରେସ ପକ୍ଷରୁଶ୍ରୀ ପଟ୍ଟନାୟକ ଓ ଶ୍ରୀ ଗଣ୍ଡ ଦୃଢ଼ ଦାବିକରିଛନ୍ତି।

# ବିଦଗ୍ଧ କବିଙ୍କ ରଚନା ପ୍ରେମ ଓ ଭକ୍ତିଭାବର ଅପୂର୍ବ ସମନ୍ୱୟ ଶ୍ରାଦ୍ଧୋତ୍ସବରେ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର,୮।୬(ମହାଭାରତ): ବିଦଗ୍ଧ କବି ଅଭିମନ୍ୟୁ ସାମନ୍ତ ସିଂହାରଙ୍କ ୨୧୯ତମ ସ୍ୱର୍ଗାରୋହଣ ଦିବସ ଅଭିମନ୍ୟୁ ସ୍ମୃତି ସଂସଦ ଆନୁକୂଲ୍ୟରେ ସଭାପତି ପୂର୍ବତନ ମନ୍ତ୍ରୀ ଅମର ପ୍ରସାଦ ଶତପଥୀଙ୍କ ସଭାପତିତ୍ୱରେ ସମ୍ପାଦକ ଖତୁ ଚରଣ ବିଶ୍ୱାଳଙ୍କ ସଂଯୋଜନାରେ ଆଜି ପ୍ରତ୍ୟୁଷରେ ଭୁବନେଶ୍ୱର ମଧୁସୂଦନ ନଗରସ୍ଥିତ ପ୍ରତିମୂର୍ତ୍ତିସ୍ଥଳୀରେ ଅନୁଷ୍ଠିତ ହୋଇ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି ।

ଏହି କାର୍ଯ୍ୟକ୍ରମରେ ସୂଚନା ଲୋକସମ୍ପର୍କ ବିଭାଗର ପୂର୍ବତନ ନିର୍ଦ୍ଦେଶକ ସରୋଜ କୁମାର ସାମଲ, ପୂର୍ବତନ କର୍ପୋରେଟର ପୂର୍ଣ୍ଣଚନ୍ଦ୍ର ଜେନା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ପୂର୍ବତନ ପୂଜ୍ୟପୂଜା ଅଧିକାରୀ ଲକ୍ଷ୍ମୀଧର ବେହେରା, ନିରଞ୍ଜନ ବାରିକ, ଗାନ୍ଧିବାଦୀ ପ୍ରମେଶ ମହାନ୍ତି, ବଟକୃଷ୍ଣ ବଳ, ଅକ୍ଷୟ କୁମାର ସାମଲ, ବୈରାଗୀ ଚରଣ ପୃଷ୍ଟି, କବୟିତ୍ରୀ ବିଷ୍ଣୁପ୍ରିୟା ଜେନା, ସମାଜସେବୀ ପଣ୍ଡିତ ଗିରିଜା ଶଙ୍କର ମହାପାତ୍ର, ଗାନ୍ଧିବାଦୀ ବିଜୟ କୁମାର ତ୍ରିପାଠୀ ପ୍ରମୁଖ ଯୋଗଦେଇ ପ୍ରତିର୍ମୂର୍ତ୍ତୀରେ ପୁଷ୍ପମାଲ୍ୟ ପ୍ରଦାନ ସହ ଦୀପଦାନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ବକ୍ତାମାନେ ନିଜ ବକ୍ତବ୍ୟରେ ଓଡ଼ିଶାର ବୈଷ୍ଣବ ଭାବଧାରାକୁ କାବ୍ୟ ଓ ଭକ୍ତି ମାଧ୍ୟମରେ ପ୍ରକଟିତ କରି ଭକ୍ତିଭାବ ଓ ପ୍ରେମଭାବର ସମନ୍ୱୟରେ ବାଲିଆର ଜମିଦାର ଅଭିମନ୍ୟୁ ସାମନ୍ତସିଂହାର ବିଦଗ୍ଧ ଚିନ୍ତାମଣି ସହ ଅନ୍ୟ କାବ୍ୟ ମାଧ୍ୟମରେ ଯେଉଁ ଅପୂର୍ବ ରଚନା କରିଛନ୍ତି ତାହା ଯୁଗେଯୁଗେ ଜନମାନସକୁ ଭକ୍ତିର ଲହରୀରେ ଅପୂର୍ବ ଆନନ୍ଦ ପ୍ରଦାନ କରି ଆସୁଛି । ସରକାର ଅଭିମନ୍ୟୁ ଓ ତାଙ୍କ ରଚନା ଉପରେ ଏକ ନାଟକ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ମାଧ୍ୟମରେ ପରିବେଷଣ ସହିତ ଯାଜପୁର ଜିଲ୍ଲାର ବରପୁତ୍ର କବି ମଞ୍ଜୁଳ କୃଷ୍ଣପ୍ରସାଦ ବସୁଙ୍କର ରାଜଧାନୀ ଭୁବନେଶ୍ୱରରେ ପ୍ରତିଷ୍ଠା କରିବାକୁ ଦୃଷ୍ଟି ଆକର୍ଷଣ କରିଥିଲେ । ଏହି ଅବସରରେ କବୟିତ୍ରୀ ବିଷ୍ଣୁପ୍ରିୟା ଜେନା, ସାମାଜିକ ସଂଗଠକ ଖତୁ ଚରଣ ବିଶ୍ୱାଳ ଓ ପୂଜ୍ୟପୂଜା ଅଗ୍ରଦୂତ ପଣ୍ଡିତ ଗିରିଜା ଶଙ୍କର ମହାପାତ୍ରଙ୍କୁ ବିଦଗ୍ଧ କବି ଅଭିମନ୍ୟୁ ସ୍ମୃତି ସମ୍ମାନରେ ସମ୍ମାନୀତ କରାଯାଇଥିଲା ।

# ଇଂଜିନିୟର ରାଜେନ୍ଦ୍ର ରାଉତଙ୍କର ସ୍ମୃତି ଦିବସ ପାଳିତ

ଭୁବନେଶ୍ୱର,୮।୬(ମହାଭାରତ): ଓଡ଼ିଶା ରାଜ୍ୟ ସରକାରୀ କର୍ମଚାରୀ ସମନ୍ୱୟ ସମିତି ଓ ନିଖିଳ ଓଡ଼ିଶା ଶିକ୍ଷକ କର୍ମଚାରୀ ପେନସନ୍ ମହାସଂଘର ମିଳିତ ଉଦ୍ୟମରେ ସମନ୍ୱୟ ସମିତିର ଅଶୋକନଗରସ୍ଥିତ ମୁଖ୍ୟ କାର୍ଯ୍ୟାଳୟଠାରେ ସମନ୍ୱୟ ସମିତିର ସଭାପତି ପ୍ରଶାନ୍ତ କୁମାର ମହାନ୍ତି ଓ ନିଖିଳ ଓଡ଼ିଶା ଶିକ୍ଷକ କର୍ମଚାରୀ ପେନସନର୍ସ ମହାସଂଘର ଅଧ୍ୟକ୍ଷ ପ୍ରତାପ ମିଶ୍ର ମିଳିତ ସଭାପତି ମଣ୍ଡଳୀ ଦ୍ୱାରା ୪୩ତମ ସ୍ମୃତିସଭା ପାଳିତ ହୋଇଥିଲେ । ଓଡ଼ିଶା କର୍ମଚାରୀ ସଂଗ୍ରାମ ସମିତିର ଅଧ୍ୟକ୍ଷ ଶୁଭେନ୍ଦୁ କୁମାର ରାଉତରାୟ ଯୋଗଦେଇ ଜୁଲାଇ ୯ ତାରିଖ ସମୂହ ଆନ୍ଦୋଳନକୁ ସଫଳ କରାଗଲେ ତାହା ସ୍ୱର୍ଗତ ଇଂ. ରାଜେନ୍ଦ୍ର ରାଉତଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି ହେବ ବୋଲି ମତ ପୋଷଣ କରିଥିଲେ । ନିଖିଳ ଓଡ଼ିଶା ଶିକ୍ଷକ ଓ କର୍ମଚାରୀ ପେନସନର୍ସ ମହାସଂଘର କାର୍ଯ୍ୟକାରୀ ଅଧ୍ୟକ୍ଷ କ୍ଷେତ୍ରମୋହନ ଦାସ, ପେନ୍ସନ୍ ମହାସଂଘର ମହାସଚିବ ନରୋମ ପାର୍ଥସାରଥି, ୧୯୭୪ ମସିହାରେ ବାଲିମେଳାର ସମସ୍ତ କର୍ମଚାରୀ ଆନ୍ଦୋଳନକୁ ଶ୍ରୀ ରାଉତ ସଫଳ କରିପାରିଥିଲେ ।

ପରବର୍ତ୍ତୀ ଅବସ୍ଥାରେ ଭୁବନେଶ୍ୱରରେ ସ୍ୱର୍ଗତ ରାଉତ ସଚିବାଳୟଠାରୁ ବ୍ଲକ ପର୍ଯ୍ୟନ୍ତ ସମସ୍ତ କର୍ମଚାରୀଙ୍କୁ ସଂଗଠିତ କରୁଥିବା ସମୟରେ ୧୯୮୨ ମସିହା ଜୁନ୍ ମାସ ୫ ତାରିଖରେ ଏକ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଥିଲେ । ଶିକ୍ଷକ ଓ କର୍ମଚାରୀ ମହାସଂଘର ଅନ୍ୟତମ କାର୍ଯ୍ୟକାରୀ ଅଧ୍ୟକ୍ଷ ଅକ୍ଷୟ କୁମାର ମିଶ୍ର ଯୋଜନା କର୍ମଚାରୀ ନେତୃତ୍ୱ ପ୍ରଭାତ କୁମାର ସିଂହ, ମୀନକେତନ ଦାସ, ବିଜୟ କୁମାର ନାୟକ, ରଞ୍ଜିତ କୁମାର ମହାନ୍ତି, ସୁଧୀର ଚନ୍ଦ୍ର ପାଣିଗ୍ରାହୀ ଆଦି ସ୍ୱର୍ଗତ ରାଉତଙ୍କ ସ୍ମୃତିଚାରଣ କରିଥିଲେ। ସର୍ବଶେଷରେ ରାଜ୍ୟ ସରକାରୀ କର୍ମଚାରୀ ସମନ୍ୱୟ ସମିତିର କାର୍ଯ୍ୟାଳୟ ସମ୍ପାଦକ, ଅଖିଳ ଭାରତ ରାଜ୍ୟ ସରକାରୀ କର୍ମଚାରୀ ମହାସଂଘର ଜାତୀୟ କାର୍ଯ୍ୟକାରୀ କମିଟି ସଭ୍ୟ କାହ୍ନୁଚରଣ ମଲ୍ଲିକ ସମସ୍ତଙ୍କୁ ଧନ୍ୟବାଦ ଦେବାପରେ ସଭାସାଙ୍ଗ ହୋଇଥିଲା ।

## ବରଗଡ ଦଳକୁ ଅଭିନନ୍ଦନ ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୮।୬(ମହାଭାରତ):ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅଣ୍ଡର-୧୫ ସିଏମ୍ ଟ୍ରଫି ୨୦୨୫ ଫୁଟବଲ୍ ପ୍ରତିଯୋଗିତାରେ ବିଜୟୀ ବରଗଡ ଦଳକୁ ଅଭିନନ୍ଦନ ଜଣାଇଛନ୍ତି । ସେ ସୋସିଅଲ ମିଡିଆରେ ଲେଖିଛନ୍ତି,. ପ୍ରତିଭା ଅନେକ ଲକ୍ଷ୍ୟ ଏକର ପ୍ରେରଣା ସହ କ୍ରୀଡ଼ା ପ୍ରତିଭାମାନଙ୍କର ଦକ୍ଷତା ବୃଦ୍ଧି ସହ ରାଜ୍ୟରେ କ୍ରୀଡ଼ାକୁ ଅଧିକ ଉନ୍ନତ ଓ ଲୋକପ୍ରିୟ କରାଇବା ଉଦ୍ଦେଶ୍ୟରେ ରାଜ୍ୟ ସରକାରଙ୍କ ଦ୍ୱାରା ଆୟୋଜିତ ଅଣ୍ଡର-୧୫ ସିଏମ୍ ଟ୍ରଫି ୨୦୨୫ ଫୁଟବଲ୍ ପ୍ରତିଯୋଗିତାର ଫାଇନାଲ ମ୍ୟାଚ୍ ରେ ବିଜୟୀ ହୋଇଥିବା ବରଗଡ଼ ଏଫ୍ ସି କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା। ଉତ୍ସାହଜନକ କ୍ରୀଡ଼ା ନୈପୁଣ୍ୟ ଓ ଓଡ଼ିଶାର ଫୁଟବଲ କ୍ରୀଡ଼ାର ସାମର୍ଥ୍ୟ ପ୍ରଦର୍ଶନ କରିଥିବାରୁ ଭୁବନେଶ୍ୱର ଏଫ୍ ସି ସମେତ ସମସ୍ତ ଅଂଶଗ୍ରହଣକାରୀ ଦଳକୁ ମଧ୍ୟ ମୋର ଶୁଭକାମନା। ସମସ୍ତଙ୍କର ଉଜ୍ଜ୍ୱଳ ଭବିଷ୍ୟତ ତଥା ଉତ୍ତରୋତ୍ତର ଉନ୍ନତି କାମନା କରୁଛି।

# ପ୍ରାକୃତିକ ସମ୍ପଦ ଉପରେ ଜନସାଧାରଣଙ୍କ ଅଧିକାର ସମ୍ବିଧାନର ମୌଳିକ ନୀତି : ମେଧା

ଭୁବନେଶ୍ୱର,୮।୬(ମହାଭାରତ): ପ୍ରାକୃତିକ ସମ୍ପଦର ସୁରକ୍ଷା ତଥା ନଦୀ ଓ ଜଳ ଉତ୍ସଗୁଡ଼ିକର ସଂରକ୍ଷଣ ପରିପ୍ରେକ୍ଷୀରେ ଭୁବନେଶ୍ୱର ଲୋହିଆ ଏକାଡେମୀ ପରିସରରେ ରାଜ୍ୟସ୍ତରୀୟ କନଭେନସନ୍ ଆୟୋଜିତ ହୋଇଯାଇଛି। ଏହି କନଭେନସନର ପ୍ରଥମ ଅଧିବେଶନ ସମଦୃଷ୍ଟିର ସମ୍ପାଦକ ସୁଧୀର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଥିବା ବେଳେ ଦେଶର ବିଶିଷ୍ଟ ପରିବେଶବିତ୍, ନର୍ମଦା ବଞ୍ଚାଅ ଆନ୍ଦୋଳନ ତଥା ଜନ ଆନ୍ଦୋଳନମାନଙ୍କର ରାଷ୍ଟ୍ରୀୟ ସମନ୍ୱୟର ପ୍ରତିଷ୍ଠାତା ସଦସ୍ୟ ମେଧା ପାଟେକର ଏହାକୁ ଉଦଘାଟନ କରିଥିଲେ। ଜଳବାୟୁ ନ୍ୟାୟ ଅଧ୍ୟୟନ କେନ୍ଦ୍ର, ଲୋକଶକ୍ତି ଅଭିଯାନ ଏବଂ ଦୟା ସୁରକ୍ଷା ଅଭିଯାନ ପକ୍ଷରୁ ମିଳିତ ଭାବେ ଆୟୋଜିତ ଏହି ରାଜ୍ୟସ୍ତରୀୟ କନଭେନସନରେ ବିଶିଷ୍ଟ ପରିବେଶବିତ୍ ତଥା ଲୋକଶକ୍ତି ଅଭିଯାନର ଅଧ୍ୟକ୍ଷ ପ୍ରଫୁଲ୍ଲ ସାମନ୍ତରା ଭିତିପତ୍ର ଉପସ୍ଥାପନ ଅବସରରେ ତାଙ୍କର ବକ୍ତବ୍ୟ ପ୍ରଦାନ କରିଥିବାବେଳେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ମୁଖ୍ୟ ଶାସନ ସଚିବ ଅରବିନ୍ଦ ବେହେରା, ପଶ୍ଚିମ ଓଡ଼ିଶା କୃଷକ ସଂଗଠନ ସମନ୍ୱୟ ସମିତିର ନେତା ତଥା ଜୟ କିଷାନ୍ ଆନ୍ଦୋଳନର ଲିଙ୍ଗରାଜ, ବାଲନ୍ଦା ଖଣି ବିରୋଧୀ ଆନ୍ଦୋଳନର ଲକ୍ଷ୍ମୀ ସିସା, ଜନ ଆନ୍ଦୋଳନମାନଙ୍କର ରାଷ୍ଟ୍ରୀୟ ସମନ୍ୱୟର ଅନ୍ୟତମ ନେତା ଲିଙ୍ଗରାଜ ଆଜାଦ୍ ପ୍ରମୁଖ ସେମାନଙ୍କ ବକ୍ତବ୍ୟ ପ୍ରଦାନ କରିଥିଲେ।

ଭିତିପତ୍ର ଉପସ୍ଥାପନ ଅବସରରେ ପ୍ରଫୁଲ୍ଲ ସାମନ୍ତରା ନିୟମଗିରି, ବାଲନ୍ଦା, ସିଜିମାଳି, କୁଟ୍ରୁମାଳି, ଖଣ୍ଡୁଆଳମାଳି, ରାଜଗାଙ୍ଗପୁର, ସୁନ୍ଦରଗଡ଼ ସମେତ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଖଣିଖାଦାନ ଓ ଶିଳ୍ପ ନାମରେ କିପରି ପ୍ରାକୃତିକ ସମ୍ପଦର ବ୍ୟାପକ ହରିଲୁଟ୍ ଚାଲିଛି, ତାହା ଉପରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ସେହିପରି ମହାନଦୀ, ବୈତରଣୀ, ଋଷିକୂଲ୍ୟା, ଦୟା, ନାଗାବଳୀ, ବଂଶଧାରା, ବୁଢାବଳଙ୍ଗ, ବ୍ରାହ୍ମଣୀ ଆଦି ନଦୀଗୁଡ଼ିକୁ ତଥା ବିଭିନ୍ନ ପ୍ରାକୃତିକ ଜଳ ଉତ୍ସଗୁଡିକ କିପରି ସରକାରଙ୍କ କର୍ପୋରେଟ୍ ପ୍ରୀତି ତଥା ଜନ ବିରୋଧୀ ନୀତି ଯୋଗୁଁ ମୃତ ପ୍ରାୟ ହେବାକୁ ବସିଛି, ସେ ସମ୍ପର୍କରେ କନଭେନସନରେ ଯୋଗଦାନ କରିଥିବା ପ୍ରତିନିଧିମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ଓ ତା'ର ପ୍ରତିକାର ଦିଗରେ ସମ୍ମିଳିତ ପଦକ୍ଷେପ ନେବାକୁ ଆଗେଇ ଆସିବାକୁ ଆହ୍ୱାନ କରିଥିଲେ।

କନଭେନସନକୁ ଉଦଘାଟନ କରି ନର୍ମଦା ବଞ୍ଚାଅ ଆନ୍ଦୋଳନ ତଥା ଜନ ଆନ୍ଦୋଳନମାନଙ୍କର ବିଶିଷ୍ଟ ନେତ୍ରୀ ତାଙ୍କର ବକ୍ତବ୍ୟରେ କହିଥିଲେ ଯେ, ସମସ୍ତ ଜଳ, ଜମି ଓ ଜଙ୍ଗଲ ତଥା ପ୍ରାକୃତିକ ସମ୍ପଦକୁ କେନ୍ଦ୍ରୀକରଣ କରିଆଜି ସରକାର ଲୋକମାନଙ୍କ ଜୀବନ ଜୀବିକାକୁ ଅଣଦେଖା କରୁଛନ୍ତି ଓ ପ୍ରାକୃତିକ ସମ୍ପଦର ଲୁଣ୍ଠନ କରି ଚାଲିଛନ୍ତି। ପିଢ଼ିପରେ ପିଢ଼ିଧରିଲୋକମାନେ ବଞ୍ଚାଇ ରଖିଥିବା ପ୍ରାକୃତିକ ସଂଶାଧନକୁ ସରକାର ବଳପୂର୍ବକ କର୍ପୋରେଟମାନଙ୍କ ହାତରେ ଟେକି ଦେଉଛନ୍ତି। ଆଇନ ପରେ ଆଇନ କରାଯାଉଛି, କିନ୍ତୁ ସମ୍ବିଧାନର ମୂଳଭିତ୍ତିକୁ ଦୁର୍ବଳ କରିଦିଆଯାଉଛି। ଅନୁସୂଚିତ ଅଞ୍ଚଳରେ ସମ୍ବିଧାନର ପଞ୍ଚମ ଅନୁଚ୍ଛେଦ ଅନୁଯାୟୀ ଗ୍ରାମସଭାର ଅଧିକାରକୁ ଅସମ୍ମାନିତ କରାଯାଉଛି। ଯେଉଁ ଗ୍ରାମସଭାର ଅଧିକାରକୁ ନିୟମଗିରି ସୁରକ୍ଷା ଆନ୍ଦୋଳନରେ ମାନ୍ୟବର ସୁପ୍ରିମକୋର୍ଟ ତା'ର ଯୁଗାନ୍ତକାରୀ ରାୟରେ ସାବ୍ୟସ୍ତ କରିଥିଲେ, ତାହାକୁ ସିଜିମାଳି, ତ୍ରିଙ୍କିଆ, ଗନ୍ଧମାର୍ଦନ, ବାଲିଆପାଳ ଆନ୍ଦୋଳନ କ୍ଷେତ୍ରରେ ମର୍ଯ୍ୟାଦା ଦିଆଯାଉ ନାହିଁ। ଗାଁର ଜମି, ଜଙ୍ଗଲ, ଖଣି, ପାଣିଉପରେ ଗ୍ରାମବାସୀଙ୍କ ତଥା ଗ୍ରାମସଭାର ଅଧିକାରକୁଯଦିଆମେ ସମ୍ମାନ ନଦେବା, ତାହା ହେଲେ ଆମେ ଗଣତନ୍ତ୍ରକୁ ସମ୍ମାନ ଦେଉଛନ୍ତି ବୋଲି କହିପାରିବା କି ବୋଲି ସେ ପ୍ରଶ୍ନ କରିଥିଲେ। ନଦୀ ତଥା ଜଳ ଉତ୍ସଗୁଡିକୁ ମାରି ଦିଆଯାଉଛି। ନଦୀରେ ନିଷ୍କାସିତ ହେଉଥିବା ବର୍ଜ୍ୟବସ୍ତୁ ଆଜି ନଦୀକୁ ପ୍ରଦୂଷିତ କରୁଛି, ନଦୀର ପାଣି ଏବେ ବିଷାକ୍ତ ଓ ବ୍ୟବହାର ଯୋଗ୍ୟ ନୁହେଁ। ଲଘୁ ଖଣିଜ ସମ୍ପଦ ଭାବରେ ବିବେଚିତ ହେଉଥିବା ବାଲି ଖନନ ଆଜି ବାଲି ମାଫିଆମାନଙ୍କ ଦ୍ୱାରା କବଳିତ, ଯାହା ନଦୀକୁ ମୃତ୍ୟୁ ମୁହଁକୁ ଠେଲି ଦେଉଛି। ଜଳ-ଜମି ଓ ଜଙ୍ଗଲରେ ଅସ୍ମିତାକୁ ଆଜି ମହାକୁମ୍ଭ ବା ଚାରିଧାମ ଯାତ୍ରା ଭିତରେ ବିଲୀନ କରିଦିଆଯାଇଛି, ଉତରାଖଣ୍ଡ ଆଜି ଖଣ୍ଡ ବିଖଣ୍ଡିତ, ଯାହା ପରିବେଶକୁ ବିପର୍ଯ୍ୟସ୍ତ କରୁଛି ଓ ପ୍ରଦ୍ୟୁଷଣ ମାତ୍ରା ବୃଦ୍ଧି କରିଚାଲିଛି।

## ଚାରୋଟି ସ୍ତମ୍ଭ (ପ୍ରଥମ ପୃଷ୍ଠାରୁ)

(ପ୍ରଥମ ପୃଷ୍ଠାରୁ)

କୁହନ୍ତି ଏ ଦେଶରେ ଚାରିଗୋଟି ଜାତି ଅଛନ୍ତି, ଗରିବ, ଅନ୍ନଦାତା, ଯୁବା ଏବଂ ମହିଳା ତେଣୁ ଆମ ସରକାରଙ୍କ ସବୁ କାର୍ଯ୍ୟକ୍ରମ ଓ ଯୋଜନା ଏହି ଚାରିଜାତିଙ୍କୁ ମୁଖ୍ୟ ହିତାଧିକାରୀ ଭାବେ ବିଚାରକରି କାର୍ଯ୍ୟକ୍ରମ ଖସଡା ପ୍ରସ୍ତୁତ ହୋଇଥିଲା। ଆମର ପ୍ରତିଶୃତି, ଲୋକଙ୍କ ଆଶା, ରାଜ୍ୟର ସମ୍ବଳ ସବୁକୁ ବିଚାର କରି କେବଳ ଗୋଟିଏ ବର୍ଷ ନୁହେଁ, ସମୃଦ୍ଧ ଓଡିଶା ପାଇଁ ଯୋଜନା ପ୍ରସ୍ତୁତ କରିଥିଲୁ। ଏହି ଯୋଜନାରେ ଥିଲା ଚାରିଗୋଟି ସ୍ତମ୍ଭ, ଜୀବନ ଜୀବିକା, ଭିତ୍ତିଭୂମି, ସାମାଜିକ ସୁରକ୍ଷା ଓ ସମାଜ କଲ୍ୟାଣ ତଥା ଓଡିଆ ଅସ୍ମିତା। ଏହି ଭାବି ସରକାରଙ୍କ ଦ୍ୱାରା ପ୍ରସ୍ତୁତ ପ୍ରଥମ ବଜେଟରେ ପ୍ରତିଫଳିତ ହୋଇଥିଲା।

ରାଜ୍ୟର ୬୦ ପ୍ରତିଶତରୁ ବି ଅଧିକ ଲୋକେ ନିଜ ଜୀବନ ଜୀବିକା ପାଇଁ କୃଷି ଉପରେ ନିର୍ଭର କରନ୍ତି କିନ୍ତୁ ରାଜ୍ୟର ସକଳ ଉତ୍ପାଦପ୍ରତି ମାତ୍ର ୨୧ ପ୍ରତିଶତ ଅବଦାନ ଦେଇଥାନ୍ତି।ତେଣୁ, କୃଷି ଓ କୃଷକ କଲ୍ୟାଣ ସହିତ ଦ୍ରୃତ ଶିଳ୍ପାୟନ ଅତ୍ୟନ୍ତ ଆବଶ୍ୟକ। ଏହାକୁ ପୂରଣ କରିବାକୁ ଆମେ ପ୍ରଥମ କ୍ୟାବିନେଟରେ ନେଇଥିବା ନିଷ୍ପତ୍ତି ଧାନକିଣା ବାବଦକୁ ପ୍ରତିଶୃତି ମୁତବକ ୩୧୦୦ ଟଙ୍କା କରିଥିଲୁ, ଏବଂ ୨୦୨୪-୨୫ ଖରିଫ ଋତୁରୁ ହିଁ ତାହା ଲାଗୁହୋଇଥିଲା। ଖୁସିର କଥା ଏହି ଯୋଜନାରେ ପାଖାପାଖି ୧୭ ଲକ୍ଷ ଚାଷୀଙ୍କ ଠୁ ରେକର୍ଡ ପରିମାଣର ଧାନ କ୍ରୟ କରଯାଇଥିଲା। ଚଳିତ କୃଷି ବଜେଟରେ ରେକର୍ଡ ୩୭ ହଜାର ୮୩୮ କୋଟି ଟଙ୍କା ବ୍ୟବସ୍ଥା କରାଯାଇଛି ।

ଜୀବନ ଜୀବିକାର ଦ୍ୱିତୀୟ ଖସଡା ହେଉଛି ଦ୍ରୃତ ଶିଳ୍ପାୟନ ଯଦିଓ ଓଡିଶାରେ ଶିଳ୍ପାୟନ ପାଇଁ ସବୁ ପ୍ରକାର ଅନୁକୂଳ ଉପାଦାନ ଅଛି, କୌଣସି ନା କୌଣସି କାରଣରୁ ଓଡିଶାରେ ତାହାର ପ୍ରତିଫଳିତ ହୋଇନାହିଁ। ତେଣୁ, ଦ୍ରୃତ ଶିଳ୍ପାୟନ ପାଇଁ ଉତ୍କର୍ଷ ଓଡିଶା- ଆୟୋଜିତ ହୋଇଥିଲା ମାନନୀୟ ପ୍ରଧାନମନ୍ତ୍ରୀଙ୍କ ଉଦ୍ୟୋଗପତିଙ୍କ ଗୋଟିଏ ଡକରା, ଓଡିଶାରେ ନିବେଶ କରିବା ପାଇଁ ଯେହି ସମୟ ହେ, ସହି ସମୟ ହେ, ୧୭ ଲକ୍ଷ କୋଟି ତାଙ୍କର ପୁଞ୍ଜି ନିବେଶପାଇଁ ଉଦ୍ୟୋଗ ପତିଙ୍କ ପାଇଁ ପ୍ରେରିତ କରିଥିଲା। ଏହି ପୁଞ୍ଜି ନିବେଶ ୧୩ ଲକ୍ଷ ରୋଜଗାର ସୃଷ୍ଟି କରିବ।

ବିକାଶର ଦ୍ୱିତୀୟ ସ୍ତମ୍ଭ ହେଉଛି ଭିତ୍ତିଭୂମି ଭିତ୍ତିଭୂମିର ବିକାଶ ବିନା ପ୍ରଗତି ଅସମ୍ଭବ, ରୋଜଗାର ସୃଷ୍ଟି ଅସମ୍ଭବ ଓଡିଶା ହେଉଛି। ଦେଶର ଏକମାତ୍ର ରାଜ୍ୟ, ଯେଉଁଠି ବୋଧହୁଏ ସବୁଠାରୁ ଅଧିକ ପ୍ରାବଧାନ ଭିତ୍ତିଭୂମି ପାଇଁ ହୋଇଛି। ଚଳିତ ବଜେଟରେ ରାଜ୍ୟ ସକଳ ଘରୋଇ ଉତ୍ପାଦର ୬.୧ ପ୍ରତିଶତ ଅର୍ଥାତ ୬୫ ହଜାର ୦୧୨ କୋଟି ଟଙ୍କା କେବଳ ପୁଞ୍ଜି ଖର୍ଚ୍ଚ ପାଇଁ ପ୍ରାବଧାନ ହୋଇଛି। ଏହା ସର୍ବକାଳୀନ ରେକର୍ଡ ଅଧିକ ପୁଞ୍ଜି ନିବେଶ ହେଲେ ଆଧିକ ରୋଜଗାର ସୃଷ୍ଟି ହେବ ଏବଂ ରାଜ୍ୟର ବିକାଶ ତ୍ୱରାନ୍ବିତ ହେବ। ଆଜି ଡବଲ ଇଞ୍ଜିନ ସରକାରର ସବୁ ସିଲିଣ୍ଡର ଫାୟାର କରୁଛି। ଏହାର ପ୍ରମାଣ ହେଉଛି ମାତ୍ର ବର୍ଷକ ଭିତରେ ରେଳ ବିକାଶ ପାଇଁ ୭୩ ହଜାର କୋଟି ଟଙ୍କା ମଞ୍ଜୁର ହୋଇଛି। ସହରାଞ୍ଚଳ ଭିତ୍ତି ଭୂମିରେ ପରିବର୍ତ୍ତନ ଆଣିବା ଏବଂ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ପାଇଁ ପାଞ୍ଚ ବର୍ଷ (୨୦୨୫-୨୦୩୦) ମଧ୍ୟରେ ୬,୦୦୦ କୋଟି ଟଙ୍କାରେ ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା ଆରମ୍ଭ କରୁଛୁ ଏହି ଯୋଜନା ଦ୍ୱାରା ସହରାଞ୍ଚଳ ଭିତ୍ତିଭୂମି ପ୍ରକଳ୍ପର ବିକାଶ ହେବ। ଏହି ସବୁ ଭିତ୍ତିଭୂମି ଓଡିଶାର ବିକାଶକୁ ଏକ ନୂତନ ଦିଗନ୍ତ ପ୍ରଦାନ କରିବ।

ତୃତୀୟ ସ୍ତମ୍ଭ ହେଉଛି, ସାମାଜିକ ସୁରକ୍ଷା ଓ ସମାଜ କଲ୍ୟାଣ ଏହା ହେଉଛି ଆମ ସରକାରଙ୍କ ଫୋକସ ଏରିଆ। ରାଜ୍ୟର ସାଧାରଣ ଜନତାଙ୍କୁ ମୌଳିକ ସୁବିଧା ଯୋଗାଇବା ସବୁ ସରକାରଙ୍କ ନୈତିକ ଦାୟିତ୍ୱ ଦୁଃଖର କଥା ଯେ ଆଜି ସ୍ୱାଧୀନତାର ପ୍ରାୟ ୭୮ ବର୍ଷ ପରେ ବି ଆମେ ରୋଟି, କପଡା ଔର ମକାନ ବିଷୟରେ ଆଲୋଚନା କରୁଛୁ।କିନ୍ତୁ, ଏହା ହେଉଛି ବାସ୍ତବତା ଏହି ଦାୟିତ୍ୱକୁ ନିଭେଇ ରାଜ୍ୟବାସୀଙ୍କୁ ଗୁଣାତ୍ମକ ମୌଳିକ ସେବା ଓ ସାମାଜିକ ସୁରକ୍ଷା ଦେବା ପାଇଁ ଆମ ପ୍ରତିଶୃତିବଦ୍ଧ।ଏହି କ୍ରମରେ ଶିକ୍ଷା, ସ୍ୱାସ୍ଥ୍ୟ, ନାରୀ ସଶକ୍ତିକରଣ, ଜନଜାତି ଓ ଅନୁସୂଚିତ ଜାତି ତଥା ପଛୁଆ।ବର୍ଗଙ୍କ କଲ୍ୟାଣ, ରୋଜଗାର ଇତ୍ୟାଦି ଗୁରୁତ୍ୱପୂର୍ଣ୍ଣ। ସରକାର ପ୍ରତି ପଞ୍ଚାୟତରେ ଗୋଟିଏ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ସ୍ଥାପନ କରୁଛନ୍ତି। ସ୍ୱାସ୍ଥ୍ୟ କ୍ଷେତ୍ର ରେ ମଧ୍ୟ ଆମ ସରକାର ଅନେକ ସଂସ୍କାର ଆଣିଛନ୍ତି ଆୟୁଷ୍ମାନ ଭାରତ- ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଏବଂ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାକୁ ଏକକ ଯୋଜନା ଭାବେ ଲାଗୁ କରାଯାଉଛି। ନାରୀ ସଶକ୍ତିକରଣ ଆମ ପାଇଁ କେବଳ ଏକ ସ୍ଲୋଗାନ ନୁହେଁ, ଏହା ରାଜ୍ୟର ଅଧା ଜନସଂଖ୍ୟା ପ୍ରତି ଆମର ପ୍ରତିବଦ୍ଧତା କ୍ୟାବିନେଟର ପ୍ରଥମ ଦିନରେ ନିଆଯାଇଥିବା ସୁଭଦ୍ରା ଯୋଜନା ଆଜି ରାଜ୍ୟର ସବୁଠାରୁ ବଡ ଡିବିଟି କାର୍ଯ୍ୟକ୍ରମ ଏଥି ସହିତ ମାନନୀୟ ମୋଦୀ ଜୀ ଙ୍କ ଦୂରଦର୍ଶୀ ଲକ୍ଷପତି ଦିଦି କାର୍ଯ୍ୟକ୍ରମ ଓଡିଶାରେ ଲାଗୁ ହୋଇଛି ଏବଂ ସାରା ଦେଶରେ ଓଡିଶା ଲକ୍ଷପତି ଦିଦି ସୃଷ୍ଟି କରିବାରେ ଓଡିଶା ପ୍ରଥମ।

ଆମ ବିକାଶର ଚତୁର୍ଥ ସ୍ତମ୍ଭ ହେଉଛି ଓଡିଆ। ଅସ୍ମିତା ଓଡିଆ। ଭାଷା, ସାହିତ୍ୟ, ପରମ୍ପରା ଏବଂ ଜଗନ୍ନାଥ ସଂସ୍କୃତିର ସୁରକ୍ଷା ସହିତ ଏହାର ପ୍ରଚାର ପ୍ରସାର ଆମର ଏକ ଗୁରୁତ୍ତ୍ୱପୂର୍ଣ୍ଣ ପ୍ରତିଶୃତି ଥିଲା ତେଣୁ, ପ୍ରଥମ କ୍ୟାବିନେଟରେ ଚାରିଦ୍ୱାର ଖୋଲିବା ସହିତ ୫୦୦ କୋଟି ଟାଙ୍କର କର୍ପସ ଫଣ୍ଡ ଶ୍ରୀମନ୍ଦିର ପାଇଁ ବ୍ୟବସ୍ଥା କରିଥିଲୁ ଜଗନ୍ନାଥ ସଂସ୍କୃତିର ଆତ୍ମା, ଗୀତିକବି ଜୟଦେବଙ୍କ ଜୟନ୍ତୀକୁ ମହା ସମାରୋହରେ ପାଳନ କରିଥିଲୁ, ଯାହାଙ୍କୁ ପୂର୍ବରୁ ଅଣଦେଖା କରାଯାଇଥିଲା। ଜଗନ୍ନାଥ ସଂସ୍କୃତି ସହିତ ଓଡିଆ। ଭାଷା ସାହିତ୍ୟ ପାଇଁ ସରକାର ଯାହା ସବୁ ସମ୍ଭବ ତାହା କରୁଛନ୍ତି ଏହି ଦିଗରେ ଓଡିଆ। ସଂସ୍କୃତି ପ୍ରତିଷ୍ଠାନ ଖୋଲା ଯାଇଛି ବର୍ତ୍ତମାନ ଅଧିକାଂଶ ସରକାରୀ କାର୍ଯ୍ୟ ଓଡିଆରେ ହେଉଛି କେଜି ରୁ ପିଜି ପର୍ଯ୍ୟନ୍ତ ଓଡିଆ। ଭାଷାରେ ଶିକ୍ଷାଦାନ କରିବା ପାଇଁ କାର୍ଯ୍ୟ ଜାରି ରହିଛି ଆଦିବାସୀ ସମ୍ପ୍ରଦାୟର ଜୀବନ୍ତ ସଂସ୍କୃତିର ପ୍ରଚାର ପ୍ରସାର ପାଇଁ ଆମେ ଆଦିବାସୀ ସ୍ୱାଭିମାନ ଭବନ ଏବଂ ଆଦିବାସୀ ଭାଷା ଓ ସଂସ୍କୃତି ପ୍ରତିଷ୍ଠାନ ମଧ୍ୟ ଖୋଲିଛୁ।

# ଜନଗଣନା

ଆଗାମୀ ୨୦୨୭ ମାର୍ଚ୍ଚ ପହିଲାରୁ ଦେଶରେ ଜନଗଣନା ଆରମ୍ଭ ହେବ। ଅବଶ୍ୟ ଜାମ୍ମୁ-କାଶ୍ମୀର, ଲଦାଖ, ଉତ୍ତରାଖଣ୍ଡ ଏବଂ ହିମାଚଳ ପ୍ରଦେଶରେ ୨୦୨୬ ଅକ୍ଟୋବରରୁ ଏହା ଆରମ୍ଭ ହେବ। କାରଣ ସେଠାରେ ଫେବୃଆରୀ-ମାର୍ଚ୍ଚରେ ବରଫପାତ ସହ ପ୍ରତିକୂଳ ପାଣିପାଗର ଆଶଙ୍କା ରହିଛି। ଦେଶର ବାକି ଅଞ୍ଚଳରେ ୨୦୨୭ ମାର୍ଚ୍ଚରୁ ଜନଗଣନା ଆରମ୍ଭ ହେବ। ପ୍ରାୟ ୩ ବର୍ଷ ଧରି ଏହି ପ୍ରକ୍ରିୟା ଚାଲିବ ଏବଂ ୨୦୩୦ରେ ଚୂଡ଼ାନ୍ତ ଜନଗଣନା ରିପୋର୍ଟ ପ୍ରକାଶ ପାଇବ ବୋଲି ଗୃହ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ପ୍ରଥମ ଥର ପାଇଁ ଏଥରେ ଭାରତରେ ଜାତିଭିତ୍ତିକ ଜନଗଣନା ହେବ। କହିବା ବାହୁଲ୍ୟ ଯେ, ଭାରତ ହେଉଛି ବିଶ୍ୱର ସର୍ବାଧିକ ଜନବହୁଳ ଦେଶ। ୧୪୦ କୋଟିରୁ ଅଧିକ ସଂଖ୍ୟକ ଲୋକ ବସବାସ କରୁଥିବା ଦେଶରେ ନିର୍ଭୁଲ ଜନଗଣନା କରିବା ଏକ ବିରାଟ କାର୍ଯ୍ୟ। ବିଶ୍ୱର ଅନ୍ୟ କୌଣସି ଦେଶରେ ଏହା ଦେଖିବାକୁ ମିଳିନଥାଏ। ଆଗାମୀ ୨୦୨୯ରେ ସାଧାରଣ ନିର୍ବାଚନ ହେବାକୁ ଯାଉଛି। ନିର୍ବାଚନ ପରେ ଜନଗଣନା ରିପୋର୍ଟ ଆସିବ। ଏହାକୁ ଆଧାର କରି ପରବର୍ତ୍ତୀ ନିର୍ବାଚନ ପାଇଁ ସଂସଦ ଓ ବିଧାନସଭାରେ ମହିଳାଙ୍କ ପାଇଁ ୩୩% ସ୍ଥାନ ସଂରକ୍ଷଣ ହେବ। ଯଦିଓ ସଂସଦରେ ମହିଳା ସଂରକ୍ଷଣ ବିଲ ଗୃହୀତ ହୋଇ ଆଇନରେ ପରିଣତ ହୋଇଯାଇଛି, କିନ୍ତୁ ୨୦୨୯ ନିର୍ବାଚନରେ ଏହା କାର୍ଯ୍ୟକାରୀ ହେବା ସମ୍ଭାବନା କ୍ଷୀଣ। ଉଲ୍ଲେଖ ଯୋଗ୍ୟ ଯେ, ବ୍ରିଟିଶ ଶାସନ କାଳରେ ୧୮୮୧ରେ ପ୍ରଥମେ ଭାରତରେ ଜନଗଣନା ଆରମ୍ଭ ହୋଇଥିଲା। ଏହା ପରେ ପ୍ରତି ୧୦ ବର୍ଷରେ ଥରେ ଜନଗଣନା ହୋଇଥାଏ। ଏହି କ୍ରମରେ ୨୦୨୧ରେ ଭାରତରେ ଜନଗଣନା ହେବା କଥା। କିନ୍ତୁ କୋଭିଡ ମହାମାରୀ ଯୋଗୁ ସେତେବେଳେ ଏହା ସମ୍ଭବ ହୋଇପାରିନଥିଲା। ଏବେ ୨୦୨୭ରେ ଜନଗଣନା ହେବ। ୨୦୩୦ରେ ଏହାର ରିପୋର୍ଟ ପ୍ରକାଶ ପାଇବ। ତେଣୁ ପରବର୍ତ୍ତୀ ଜନଗଣନା ୨୦୩୧ରେ ନହୋଇ ୨୦୩୭ରେ ହେବ। ଭାରତ ଭଳି ଏକ ବିଶାଳ ଏବଂ ଜନବହୁଳ ଦେଶରେ ଜନଗଣନା ଏକ ଅତ୍ୟନ୍ତ କଷ୍ଟକର କାର୍ଯ୍ୟ। ପ୍ରତି ଗଳି କନ୍ଦିଠାରୁ ଆରମ୍ଭ କରି ଜଙ୍ଗଲ, ପାହାଡ଼ରେ ରହୁଥିବା ଦେଶର ପ୍ରତ୍ୟେକ ନାଗରିକଙ୍କ ନିକଟକୁ ଜନଗଣନା କାର୍ଯ୍ୟରେ ନିୟୋଜିତ ବ୍ୟକ୍ତି ଯିବେ। କୋଟିଏରୁ ଅଧିକ କର୍ମଚାରୀ, ଶିକ୍ଷକ ଏଥିରେ ସାମିଲ ହେବେ। ଜନଗଣନା ପୂର୍ବରୁ ସେମାନଙ୍କୁ ଉପଯୁକ୍ତ ତାଲିମ ପ୍ରଦାନ କରାଯିବ ଯେପରିକି ସେମାନେ ସଠିକ ଭାବେ ଜନଗଣନା କରିପାରିବେ। ଭାରତରେ ଜନଗଣନା କହିଲେ କେବଳ ମୁଣ୍ଡଗଣତିକୁ ବୁଝାଏ ନାହିଁ, ଲୋକଙ୍କ ସାମାଜିକ ଏବଂ ଆର୍ଥିକ ସ୍ଥିତିର ମଧ୍ୟ ସମୀକ୍ଷା କରାଏ। ଜନଗଣନା ରିପୋର୍ଟ ଆଧାରରେ ସରକାର ବିଭିନ୍ନ ଯୋଜନା ପ୍ରସ୍ତୁତ କରନ୍ତି। ଜନକଲ୍ୟାଣମୂଳକ ଯୋଜନା ସହ ଅନେକ ସାମାଜିକ ଏବଂ ଆର୍ଥିକ କାର୍ଯ୍ୟକ୍ରମ ଏହା ଦ୍ୱାରା ନିର୍ଦ୍ଧାରିତ ହୋଇଥାଏ। ଦେଶରେ ମହିଳା ଓ ପୁରୁଷଙ୍କ ସଂଖ୍ୟା ଅନୁପାତ ଏଥିରୁ ଜଣାପଡ଼ିବ। ଜନସଂଖ୍ୟା ନିୟନ୍ତ୍ରଣ କାର୍ଯ୍ୟକ୍ରମ ଏହା ଦ୍ୱାରା କେତେଦୂର ସଫଳ ହୋଇଛି ତାହା ସ୍ପଷ୍ଟ ହେବ। ବିଭିନ୍ନ ଜାତି ଓ ଧର୍ମାବଲମ୍ବୀଙ୍କ ସଂଖ୍ୟା, ଲୋକଙ୍କ ପେଷା, ଶ୍ରମିକ, କୃଷକ, ଶିକ୍ଷିତ ବ୍ୟକ୍ତିଙ୍କ ସଂଖ୍ୟା କେତେ ତାହା ଏହି ଜନଗଣନାରୁ ଜଣାପଡ଼ିବ। କିନ୍ତୁ ଏଥର ଜାତିଭିତ୍ତିକ ଜନଗଣନା କରାଯାଉଛି। ଅର୍ଥାତ କେଉଁ ଜାତିର ଲୋକଙ୍କ ସଂଖ୍ୟା କେତେ ତାହା ଜଣାପଡ଼ିବ। ୨୦୧୧ରେ ୟୁପିଏ ଶାସନ କାଳରେ ହୋଇଥିବା ଜନଗଣନାରେ ଜାତି ଏବଂ ସାମାଜିକ ଓ ଅର୍ଥନୈତିକ ସ୍ଥିତିକୁ ଆଧାର କରି ଜନଗଣନା ରିପୋର୍ଟ ପ୍ରସ୍ତୁତ ହୋଇଥିଲା। କିନ୍ତୁ ତାହା ସାର୍ବଜନୀନ ହୋଇନଥିଲା। ୨୦୩୦ରେ ଏହା ସ୍ପଷ୍ଟ ହେବ ଯେ, ଭାରତରେ କେଉଁ ଜାତିର ଲୋକସଂଖ୍ୟା କେତେ। ଏହି ଆଧାରରେ ଦେଶରେ ସଂରକ୍ଷଣ ବ୍ୟବସ୍ଥା ବଦଳିବା ଯୋଜନା ରହିଛି। ଏହାଠାରୁ ବଳି ଦୁର୍ଭାଗ୍ୟର ବିଷୟ ଆଉ କିଛି ନଥାଇପାରେ। ଭାରତକୁ ୨୦୪୭ ସୁଦ୍ଧା ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବାକୁ ଯେଉଁ ସଙ୍କଳ୍ପ ନିଆଯାଇଛି ତାହାକୁ ସଫଳ କରିବାକୁ ହେଲେ ଜାତିଗତ ସଂରକ୍ଷଣ ବ୍ୟବସ୍ଥାକୁ ହଟାଇବାକୁ ପଡ଼ିବ। ନଚେତ ଭାରତ କଦାପି ଏକ ବିକଶିତ ରାଷ୍ଟ୍ରରେ ପରିଣତ ହୋଇପାରିବ ନାହିଁ। କାରଣ ଦେଶର ବିକାଶରେ ସଂରକ୍ଷଣ ବ୍ୟବସ୍ଥା ହେଉଛି ସବୁଠାରୁ ବଡ଼ ପ୍ରତିବନ୍ଧକ। ଭାରତ ହେଉଛି ବହୁ ଜାତି, ଧର୍ମ ଏବଂ ଭାଷାଭାଷି ଲୋକଙ୍କ ଦେଶ। ସେମାନଙ୍କ ମଧ୍ୟରେ ଏକତା, ମିତ୍ରତା ଏବଂ ସମନ୍ୱୟ ନରହିଲେ ଦେଶର ବିକାଶ ଅସମ୍ଭବ। ତେଣୁ ଜାତିଗତ ସଂରକ୍ଷଣ ବ୍ୟବସ୍ଥାକୁ ଅଧିକ ପ୍ରାସାରିତ କରିବା ଦେଶର ହିତ ପରିବର୍ତ୍ତେ ବିପଦର କାରଣ ହୋଇପାରେ।

# ମୁକ୍ତିଗ୍ରନ୍ଥ-ଭାଗବତ

**ପ୍ରଦୀପ୍ତ କୁମାର ବିଶ୍ୱାଳ**

କଦା ଭଗବାନ ବ୍ୟାସଦେବ ଅଷ୍ଟାଦଶ ପୁରାଣ ରଚନା କରିବା ସତ୍ତ୍ୱେ ବିରକ୍ଷ ବଦନରେ ବସି ଥାଆନ୍ତି। ଏହି ସମୟରେ ମହର୍ଷି ନାରଦ ଉପସ୍ଥିତ ହୋଇ ବ୍ୟାସଦେବଙ୍କ ଦୁଃଖର କାରଣ ପଚାରନ୍ତେ ବ୍ୟାସଦେବ କହିଲେ ମୁଁ ଅଷ୍ଟାଦଶ ପୁରାଣ ରଚନା କଲି ମାତ୍ର ମୋ ମନରେ ଶାନ୍ତି ନାହିଁ। ମହର୍ଷି କହିଲେ ଆପଣ ମହାଭାରତ ଭଳି ଯେଉଁ ଅଷ୍ଟାଦଶ ପୁରାଣ ରଚନା କରିଛନ୍ତି ଏଥିରେ ଆପଣ ମଣିଷର ସାଂସାରିକ, ସାମାଜିକ କଥା, ସମସ୍ୟା ଓ ସମାଧାନ ବର୍ଣ୍ଣନା କରିଛନ୍ତି, ଏଥିରେ ମାନସିକ ଶାନ୍ତି ପ୍ରାପ୍ତ ହେବ ନାହିଁ, ମାନସିକ ଶାନ୍ତି ପାଇଁ ଆପଣ ଭଗବତ୍ ବିଷୟରେ ରଚନା କଲେ ଶାନ୍ତି ପ୍ରାପ୍ତ ହେବ। ମହର୍ଷି ନାରଦଙ୍କ ଉକ୍ତି ଶୁଣି ବ୍ୟାସଦେବ ସରସ୍ୱତୀ ନଦୀ କୂଳରେ ଭାଦ୍ରବମାସ ପୂର୍ଣ୍ଣିମା ଦିନ ଏହି 'ଭାଗବତ' ମହାପୁରାଣ ଗ୍ରନ୍ଥ ରଚନା କରିଥିଲେ। ଏଥିରେ ଥିବା ସୃଷ୍ଟି ଓ ସ୍ରଷ୍ଟାଙ୍କ ଅମୃତ ବାଣୀ ପରବର୍ତ୍ତୀ କାଳରେ ସନାତନ ଧର୍ମର ଏକ ମହାର୍ଘ ସଂପଦ ହୋଇଯାଏ।

ଭାଗବତ ଶବ୍ଦର ଅର୍ଥ ହେଲା ଭା-ଭାବ, ଗ-ଜ୍ଞାନ, ବ-ବ୍ରହ୍ମାଣ୍ଡ ଓ ତ-ତତ୍ତ୍ୱ ଅର୍ଥାତ୍ ବ୍ରହ୍ମାଣ୍ଡର ଭାବଗତ ତତ୍ତ୍ୱ ବା ବ୍ରହ୍ମ ଜ୍ଞାନ ସଂପର୍କରେ ଆଲୋଚନା। ଯାହାକୁ ଶ୍ରବଣକଲେ ମଣିଷ ବ୍ରହ୍ମଜ୍ଞାନ ପ୍ରାପ୍ତ ହୋଇ ଜୀବନମୁକ୍ତି ବା ମୋକ୍ଷପ୍ରାପ୍ତ ହୋଇଥାଏ।

ଆମ ଉତ୍କଳରେ ଭାଦ୍ରବ ମାସ ପୂର୍ଣ୍ଣିମାରେ ଗାଁ ଗାଁରେ ଭାଗବତ ଟୁଙ୍ଗୀରେ ତଥା ବିଭିନ୍ନ ମନ୍ଦିର ଓ ମଠମାନଙ୍କରେ ଓ ଘରେ ଘରେ ଭାଗବତ ଗାଦି ଉପରେ ପୂଜା ପାଉଥିବା ଅତିବଡୀ ଜଗନ୍ନାଥ ଦାସଙ୍କ ତାଳପତ୍ରର 'ଭାଗବତ ପୋଥି'ଙ୍କ ଶ୍ରୀମଦ୍ ଭାଗବତ ଜନ୍ମୋତ୍ସବ ପାଳନ କରାଯାଏ। ଭାଗବତ ପୋଥିକୁ ସ୍ୱୟଂ ବାସୁଦେବ ଭାବେ ପୂଜାର୍ଚ୍ଚନା କରି ଖିରି ପୁରି ଆଦି ଭୋଜିର ଆୟୋଜନ ହୋଇଥାଏ। ଜନମାନସରେ ଏହା ଭଗବାନ ବିଷ୍ଣୁଙ୍କ ଜୀବନ୍ତ ମୂର୍ତ୍ତିମନ୍ତ ପ୍ରତୀକ। ମହାପୁରୁଷ ଓ ଦେବୀଦେବତା ମାନଙ୍କର ଜନ୍ମଦିନ ପାଳନ କରାଯାଇଥାଏ ମାତ୍ର ପୃଥିବୀରେ କୌଣସି ଜାତି ଗୋଟିଏ ଗ୍ରନ୍ଥର ଜନ୍ମଦିନ ପାଳନ କରିବା ପ୍ରାୟତଃ କୌଣସିଠାରେ ଦେଖାଯାଏ ନାହିଁ।

ବିଷ୍ଣୁପୁରାଣରୁ ଜଣାଯାଏ ଶ୍ରୀହରି ପୃଥିବୀ ତ୍ୟାଗକରି ଦିବ୍ୟଧାମକୁ ଗମନ କରିବାପରେ 'କଳି' ପୃଥିବୀରେ ତାର ପ୍ରଭୁତ୍ୱ ବିସ୍ତାର କରିବାକୁ ଲାଗିଲା। ଦିନେ ଅର୍ଜୁନଙ୍କ ପ୍ରୌପୁତ୍ର ରାଜା ପରୀକ୍ଷିତଙ୍କୁ କଳି ଅନୁରୋଧ କରି କହିଲେ ସମୟର ଚକ୍ର ଅନୁସାରେ ସତ୍ୟ, ତ୍ରେତୟା ଓ ଦ୍ୱାପରେ ପରେ ବର୍ତ୍ତମାନ 'କଳି' ପୃଥିବୀ ପୃଷ୍ଠରେ ପ୍ରବେଶ କରିସାରିଲେଣି କିନ୍ତୁ ପରିକ୍ଷିତ ଜଣେ କ୍ଷମାଶୀଳ ଓ ନ୍ୟାୟବାନ ନୀତିନିଷ୍ଠ ରାଜା ହୋଇଥିବାରୁ 'କଳି' ତାଙ୍କ ରାଜ୍ୟରେ ପ୍ରବେଶ କରିପାରୁ ନଥାନ୍ତି। ରାଜା ପରିକ୍ଷିତ ଏକ ସର୍ତ୍ତରଖିଲେ ଯେ 'କଳି' ସମସ୍ତ ସ୍ଥାନକୁ ପ୍ରବେଶ କରି ସାଧାରଣ ଓ ସରଳ ବ୍ୟକ୍ତିମାନଙ୍କୁ ଆଘାତ କରିବେ ନାହିଁ। ଜୁଆଖେଳ, ପାନଶାଳା, ହିଂସା ଓ ବେଶ୍ୟାଳୟ ଭଳି ୪ଟି ସ୍ଥାନ ଯେଉଁଠି 'କଳି' ପ୍ରବେଶ କରି ସେମାନଙ୍କ ଉପରେ ପ୍ରଭାବ ବିସ୍ତାର କରି ପାରନ୍ତି। 'କଳି' କହିଲେ ସେ ସବୁସ୍ଥାନ ତ ଗନ୍ଧିଆ ସ୍ଥାନ ଏ ସ୍ଥାନକୁ ସର୍ବଦା ଗନ୍ଧିଆ ଲୋକମାନେ ଆସନ୍ତି, ମୋତେ ଆଉ ଗୋଟିଏ ଭଲ ସ୍ଥାନ ଦିଅନ୍ତୁ ଯେଉଁଥିରେ ମୁଁ ଅବସ୍ଥାନ କରିବି। ତା'ପରେ ରାଜା ପରିକ୍ଷିତ 'କଳି'କୁ 'ସୁବର୍ଣ୍ଣ' ମଧ୍ୟରେ ରହିବାପାଇଁ ଅନୁମତି ଦେଲେ। ଦିନେ ରାଜା ପରିକ୍ଷିତ କୌତୁହଳ ବଶତଃ ତାଙ୍କ ପ୍ରପିତା (ପାଣ୍ଡବ) ଛାଡିଯାଇଥିବା ଗୋଟିଏ ବାକ୍ସରେ ଗୋଟିଏ ସୁବର୍ଣ୍ଣ ମୁକୁଟ ରଖିଥିବାର ଦେଖି ଭଲମନ୍ଦ ବିଚାର ନ କରି ତାକୁ ଆଣି ମସ୍ତକରେ ପରିଧାନ କରିଦେଲେ। ସେ ମୁକୁଟ ଟି ପ୍ରବଳ ପ୍ରତାପୀ ଜରାସନ୍ଧର ଥିଲା। ଜରାସନ୍ଧର ପୁତ୍ର ପିତାଙ୍କର ମୁକୁଟଟିକୁ ଫେରାଇଦେବାକୁ ସହଦେବଙ୍କୁ ଅନୁରୋଧ କରିବାରୁ ଭୀମ ଏହାକୁ ବଳପୂର୍ବକ ଜରାସନ୍ଧଠାରୁ ଛଡାଇ ଆଣିଥିବାରୁ ସେ ଏହାକୁ ଫେରାଇବାକୁ ଅରାଜି ହେଲେ। ତେଣୁ ଏହି ମୁକୁଟଟି ଅନୈତିକତାର ସହ ଅଣାଯାଇଥିଲା। ଅର୍ଥ ଓ ସୁବର୍ଣ୍ଣ ଅନୈତିକତାର ସହ ଆହରଣ କଲେ ତାହା 'କଳି' କୁ ନିମନ୍ତ୍ରଣ କରିଥାଏ। ଯେତେବେଳେ ରାଜା ପରିକ୍ଷିତ ସେହି ମୁକୁଟ ପରିଧାନ କଲେ ତତ୍‌କ୍ଷଣାତ୍ 'କଳି' ରାଜାଙ୍କ ମୁଣ୍ଡରେ ପ୍ରବେଶ କରିଥିଲେ।

କିଛିଦିନ ପରେ ରାଜା ପରିକ୍ଷିତ ସେହି ମୁକୁଟ ପରିଧାନ କରି ଅରଣ୍ୟକୁ ଶିକାର କରିବାକୁ ବାହାରିଲେ। ଅରଣ୍ୟରେ ଶିକାର ପଛରେ ଧାଇଁ ଧାଇଁ ରାଜା ପରିକ୍ଷିତ ଧ୍ୟାନରତ ମୁନିଙ୍କୁ ତୃଷାମେଣ୍ଟାଇବା ପାଇଁ ଜଳମାଗିଲେ। ଧ୍ୟାନସ୍ଥ ଋଷି ଧ୍ୟାନରୁ ନ ଉଠିବାରୁ ତୃଷାର୍ତ୍ତ ରାଜାଙ୍କ ସୁବର୍ଣ୍ଣ ମୁକୁଟ ମଧ୍ୟରେ ରହି 'କଳି' ରାଜାଙ୍କ ବିବେକକୁ ଭ୍ରଷ୍ଟକରି ଦେଇଥିଲେ। ଅନତିଦୂରରେ ମରିପଡିଥିବା ଏକ ସର୍ପକୁ ତୀରଅଗ୍ରରେ ଆଣି ଶମୀକ ଋଷିଙ୍କ ଗଳାରେ ମଲା ସାପକୁ ପକାଇବାକୁ ପ୍ରବର୍ତ୍ତାଇ ଥିଲେ। ଋଷିଙ୍କ ଗଳାରେ ଲମ୍ବାଇ ଦେଲେ। ଇତ୍ୟବସରରେ ଋଷିପୁତ୍ର ପିତାଙ୍କ ଗଳାରେ ମୃତ ସର୍ପକୁ ଦେଖି କ୍ରୋଧାଗ୍ନିରେ ପ୍ରଜ୍ୱଳିତ ହୋଇ 'ଯେ ଏହି କର୍ମ କରିଛି ତାକୁ ୭ଦିନ ମଧ୍ୟରେ ତକ୍ଷକ ଦଂଶନରେ ପ୍ରାଣ ଯାଉ ବୋଲି ଶାପ ଦେଲେ'। ଋଷି ଧ୍ୟାନରୁ ଉଠି ଜାଣିଲେ ଯେ ବଡ ଅନର୍ଥ ହୋଇଛି। ରାଜା ପରିକ୍ଷିତଙ୍କୁ ଏ ଭଳି ଶାପ ଦେବା ପୁତ୍ର ପକ୍ଷରେ ଠିକ୍ ହୋଇ ନାହିଁ। ମାତ୍ର ଋଷି ବାକ୍ୟ ଅନ୍ୟଥା ହୁଏନା।

ଋଷିପୁତ୍ର ସୃଙ୍ଗି ଅଭିଶାପ ଦେଲେ ଯେ ଅଭିଯୁକ୍ତ ରାଜା ୭ଦିନ ମଧ୍ୟରେ ତକ୍ଷକ ଦଂଶନରେ ପ୍ରାଣତ୍ୟାଗ କରିବେ। ଯେତେବେଳେ ରାଜା ପରିକ୍ଷିତ ଋଷିପୁତ୍ର ସୃଙ୍ଗିଙ୍କ ଶାପ ବିଷୟରେ ଜାଣିବାକୁ ପାଇଲେ, ସଙ୍ଗେ ସଙ୍ଗେ ସିଂହାସନ ତ୍ୟାଗକରି ପୁତ୍ର ଜନ୍ମେଜୟଙ୍କୁ ଅବସ୍ଥାପିତ କରି ଗଙ୍ଗାକୂଳରେ ଯାଇ ଖାଦ୍ୟ, ଜଳ ଓ ପାର୍ଥିବସୁଖ ତ୍ୟାଗ କରିଦେଲେ। ପରିକ୍ଷିତ ଭାବିଲେ ଋଷିପୁତ୍ର ସୃଙ୍ଗି ତାଙ୍କୁ ପ୍ରକାରାନ୍ତରେ ଶାପ ନୁହେଁ ବରଂ ଆଶିର୍ବାଦ କରିଛନ୍ତି ନଚେତ୍ ସେ ରାଜସିକ ସୁଖ ଛାଡି ବୈରାଗ୍ୟ ନେଇ ପାରି ନ ଥାଆନ୍ତେ।

ବହୁ ସନ୍ଥ ତାଙ୍କ ପାଖକୁ ଆସିଲେ ମାତ୍ର କେହି ତାଙ୍କୁ ଏହି ୭ଦିନ ମଧ୍ୟରେ ମୋକ୍ଷ ବା ମୁକ୍ତି ପ୍ରଦାନ କରିବାକୁ ସମର୍ଥ ହେଲେ ନାହିଁ। ଶେଷରେ ଶୁକଦେବ ଭରସା ଦେଇ କହିଲେ 'ଚିନ୍ତା କର ନାହିଁ, ମୁଁ ତୁମକୁ ମୋକ୍ଷ ପ୍ରଦାନ କରିବି ଯାହା ମୁଁ ମୋ ସାଧନା ବଳରେ ପ୍ରାପ୍ତ ହୋଇଛି। ମୋକ୍ଷ ପ୍ରାପ୍ତି ପାଇଁ ୭ଦିନ ପର୍ଯ୍ୟାପ୍ତ। ବର୍ତ୍ତମାନରେ ବଞ୍ଚ ଏବଂ ସର୍ବଶକ୍ତିମାନ ଭଗବାନଙ୍କର ଆରାଧନା କର।' ରାଜା ୭ଦିନ ପର୍ଯ୍ୟନ୍ତ ଶୁକଦେବଙ୍କଠାରୁ 'ଭାଗବତ' ମହାପୁରାଣ ଶ୍ରବଣ କରି ମୃତ୍ୟୁ ଭୟରୁ ମୁକ୍ତି ପାଇଲେ। ସେ ଜନ୍ମ ମୃତ୍ୟୁର ରହସ୍ୟକୁ ଉପଲବ୍ଧି କରି ମୋକ୍ଷ ପ୍ରାପ୍ତ ହୋଇ ଶରୀର ତ୍ୟାଗ କରିଥିଲେ। ତକ୍ଷକ ୭ଦିନପରେ ଆସି ପରିକ୍ଷିତଙ୍କର କେବଳ ଶରୀରକୁ ଦଂଶନ କରିଥିଲା।

ଭଗବାନ ବ୍ୟାସଦେବଙ୍କ ସଂସ୍କୃତ ଭାଗବତ ରଚନାର ଅନୁକରଣରେ ଓଡିଆଭାଷାରେ ଭାଗବତ ପ୍ରଥମେ ରଚନା କରନ୍ତି ମହାପୁରୁଷ ଅତିବଡୀ ଜଗନ୍ନାଥ ଦାସ। ଏହା ଓଡିଆ ଜାତୀୟଜୀବନକୁ ଈଶ୍ୱର ପ୍ରେମରେ ଭସାଇ ନେଇ ଏ ଜାତିର ପରମଇଷ୍ଟ ମହାପ୍ରଭୁ ମହାବାହୁ ଜଗନ୍ନାଥଙ୍କୁ ଓଡିଆଜାତିର ଶ୍ରେଷ୍ଠ ଐଶ୍ୱର୍ଯ୍ୟଭାବେ ପ୍ରତିପାଦିତ କରିଛି। ଏ ସଂପର୍କରେ ଏକ ଜନଶ୍ରୁତି ଅଛି। ଜଗନ୍ନାଥ ଦାସଙ୍କ ମାଆ ପଦ୍ମାବତୀ ଶ୍ରୀମନ୍ଦିରରେ ପ୍ରତ୍ୟେହ ପଠିତ ସଂସ୍କୃତ ଭାଗବତ ବୁଝି ନ ପାରି, ନିଜ ମାତୃଭାଷାରେ ଭାଗବତ ରଚନା କରିବାପାଇଁ ପୁତ୍ର ଜଗନ୍ନାଥଙ୍କୁ ଅନୁରୋଧ କରିଥିଲେ। ବ୍ୟାସଦେବଙ୍କ ସଂସ୍କୃତ ଭାଗବତ ମହାପୁରାଣ ଅନୁକରଣରେ ଜଗନ୍ନାଥ ନିଜ ମା'ଆ ଓ ପ୍ରକାରାନ୍ତରେ ସାରା ଓଡିଶାର ମା'ମାନେ ବୁଝି ପାରିଲା ଭଳି ସରଳ ଓ ସାବଲୀଳ କଥିତ ଓଡିଆ ଭାଷାରେ ନବାକ୍ଷରୀ ଛାନ୍ଦରେ ଓଡିଆ ଭାଗବତ ରଚନା କରିଥିଲେ। ଜଗନ୍ନାଥ ଦାସଙ୍କ ଭାଗବତ ଗ୍ରନ୍ଥଟି କୃଷ୍ଣ ଚେତନାର ଏକ ସାମଗ୍ରିକ, ମଧୁର ଅଭିବ୍ୟକ୍ତି କୃଷ୍ଣଲୀଳା ବର୍ଣ୍ଣନା ଏହାର ମୁଖ୍ୟ ଆକର୍ଷଣ। ଏହି ଗ୍ରନ୍ଥଟି ନୀତିବାଣୀ, ସଦୁକ୍ତି, ଲୋକୋକ୍ତି ଆଦିର ଏକ ଅନନ୍ୟ ଅମୂଲ୍ୟ ଭଣ୍ଡାର।

ଓଡିଆର ଘରେ ଘରେ ଦିନେ ସ୍ୱତନ୍ତ୍ର ସ୍ଥାନ ନେଇଥିଲା ଓଡିଆ ଭାଗବତ। ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଭାଗବତ ଥିଲା ମଣିଷ ତଥା ସମାଜର ସାଥୀ। ମାତ୍ର ଆଜି ଆଧୁନିକତାର ପ୍ରଭାବରେ ଏହା ଅଲୋଡା ହୋଇଯାଇଛି, ବ୍ୟକ୍ତି ତଥା ସମାଜ ସଂସ୍କାର ପାଇଁ ଭାଗବତ ଯେ ଅପରିହାର୍ଯ୍ୟ, ଏକଥା ଆମକୁ ସ୍ୱୀକାର କରିବାକୁ ହେବ। ଗାଁ ଗାଁରେ ଭାଗବତ ଟୁଙ୍ଗୀରେ ଭାଗବତ ଗାଦି ଉପରେ ପୂଜା ପାଉଥିଲେ ଅତିବଡୀ ଜଗନ୍ନାଥ ଦାସଙ୍କ ତାଳପତ୍ରର ଭାଗବତ ପୋଥି। ପ୍ରତ୍ୟେହ ସନ୍ଧ୍ୟାରେ ଭାଗବତ ପଢାଯାଉଥିଲା, ଲୋକମାନେ ଶୁଣୁଥିଲେ, ଦୁର୍ବୋଧ ହେଲେ ପଣ୍ଡିତ ମହାଶୟ ତାକୁ ସରଳ କରି ବୁଝାଉଥିଲେ। ସମାଜ ସଂସ୍କାର ଓ ସମାଜ ଗଠନ ନିମନ୍ତ ଭାଗବତ ଲୋକମାନଙ୍କୁ ମାର୍ଗଦର୍ଶନ କରାଉଥିଲା। ଭାଗବତ ପୋଥିକୁ ସ୍ୱୟଂ ବାସୁଦେବ ଭାବେ ପୂଜା କରିବାର ବିଧି ଓ ମୃତ୍ୟୁଶଯ୍ୟାରେ ଭାଗବତ ପଠନର ପରମ୍ପରା ଓଡିଆ ଜାତିର ଏକାନ୍ତ ନିଜସ୍ୱ।

ସନାତନ ଧର୍ମର ବିଶେଷତ୍ୱ ଯେ ଏହା ମଣିଷର ଦୁର୍ଯୋଗକୁ ସୁଯୋଗରେ ପରିଣତ କରିବାର ମାର୍ଗଦର୍ଶନ କରାଇଥାଏ। ତ୍ରେତୟା ଯୁଗରେ ରାମାୟଣରେ ମାତା କୈକେୟୀ ପୁତ୍ର ରାମଚନ୍ଦ୍ରଙ୍କ ୧୪ବର୍ଷ ବନବାସ ବର ନ ମାଗିଥିଲେ ରାମଚନ୍ଦ୍ର ରବାଣଙ୍କୁ ମାରି ମର୍ଯ୍ୟାଦା ପୁରୁଷ ହୋଇ ପାରି ନ ଥାଆନ୍ତେ, ଦ୍ୱାପରେ ଯୁଗରେ ମହାଭାରତ ଯୁଦ୍ଧ ନ ହୋଇଥିଲେ 'ଶ୍ରୀମଦ୍ ଭାଗବତ୍ ଗୀତା' ଭଳି ମହାନ ଜୀବନ ବେଦ ଓ କଳିଯୁଗରେ ରାଜା ପରିକ୍ଷିତ, ଋଷିପୁତ୍ର ସୃଙ୍ଗିଙ୍କର ଶାପଗ୍ରସ୍ତ ନ ହୋଇଥିଲେ 'ଶ୍ରୀମଦ୍ ଭାଗବତ' ଭଳି ଅମୂଲ୍ୟ ଆଧାତ୍ମିକ ଗ୍ରନ୍ଥ ପାଇପାରି ନ ଥାଆନ୍ତେ।

'ଭାଗବତ' ଜୀବନ ଦର୍ଶନର ଗ୍ରନ୍ଥ ଅଟେ। ଜୀବନ ଧାରଣର ମାର୍ଗ ଦର୍ଶନ କରାଏ। ବୈରାଗ ଜାଗୃତ କରାଏ। ଜ୍ଞାନ ଓ ବୈରାଗ୍ୟ ମଣିଷ ଭିତରେ ଥାଏ। ଭାଗବତ ବ୍ୟତୀତ ଅନ୍ୟ କୌଣସି ଗ୍ରନ୍ଥ ନାହିଁ, ଯାହା ୭ଦିନରେ ମଣିଷକୁ ମୁକ୍ତିର ମାର୍ଗ ଦର୍ଶନ କରାଇ ପାରିବ। ମୃତ୍ୟୁର ଭୟରୁ ମୁକ୍ତ କରାଏ ଭାଗବତ। ଆତ୍ମା ର ମୁକ୍ତି ମାର୍ଗ ଦେଖାଏ। 'ଭାଗବତ ପୁରାଣ'କୁ ମୁକ୍ତିଗ୍ରନ୍ଥ କୁହାଯାଏ। ଭାଗବତ ମଣିଷର ନିଜର ବାସ୍ତବିକ ସଂପର୍କକୁ ଜଣାଏ ଆତ୍ମାକୁ ନିଜର ଅନୁଭୂତି ସହ ଯୋଡିଥାଏ। ସଂସାରିକ ଦୁଃଖ, ଲୋଭ-ମୋହ, କ୍ଷୁଧା ଯେତେ ପ୍ରକାର ଭାବନାର ବନ୍ଧନରୁ ମୁକ୍ତ କରି ଈଶ୍ୱର ତଥା ତାହାର ଏକ ଅଂଶ ଆତ୍ମା ସହିତ ସାକ୍ଷାତକାର କରାଏ। ଏହାକୁ ଶ୍ରବଣ କଲେ ହଜାର ଅଶ୍ୱମେଧ ଯଜ୍ଞ ଆୟୋଜନର ପୁଣ୍ୟ ପ୍ରାପ୍ତ ହୋଇଥାଏ। ଗଙ୍ଗା, ଗୟା, କାଶୀ, ପୁଷ୍କର ତଥା ପ୍ରୟାଗ ଭଳି ତୀର୍ଥଯାତ୍ରା ଠାରୁ ଅଧିକ ପୁଣ୍ୟକାରୀ ଭାଗବତ ପାଠ। ଏହା ଦ୍ୱାରା ଶ୍ରୋତାଙ୍କର ମୋକ୍ଷପ୍ରାପ୍ତି ହୋଇ ଥାଏ।

ସାରଳାଦାସ ସ୍ମୃତି ସଂସଦ, ଭୁବନେଶ୍ୱର
ମୋ-୯୪୩୮୫ ୫୫୭୭୦

# ଆର୍ଥୀକ ସମ୍ପନ୍ନଙ୍କୁ ମିଳିବନି ସଂରକ୍ଷଣ !

**ଗୋପାଳ ମହାପାତ୍ର**

ଭାରତର ପ୍ରଧାନ ବିଚାରପତି ବି ଆର ଗବଇଙ୍କ ମତରେ ସମ୍ପନ୍ନ ଲୋକଙ୍କୁ ସଂରକ୍ଷଣର ସୁବିଧା ଦିଆଯିବା ଉଚିତ୍ ନୁହେଁ। ଭାରତର ପ୍ରଦାନ ବିଚାରପତି ଗବଇଙ୍କ ଏହି ମତ ବା ବିଚାର ସାମାଜିକ ନ୍ୟାୟ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହୋଇପାରେ। ଏହି ବିଚାର ସଂରକ୍ଷଣ ନୀତିକୁ ଅଧିକ ସମାବେଶୀ ଏବଂ ପ୍ରଭାବୀ କରିବା ଦିଗରେ ଏପରିକି ସାମାଜିକ ଏବଂ ଆର୍ଥୀକରପେ ବଞ୍ଚିତ ଲୋକଙ୍କୁ ସମାନ ଅବସର ପ୍ରଦାନ କରିବା ଦିଗରେ ଏକ ସକରାତ୍ମକ ପଦକ୍ଷେପ ହୋଇପାରେ। କିନ୍ତୁ ଏହାକୁ କାର୍ଯ୍ୟକାରୀ କରିବା ଦିଗରେ ଅନେକ ଅସୁବିଧା ମଧ୍ୟ ରହିଛି। ଏହି ସବୁ ଅସୁବିଧା ବା ଅବ୍ୟବସ୍ଥା ମଧ୍ୟରେ ରହିଛି ସାମାଜିକ ଭେଦଭାବର ନିରନ୍ତରତା, ସାମ୍ବିଧାନିକ ପ୍ରାବଧାନର ପାଳନ ଏବଂ ପ୍ରଶାସନିକ ଜଟିଳତା। ଭାରତରେ ସଂରକ୍ଷଣ ନିୟମ ସାମାଜିକ ଏବଂ ଆର୍ଥୀକ ଭାବେ ପଛୁଆ ସମୁଦାୟକୁ ସମାନ ଅବସର/ସୁବିଧା ସୁଯୋଗ ପ୍ରଦାନ କରିବାର ଏକ ଗୁରୁତ୍ୱପୂର୍ଣ୍ଣ ସାଧନ ଅଟେ। ଏହି ନିୟମ ସମ୍ବିଧାନର ବ୍ୟବସ୍ଥା ଅନୁସାରେ ଅନୁସୂଚୀତ ଜାତି(ଏସ୍‌ସି), ଅନୁସୂଚୀତ ଜନଜାତି (ଏସଟି) ଏବଂ ଅନ୍ୟ ପଛୁଆ ବର୍ଗ (ଓବିସି)ଙ୍କ ପାଇଁ ଲାଗୁକରାଯାଉଛି। କିନ୍ତୁ ସମୟ ସହ ତାଳ ମିଳାଇ ସଂରକ୍ଷଣର ଦୁରୁପଯୋଗ, ଏହାର ଲାଭର ଅସମାନ ବିତରଣ ଏବଂ ସାମାଜିକ ଆର୍ଥୀକ ପରିବର୍ତ୍ତନ କାରଣରୁ ଏହି ନୀତିର ପ୍ରାସଙ୍ଗିକତାକୁ ନେଇ ଅନେକ ପ୍ରଶ୍ନ ଉଠୁଛି। ଏ ପ୍ରସଙ୍ଗରେ ମାନ୍ୟବର ସୁପ୍ରିମକୋର୍ଟଙ୍କ ପ୍ରଧାନ ବିଚାରପତି ଭୂଷଣ ରାମକୃଷ୍ଣ ଗବଇଙ୍କ ମତ ବା ବିଚାର "ସମ୍ପନ୍ନ ଲୋକଙ୍କୁ ସଂରକ୍ଷଣ ରୁ ବାହାର କରିଦେବା ଉଚିତ୍" ଏକ ଗୁରୁତ୍ୱପୂର୍ଣ୍ଣ କିନ୍ତୁ ବିବାଦୀୟ ପ୍ରସଙ୍ଗ ଭାବେ ଉଭା ହୋଇଛି।

ବିଚାରପତି ଭୂଷଣ ରାମକୃଷ୍ଣ ଗବଇ ମେ ମାସ ୧୪ ତାରିଖଦିନ ପ୍ରଧାନ ବିଚାରପତି ଭାବେ ଶପଥ ଗ୍ରହଣ କଲେ। ବିଚାରପତି ଗବଇ ହେଉଛନ୍ତି ପ୍ରଥମ ପ୍ରଧାନ ବିଚାରପତି ଯିଏ ଅନୁସୂଚୀତ ଜାତି (ଏସ୍‌ସି)ର ଅଟନ୍ତି। ପୂର୍ବରୁ ଅନୁସୂଚୀତ ଜାତିରୁ କେହି ପ୍ରଧାନ ବିଚାରପତି ହୋଇନଥିଲେ। ମହାରାଷ୍ଟ୍ରର ଅମରାବତୀ ଅଞ୍ଚଳରେ ଜନ୍ମଗ୍ରହଣ କରିଥିବା ବିଚାରପତି ଗବଇଙ୍କର ସାମ୍ବିଧାନିକ ଏବଂ ପ୍ରଶାସନିକ ଆଇନ୍ କ୍ଷେତ୍ରରେ ଅନେକ ଯୋଗଦାନ ରହିଛି। ତାଙ୍କ ପିତା ଆର ଏସ ଗବଇ ରିପବ୍ଲିକାନ ପାର୍ଟିଅଫ ଇଣ୍ଡିଆର ନେତା ଥିଲେ ଓ ତାଙ୍କର ସାମାଜିକ ନ୍ୟାୟ ପ୍ରତି ଥିବା ଦୃଷ୍ଟିକୋଣ ବିଚାରପତି ଗବଇଙ୍କୁ ପ୍ରଭାବିତ କରିଥିଲା। ଅନେକ ପ୍ରସଙ୍ଗରେ ବିଚାରପତି ଗବଇ ସଂରକ୍ଷଣ ନୀତିକୁ ସୁଧାରିବା ପାଇଁ ମତବ୍ୟକ୍ତ କରିଛନ୍ତି। ତାଙ୍କ ମତରେ ବାସ୍ତବରେ ସାମାଜିକ ଏବଂ ଆର୍ଥୀକ ରପରେ ବଞ୍ଚିତ ଲୋକାମାନଙ୍କୁ ସଂରକ୍ଷଣର ଲାଭ ମିଳିବା ଆବଶ୍ୟକ। ସେ "କ୍ରୋମିଲେୟର" (ସମ୍ପନ୍ନ ବର୍ଗ)ର ଅବଧାରଣାକୁ ଅନୁସୂଚୀତ ଜାତି ଏବଂ ଜନଜାତିଙ୍କ ପାଇଁ ବା କ୍ଷେତ୍ରରେ ଲାଗୁ କରାଯିବା ପାଇଁ ଶୁପାରିଶ କରିଛନ୍ତି। ପଛୁଆବର୍ଗଙ୍କ କ୍ଷେତ୍ରରେ ପୂର୍ବରୁ ଏହାଲାଗୁ କରାଯାଇଛି। ପ୍ରଧାନ ବିଚାରପତିଙ୍କ ଯୁକ୍ତି ହେଉଛି ଯଦି କୌଣସି ବ୍ୟକ୍ତି ବା ତାର ପରିବାର ସଂରକ୍ଷଣର ସୁବିଧାପାଇ ଉଚ୍ଚ ପଦବୀ ଯଥା ଆଇଏଏସ୍, ଆଇପିଏସ ବା ଅନ୍ୟ ପ୍ରତିଷ୍ଠିତ ସେବାରେ ପହଞ୍ଚି ଯାଏ ତେବେ ତାଙ୍କର ଆଗାମୀ ପିଢ଼ୀଙ୍କୁ ସାମାଜିକ ଏବଂ ଆର୍ଥୀକ ଅସୁବିଧା ଭୋଗ କରିବାକୁ ପଡିନଥାଏ। ଏଭଳି ସ୍ଥିତିରେ ସେମାନଙ୍କୁ ସଂରକ୍ଷଣର ସୁବିଧା ଦିଆଯିବା ନିୟମର ମୂଳ ଉଦେଶ୍ୟକୁ ଦୁର୍ବଳ କରି ଦେଇଥାଏ। ଏ ସମ୍ପର୍କୀତ ଏକ ମାମଲାର ଶୁଣାଣୀ ବେଳେ ଗବଇ ମନ୍ତବ୍ୟ ଦେଇଥିଲେ ଯେ "ଯେଉଁମାନେ ବର୍ଗୀକରଣର ବିରୋଧ କରୁଛନ୍ତି ସେମାନେ ଏଭଳିଯାତ୍ରୀ ଯିଏ ରେଳ ଗାଡିର ଡବା ମଧ୍ୟରେ ପଶି ଯାଇଥାନ୍ତି କିନ୍ତୁ ଅନ୍ୟକୁ ପଶିବାକୁ ଦେଇନଥାନ୍ତି"। ତାଙ୍କର ଏହି ଉକ୍ତିର ଯଥାର୍ଥତା ହେଉଛି ସଂପନ୍ନ ଦଳିତ ବା ସଂରକ୍ଷଣ ପାଉଥିବା ଅନ୍ୟବର୍ଗର ଲୋକ ଯେଉଁମାନେ ସଂରକ୍ଷଣର ଲାଭ ଉଠାଇ ସାରିଛନ୍ତି ସେମାନେ ଅନ୍ୟ ବଞ୍ଚିତ ମାନଙ୍କ ହକ୍‌କୁ ଛଡାଇ ନେଉଛନ୍ତି। "କ୍ରୋମିଲେୟର"ର ଅବଧାରଣା ପ୍ରଥମେ ୧୯୯୨ରେ ଇନ୍ଦ୍ରା ସାହାଣୀ ବନାମ ଭାରତ ସରକାର ମାମଲାରେ ସୁପ୍ରିମକୋର୍ଟଙ୍କ ଦ୍ୱାରା ସୃଷ୍ଟି କରାଯାଇଥିଲା। ଏହି ମାମଲାର ରାୟ ପ୍ରଦାନ କରି କୋର୍ଟ ଅନ୍ୟ ପଛୁଆ ବର୍ଗ (ଓବିସି)ଙ୍କ ପାଇଁ ସଂରକ୍ଷଣରେ କ୍ରୋମିଲେୟାରଙ୍କୁ ବାହାର କରିବା ପାଇଁ କହିଥିଲେ ଓ ଏହାର ଉଦେଶ୍ୟ ଥିଲା ସଂରକ୍ଷଣର ଲାଭ ବାସ୍ତବରେ ସାମାଜିକ ଏବଂ ଆର୍ଥୀକ ଭାବେ ପଛୁଆ ଥିବା ଲୋକଙ୍କ ପାଖରେ ପହଞ୍ଚାଇବା। କ୍ରୋମି ଲେୟାରର ଚିହ୍ନଟ ଆୟ, ପେଶା ଏବଂ ସାମାଜିକ ସ୍ଥିତି ଭଳି ମାପଦଣ୍ଡର ଆଧାରରେ ସ୍ଥିର କରାଯାଇଥାଏ। ଉଦାହରଣ ସ୍ୱରପ ଉଚ୍ଚଆୟ କରୁଥିବା ପରିବାର, ବରିଷ୍ଠ ସରକାରୀ ଅଧିକାରୀଙ୍କ ସନ୍ତାନ ସନ୍ତତି ଏବଂ ଅନ୍ୟ କେତେକ ଅଧିକ ରୋଜଗାର ଥିବା ପେଶାର ଲୋକଙ୍କୁ କ୍ରୋମିଲେୟାର ବୋଲି କୁହାଯାଏ। ଏହି ଅବଧାରଣା କିନ୍ତୁ ଅନୁସୂଚୀତ ଜାତି ଏବଂ ଜନଜାତିଙ୍କ ପାଇଁ ଲାଗୁ କରାଯାଇନଥିଲା କାରଣ ଏହି ବର୍ଗର ସମୁଦାୟଙ୍କୁ ସାମାଜିକ ଭେଦଭାବ ଏବଂ ଛୁଆଁ ଅଛୁଆଁର ସାମନା କରିବାକୁ ପଡ଼ିଥାଏ। କିନ୍ତୁ ପ୍ରଧାନ ବିଚାରପତି ଗବଇଙ୍କ ଯୁକ୍ତି ହେଉଛି ସମୟ ସହ ତାଳମିଳାଇ ଏମାନଙ୍କର (ଏସସି ଓଏସ୍‌ଟି) ଆର୍ଥୀକ ଏବଂ ସାମାଜିକ ଅସମାନତା ହ୍ରାସ ପାଉଛି। କିନ୍ତୁ ଅନେକେ ଏବେବି ମୂଳଭୁତ ସୁବିଧାରୁ ବଞ୍ଚିତ ଅଛନ୍ତି। ଏଣୁ କ୍ରୋମି ଲେୟରର ଅବଧାରଣାକୁ ଅନୁସୂଚୀତ ଜାତି ଓ ଜନଜାତିଙ୍କ କ୍ଷେତ୍ରରେ ଲାଗୁ କରାଗଲେ ଏହା ସାମାଜିକ ନ୍ୟାୟକୁ ଅଧିକ ସମାବେଶି କରିପାରିବ। ସରକାରୀ ନିଯୁକ୍ତି, ଶିକ୍ଷା ଏବଂ ଅନ୍ୟ କ୍ଷେତ୍ରରେ ସଂରକ୍ଷଣ ରହିଛି। ଯଦି ଅନୁସୂଚୀତ ଜାତି ଓ ଜନଜାତିର ସମ୍ପନ୍ନ ଲୋକେ ଏହାର ଲାଭ ଉଠାଇବେ ତେବେ ପ୍ରକୃତ ପକ୍ଷେ ଆବଶ୍ୟକତା ଥିବା ବା ଦୁର୍ବଳ ଶ୍ରେଣୀର ଲୋକଙ୍କୁ ଏହାର ଲାଭ ମିଳି ପାରିବ ନାହିଁ। କ୍ରୋମି ଲେୟାରଙ୍କୁ ବାହାର କରାଗଲେ ହିଁ ପ୍ରକୃତ ହକ୍‌ଦାର ଲୋକେ ସୁବିଧା ପାଇପାରିବେ ଓ ଅସମାନତା ହ୍ରାସ ପାଇବ। ପ୍ରଧାନ ବିଚାରପତି ଗବଇଙ୍କ ଏହି ବିଚାର ଭାରତର ସାମାଜିକ ଏବଂ ରାଜନୈତିକ ଗତିଶୀଳତାକୁ ପ୍ରଭାବିତ କରିପାରେ। ଏହା ସଂରକ୍ଷଣ ନୀତିକୁ ସମାବେଶୀ ଏବଂ ନ୍ୟାୟସଙ୍ଗତ କରିପାରେ। କିନ୍ତୁ ଏହାର କାର୍ଯ୍ୟକାରୀତାକୁ ନେଇ ଅନେକ ଜଟିଳତା ରହିଛି। ପ୍ରଧାନ ବିଚାରପତି ଗବଇଙ୍କ ବିଚାରକୁ ଲାଗୁ କରିବା ପାଇଁ ସଂସଦର ମଞ୍ଜୁରୀ ତଥା ବ୍ୟାପକ ସାମାଜିକ ସହମତିର ଆବଶ୍ୟକତା ରହିଛି। ଏଥିପାଇଁ ସଂରକ୍ଷଣ ବର୍ଗଙ୍କ ଆର୍ଥୀକ ଏବଂ ସାମାଜିକ ଅସମାନତାର ଆକଳନ ପାଇଁ ଏକ ସର୍ବେକ୍ଷଣ କରାଯିବା ମଧ୍ୟ ଜରୁରୀ। ଏ ପ୍ରସଙ୍ଗରେ ସବୁ ସାମାଜିକ ସଂଗଠନ, ରାଜନୈତିକ ଦଳ ଏବଂ ବୁଦ୍ଧିଜୀବିଙ୍କ ମଧ୍ୟରେ ଖୋଲାଖୋଲି ଆଲୋଚନା ମଧ୍ୟ ହେବା ଆବଶ୍ୟକ। କ୍ରୋମିଲେୟରର ଅବଧାରଣାକୁ ପ୍ରଥମେ ପ୍ରୟୋଗାତ୍ମକ ଭାବେ କିଛି ରାଜ୍ୟରେ ବା ଅଞ୍ଚଳରେ ଲାଗୁ କରାଗଲେ ଏହାର ପ୍ରଭାବକୁ ମଧ୍ୟ ଆକଳନ କରାଯାଇପାରିବ।

ରାମଚନ୍ଦ୍ରପୁର, ରଣପୁର
ମୋ-୯୪୩୮୪୮୫୦୯୪

# ଶ୍ରୀଜଗନ୍ନାଥଙ୍କ ଭୋଗ ସାମଗ୍ରୀ

**ପ୍ରଫେସର ଡାକ୍ତର ସମ୍ରାଟ କର**

ଆମ ମାନଙ୍କର ନିତିଦିନିଆ ଜୀବନ ନିର୍ବାହ ହୋଇଥାଏ ଖାଦ୍ୟ ବା ଅନ୍ନକୁ ନେଇ। ବିନା ଖାଦ୍ୟରେ ଜଣଙ୍କ ଜୀବନ ଅତିବାହିତ ହେବା ଅତ୍ୟନ୍ତ ମୁସ୍କିଲ ହୋଇପଡ଼ିଥାଏ। ଖାଦ୍ୟକୁ ଖାଦ୍ୟ ପ୍ରାଣ କୁହାଯାଏ। ଠିକ ସେହିପରି ମହାପ୍ରଭୁଙ୍କ ନିତିଦିନିଆ ଦିନ ଚର୍ଯ୍ୟାରେ ଖାଦ୍ୟ ବା ଭୋଗର ବିଶେଷ ଗୁରୁତ୍ୱ ରହିଛି ଏବଂ ସବୁଠାରୁ ବଡ଼ କଥା ହେଲା ମହାପ୍ରଭୁଙ୍କ ପ୍ରତ୍ୟୁଷ ଅର୍ଥାତ୍ ଶଯ୍ୟା ତ୍ୟାଗ ସମୟରୁ ରାତିରେ ବିଶ୍ରାମ ଯିବା ପର୍ଯ୍ୟନ୍ତ ସେ ଷାଠିଏ ପଉଟି ବ୍ୟଞ୍ଜନ ବା ପ୍ରସାଦ ଗ୍ରହଣ କରିଥାନ୍ତି।

ବିଷ୍ଣୁ ଉପାସକ ମାଳବାଧିପତି ଇନ୍ଦ୍ରଦ୍ୟୁମ୍ନ ଯେତେବେଳେ ଶ୍ରୀମନ୍ଦିର ନିର୍ମାଣ କରି ସେଥିରେ ମହାପ୍ରଭୁଙ୍କ ବିଗ୍ରହ ପ୍ରତିଷ୍ଠା କଲେ, ସେତେବେଳେ ଇନ୍ଦ୍ରଦ୍ୟୁମ୍ନଙ୍କ ଉପରେ ସନ୍ତୁଷ୍ଟ ହୋଇ ମହାପ୍ରଭୁ ବର ମାଗିବା ନିମନ୍ତେ କହିଥିଲେ। ରାଜା ଇନ୍ଦ୍ରଦ୍ୟୁମ୍ନ ନିଜର ବା ନିଜ ପରିବାରର ଯଶ, ଖ୍ୟାତି, ଧନସମ୍ପତ୍ତି ବା ପ୍ରତିପତ୍ତି ପାଇଁ ମହାପ୍ରଭୁଙ୍କୁ ବର ନମାଗି ବିନମ୍ରତାର ସହ କହିଥିଲେ - 'ସବୁ ହୋଇ ତିନିଘଡ଼ି ଶୟନ କରିବ। ଭୁଞ୍ଜୁ ଭୁଞ୍ଜୁ ଜଗନ୍ନାଥ ହାତ ନ ଶୁଖିବ। ଦିନକ ଯାକର ଭୋଗ ଭୁଞ୍ଜୁଥି ରହି। ଏହି ବର ମୋତେ ଦେବ ତ୍ରିଲୋକ୍ୟ ଗୋସାଇଁ।'

ହେ ମହାପ୍ରଭୁ ତ୍ରୈଲୋକ୍ୟ ଗୋସାଇଁ ! ତୁମେ ଦିନ ଭିତରେ ମାତ୍ର ତିନି ଘଡ଼ି ଶୟନ କରିବ। ତୁମେ ଖାଉ ଖାଉ ହାତ ଆଦୌ ଶୁଖିବ ନାହିଁ। ଅର୍ଥାତ୍ ତୁମର ସଦାସର୍ବଦା ଗୋଟିକ ପରେ ଗୋଟିଏ ଭୋଗ ଲାଗି ରହିଥି। ଏହି ବର ମୋତେ ଦେବ। ଯାହାର ସ୍ମାରକୀ ରୂପେ ଏବେ ମଧ୍ୟ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କର ଗୋପାଳବଲ୍ଲଭ ଭୋଗ, ତିନିଧୂପ, ଭଅଣ୍ଡ, ବଡ଼ସିଂହାର ଭୋଗ ପ୍ରଭୃତି ଲାଗି ରହୁଛି। ପରିମାଣ ଦୃଷ୍ଟିରୁ ମହାପ୍ରଭୁଙ୍କ ଭୋଗକୁ ଷାଠିଏ ପଉଟି ଭୋଗ ବା କେତେକ ଛପନ ପ୍ରକାର ଭୋଗ ବୋଲି କହିଥାନ୍ତି। ସେହି ଅନୁସାରେ ମହାପ୍ରଭୁଙ୍କୁ ଷାଠିଏ ପଉଟି ବା ଛପନ ପଉଟି ଭୋଗଖିଆ ଭାବରେ କେତେକ ସମ୍ବୋଧନ ମଧ୍ୟ କରିଥିବାର ଜଣାଯାଏ।

ଶ୍ରୀମନ୍ଦିରର ପ୍ରଚଳିତ ଭୋଗସାମଗ୍ରୀ ମଧ୍ୟରୁ ଅରୁଆ, କୁଡୁଭା, ଗୁଡ଼, ଘି ବା ଘିଉ, ଚାଉଳ, ନୁଣ ବା ଲୋଣ, ବିରି ବା ବ୍ରୀହୀ ପ୍ରଭୃତି ଶବ୍ଦର ବ୍ୟବହାର ବିଭିନ୍ନ ଅଭିଲେଖରେ ପରିଦୃଷ୍ଟ ହୋଇଥାଏ। ଆନ୍ଧ୍ରପ୍ରଦେଶର ଶ୍ରୀକାକୁଳମସ୍ଥ ଶ୍ରୀକୂର୍ମେଶ୍ୱର (କ୍ରମଶଃ)

# 'ସତ୍ୟ ପଥେ ଧର୍ମପଥେ, ଘେନିଯାଅ ମୋତେ'

**ଦେବଦତ୍ତ ବିଶ୍ୱାଳ**

ଧର୍ମ ଶବ୍ଦକୁ ବିଭିନ୍ନ ବ୍ୟକ୍ତି ବିଭିନ୍ନ ଅର୍ଥ ଅର୍ଥାନ୍ତର କରି ବ୍ୟବହାର କରିଥାନ୍ତି। ବୁଝାମଣା ଅଭାବରେ ମତାନ୍ତର ସୃଷ୍ଟି ହୁଏ। ଧର୍ମ ନାମରେ ନାନା ଅଘଟଣ ମଧ୍ୟ ଘଟିଥାଏ। 'ଧୃ' ଧାତୁରୁ ଧର୍ମ ଶବ୍ଦ ସୃଷ୍ଟ ହୋଇଛି। ଯାହା ଧରି ରଖିଛି ତାହା ହିଁ ଧର୍ମ। ମହାନାରାୟଣୋପନିଷଦ୍‌ରେ କୁହାଯାଇଛି, 'ଧର୍ମୋ ବିଶ୍ୱସ୍ୟ ଜଗତଃ ପ୍ରତିଷ୍ଠା' ଅର୍ଥାତ୍ ଧର୍ମ ହିଁ ସମସ୍ତ ସଂସାର ପ୍ରତିଷ୍ଠାର ମୂଳ କାରଣ । ଭଗବାନ ଶ୍ରୀକୃଷ୍ଣ ମଧ୍ୟ ଗୀତାରେ କହିଛନ୍ତି ଯେ ପ୍ରାଣ ଉପରେ ସଂକଟ ଆସିଲେ ମଧ୍ୟ ଧର୍ମ ପଥରୁ ବିଚ୍ୟୁତ ହେବା ଉଚିତ ନୁହେଁ । ମହାଭାରତ ଯୁଦ୍ଧ ସମୟରେ ଦୁର୍ଯ୍ୟୋଧନ ମାତା ଗାନ୍ଧାରୀଙ୍କ ପାଖକୁ ଯାଇ ବିଜୟୀ ହେବାର ଆଶୀର୍ବାଦ ମାଗିଲେ ।ଗାନ୍ଧାରୀ ଧର୍ମକୁ ବୁଝିବା ଭଳି ଜ୍ଞାନୀ ମହିଳା ଥିଲେ । ଦୁର୍ଯ୍ୟୋଧନ ବିଜୟ ପ୍ରାପ୍ତି ପାଇଁ ଆଶୀର୍ବାଦ ମାଗନ୍ତେ, ଗାନ୍ଧାରୀ କହିଲେ, 'ଯତୋ ଧର୍ମସ୍ତତୋ ଜୟଃ' । ଅର୍ଥାତ୍ ଯେଉଁଠି ଧର୍ମ, ସେଇଠି ହିଁ ବିଜୟ । ଯୁଦ୍ଧରେ ଗାନ୍ଧାରୀଙ୍କ ସବୁ ପୁତ୍ର ପ୍ରାଣ ହରାଇଲେ । ଧର୍ମଜ୍ଞ ହୋଇଥିଲେ ସୁଦ୍ଧା ସେ ଜଣେ ମା' ଥିଲେ । ପୁତ୍ର ଶୋକରେ ତାଙ୍କ ହୃଦୟ ସନ୍ତପ୍ତ ହୋଇଉଠିଲା । କୌରବଙ୍କ ବିନାଶ ପରେ ଯୁଧୀଷ୍ଠିର ଅନ୍ୟ ପାଣ୍ଡବଙ୍କ ସମେତ ମାତା ଗାନ୍ଧାରୀଙ୍କୁ ସମବେଦନା ଜଣାଇବାକୁ ଆସିଲେ । ସେଠାରେ ମହର୍ଷି ବ୍ୟାସ ମଧ୍ୟ ଉପସ୍ଥିତ ଥିଲେ । ଗାନ୍ଧାରୀ ପାଣ୍ଡବଙ୍କୁ ଦେଖିବା କ୍ଷଣି ନିଜ ପୁତ୍ରଙ୍କ କଥା ମନେ ପକାଇବା ସହ ଧୈର୍ଯ୍ୟ ହରାଇ କ୍ରୋଧିତ ହୋଇଉଠିଲେ । ମହର୍ଷି ବ୍ୟାସ ଜାଣିପାରିଲେ ଯେ ଗାନ୍ଧାରୀ ପାଣ୍ଡବମାନଙ୍କୁ ଅଭିଶାପ ଦେବାକୁ ତତ୍ପର ହୋଉଠିଛନ୍ତି । ସେ କହିଲେ, ଗାନ୍ଧାରୀ, ଶାନ୍ତ ହୋଇଯାଅ । ତୁମେ ଧୈର୍ଯ୍ୟହରା ହୋଇ ପାଣ୍ଡବଙ୍କ ଉପରେ କ୍ରୋଧିତ ହୁଅନାହିଁ । ଆଶୀର୍ବାଦ ମାଗିବ ସମୟରେ ତୁମେ ଦୁର୍ଯ୍ୟୋଧନଙ୍କୁ, ଧର୍ମର ହିଁ ଜୟ ହେବ ବୋଲି କହିଥିଲ । କ'ଣ ପାଣ୍ଡବଙ୍କ ବିଜୟ ପରେ ଧର୍ମର ବିଜୟ ନେଇ ତୁମ ମନରେ କୌଣସି ସନ୍ଦେହ ରହିଛି ? ଏହା ଶୁଣି ଗାନ୍ଧାରୀ ଶାନ୍ତ ହୋଇଗଲେ ।

ତେଣୁ ପ୍ରକୃତ ଧର୍ମ ଶିକ୍ଷା ଦିଏ ଉତ୍ତମ ଆଚରଣ କରିବା ପାଇଁ ଦୟାଶୀଳ ହେବା ପାଇଁ, ସହନଶୀଳ ହେବା ପାଇଁ। ଧର୍ମର ବିସ୍ତୀର୍ଣ୍ଣ ପ୍ରାଙ୍ଗଣରେ ମନ୍ଦିର, ମସଜିଦ, ଗୀର୍ଜା, ଗୁରୁଦ୍ୱାର ଗୋଟିଏ ଗୋଟିଏ ଶାନ୍ତିପ୍ରଦ ସୁନ୍ଦର ଆଶ୍ରୟସ୍ଥଳ। ମଣିଷକୁ ସଦଭାବନା, ସତଶିକ୍ଷା ଦେବାର ଉତ୍କୃଷ୍ଟ କେନ୍ଦ୍ର। ସେ ପବିତ୍ର ପୀଠରେ ବସି ରହି ଆମକୁ ପ୍ରାର୍ଥନା କରିବାକୁ ହେବ - 'ସତ୍ୟ ପଥେ ଧର୍ମପଥେ, ଘେନିଯାଅ ମୋତେ, ଭସାଅ ପରାଣ ମୋର, ତବ ପ୍ରେମ ସ୍ରୋତେ। ପ୍ରଭୋ ! ପରମ ଶରଣ ଏ ଜୀବନ ଶ୍ରୀଚରଣେ କଲି ସମର୍ପଣ।'

ରାମନିଗମେଶ୍ୱର ମନ୍ଦିର, ଚହଟା, କଟକ, ଦୂରଭାଷ : ୯୮୬୧୯୪୪୫୯୪
E-mail : deba1976biswal@gmail.com

## ଶିଶୁ ଅନନ୍ତ ପୀଠରେ ବାବାଙ୍କ ନିଶା କାରବାର



ବାଲିପାଟଣା, (ମହାଭାରତ): ଯେଉଁ ସନ୍ଥଙ୍କୁ ନେଇ ଏ ମାଟି ତଥା ସମଗ୍ର ଓଡିଶା ବାସୀ । ଗର୍ବିତ ସେଇ ସନ୍ଥ ଶିଶୁ ଅନନ୍ତଙ୍କ ଆଶ୍ରମ ଏବେ ପାଲଟିଛି ନିଶା ସେବନକାରୀଙ୍କ ଆଡ୍ଡାସ୍ଥଳୀ । ସେତିକି ନୁହେଁ ଏହି ନିଶା ସେବନକାରୀଙ୍କୁ ପ୍ରୋତ୍ସାହିତ କରୁଛନ୍ତି ଖୋଦ ଆଶ୍ରମର ବାବା ଆଉ ସବୁଠାରୁ ବଡ଼ କଥା ଏଭଳି ଗୁରୁତର ଅଭିଯୋଗ ଆଣିଛନ୍ତି ଖୋଦ ଶିଶୁଅନନ୍ତ ସ୍ମୃତି ସଂସଦ ସମ୍ପାଦିକା ତନୟା ଦାସ ଗୋସ୍ୱାମୀ ।ରାଜ୍ୟର ୩୦୦ ତମ ପର୍ଯ୍ୟଟନ ସ୍ଥଳୀ ଭାବରେ ମାନ୍ୟତା ପାଇଥବା ଶିଶୁ ଅନନ୍ତ ପୀଠ ଏବେ ନିଶାଡିଙ୍କ କବଜାର । ଉକ୍ତ ମଠର ବାବା ପର୍ଶୁରାମ ନନ୍ଦୀ (ଛଦ୍ମନାମ ପର୍ଶୁରାମ ଦାସ) ସକାଳୁ ଠାରୁ ସଂଧ୍ୟା ପର୍ଯ୍ୟନ୍ତ ନିଶାଡିମାନଙ୍କୁ ନେଇ ମଠ ପରିସରକୁ ବିଶୃଙ୍ଖଳିତ କରୁଛନ୍ତି । ଏସହ ମଠ ପରିସରରେ ଥିବା ରାଧା କୃଷ୍ଣଙ୍କ ଭବ୍ୟ ମନ୍ଦିର ନିକଟରେ ଗୋରୁ ଗୁହାଳ କରି ତଥା ଗୋବର ଗଦା କରି ପରିବେଶ ନଷ୍ଟ କରୁଥିବା ଅଭିଯୋଗ ହୋଇଛି । ମନ୍ଦିରର ଟାଇଲି ଖସିଗଲାଣି ତତ୍ ସହିତ ମଠକୁ ଆସୁଥିବା ଭକ୍ତଙ୍କୁ ମଧ୍ୟ ବାବା ତଥା ତାଙ୍କର ଅନୁଗାମୀ ମାନେ ଦୁର୍ବ୍ୟବହାର କରୁଥିବା ମଧ୍ୟ ଅଭିଯୋଗ ହୋଇଛି । ଏଥିସହ ମଠର ବରିଷ୍ଠ ସଭ୍ୟ ଭାବଗ୍ରାହୀ ଗୋଚ୍ଛାୟତଙ୍କୁ ଧକ୍କା ମାରିବାକୁ ମଧ୍ୟ ପଛାଇ ନାହାନ୍ତି ।ଅଭିଯୋଗ ଅନୁସାରେ ଗତକାଲି ମଠର ପୂଜକ ଅଭିମନ୍ୟୁ ପଣ୍ଡା ଭକ୍ତଙ୍କ ପାଇଁ ମନ୍ଦିରରେ ପୂଜା କରିବାରୁ,ବାବା ପୂଜକଙ୍କୁ ଧମକ ଚମକ ଦେବା ସହିତ ଅଶ୍ଳୀଳ ଭାଷାରେ ଗାଳିଗୁଲଚ କରିଥିଲେ ବୋଲି ପୂଜକ ଅଭିଯୋଗ ଆଣିଛନ୍ତି । ତାଙ୍କର ଏପରି ବ୍ୟବହାରରେ ଅତିଷ୍ଠ ହୋଇ ସମ୍ପାଦିକା ତନୟା ଦାସ ଗୋସ୍ୱାମୀ ଏ ସମ୍ପର୍କରେ ବାବାଙ୍କୁ ପଚାରିବାରୁ ବାବା ପର୍ଶୁରାମ ରାଗି ଯାଇ ସମ୍ପାଦିକାଙ୍କୁ ମଧ୍ୟ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ମାରିଦେବାକୁ ଧମକ ଦେଇଥିଲେ ବୋଲି ସେ ଥାନାରେ ଅଭିଯୋଗ କରିଛନ୍ତି । ଏପରି ଏକ ପ୍ରସିଦ୍ଧ ସିଦ୍ଧ ସାଧକଙ୍କ ପୀଠକୁ କଳୁଷିତ କରୁଥିବା ବାବାଙ୍କୁ କଠୋରରୁ କଠୋର ଦଣ୍ଡ ଦେବା ସହିତ ତାଙ୍କ କବଳରୁ ପୀଠକୁ ଉଦ୍ଧାର କରିବାକୁ କମିଟି ଦାବି କରିଛି । ଅଭିଯୋଗକୁ ଭିତ୍ତି କରି ବାଲିପାଟଣା ଥାନା କେଶ୍ ନଂ ୨୬୫/୨୦୨୫,ଦଫା ୨୯୬,୩୫୧, (୨) ରେ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରୀ ରଖିଛି ବାଲିପାଟଣା ପୋଲିସ ।

## ଶେଷ ନିଃଶ୍ୱାସ ଗଣୁଛି ରିକ୍ସା

ବାଲିପାଟଣା, (ମହାଭାରତ): ହଜିଗଲାଣି ବୃତ୍ତି, ଜୁଟୁନି ଦୁଇ ଓଳି ଖାଇବା ବଦଳୁଛି ସମାଜ । ବଦଳୁଛି ସମୟ । ଦିନେ ଯାହା ଆବଶ୍ୟକତା ଥିଲା ତାହା ଆଜି ଅଦରକାରୀ । ଦିନେ ସହଜ ଯାତାୟତର ମାଧ୍ୟମ ଥିଲା ରିକ୍ସା । ପେଁ...ପେଁ.. ଶବ୍ଦ ଶୁଣିଲେ ଗ୍ରାହକମାନେ ଆସି ସେଥିରେ ବସିପଡୁଥିଲେ । ଏବେ ବାଲିପାଟଣା ବଜାରରେ ଏହା ଏକ ପ୍ରକାର ଉଭେଇ ଯାଇଛି । ନାଁ ତା'ର ସ୍ୱର ଶୁଭୁଛି, ନା' ଚାହିଦା ଅଛି । ଦିନ ଥିଲା, ସହରର ଗଳି କନ୍ଦିରେ ଘୁରି ବୁଲୁଥିଲା ରିକ୍ସା । ପୂଜା ଭିଡ଼ଠୁ ଆରମ୍ଭ କରି ବଡ଼ ପର୍ବ । ସହଜରେ ଗନ୍ତବ୍ୟ ସ୍ଥଳରେ ପହଞ୍ଚାଇ ଦେଉଥିଲା ଏହି ତିନି ଚକିଆ ଯାନ । ହେଲେ ଯୁଗ ବଦଳିବା ସହ ବଦଳି ଯାଇଛି ପରିବହନର ମାଧ୍ୟମ । ଏକଦା ରାଜକୀୟ ସବାରୀ ଭାବେ ପରିଚିତ ଥିଲା । ଓଲିଉଡ ଓ ବଲିଉଡରେ ରିକ୍ସାକୁ ନେଇ ଅନେକ ଗୀତ ହୋଇଛି । ଅନ୍ୟାନ୍ୟ ଚିତ୍ରର ଭିତ୍ତିଭୂମି ସାଜିଥିବା ସମସ୍ତଙ୍କ ପ୍ରିୟ ଥିବା ରିକ୍ସା ଓ ଏହାର ଚାଳକ ଏବେ ଜୀବନ ଜୀବିକାକୁ ନେଇ ସଂଘର୍ଷ କରୁଛି । ଆଧୁନିକ ଯୁଗର ପ୍ରତିଯୋଗିତାର ଦୁନିଆରେ ନିଜର ପରିବାର ତଥା ଜୀବନ ଜୀବିକାକୁ ବଞ୍ଚାଇବା ପାଇଁ ପ୍ରତିଦିନ ରିକ୍ସା ଚାଳକ ମୁଣ୍ଡ ଝାଳ ତୁଣ୍ଡରେ ମାରି ଖରାରେ ଘୁରି ବୁଲୁଛି । ଭଡା ମିଳିଲେ ଭଲ କଥା ନ ହେଲେ ଖାଲି ହାତରେ ଘରକୁ ଯାଉଛି । ରିକ୍ସା ଚାଳକ ନାରଣ ନାୟକବୟସ ୫୫ ବର୍ଷ । ସକାଳ ହେଲେ ରିକ୍ସା ଧରିକି ବାହାରି ପଡ଼ନ୍ତି ରୋଜଗାର ପାଇଁ । ଡହ ଡହ ଖରାରେ ରିକ୍ସା ଉପରେ ବସି ଅପେକ୍ଷା କରନ୍ତି କେଉ ଗ୍ରାହକ ଟିଏ ଆସି କହିବ ଚାଲ ଅମୁକ ଜାଗାକୁ ଟିକେ ଯିବା । କିନ୍ତୁ ସକାଳ ଯାଇ ଅପରାହ୍ଣ ହେଇଗଲେ ବି କେହି ଗୋଟେ ଜୁଟନ୍ତି ନାହିଁ ବୋଲି ସେ କହିଛନ୍ତି । ସମସ୍ତେ ଅଟୋ ଓ ଇ-ରିକ୍ସା ଉପରେ ନିର୍ଭର କରୁଛନ୍ତି । ଦୀର୍ଘ ୧୨ବର୍ଷ ହେଲା ବାଲିପାଟଣା ରେ ରିକ୍ସା ଚଳାଉଛି । ଯାହା ଆଗରୁ ସମସ୍ତଙ୍କ ପାଇଁ ଦରକାରୀ ଥିଲା ତାହା ଏବେ ଅଦରକାରୀ ହୋଇଯାଇଛି । ଏଥିରୁ ଯାହା ରୋଜଗାର ହେଉଥିଲା ପାଞ୍ଚ ପ୍ରାଣୀ କୁଟୁମ୍ବ ଆରାମରେ ଚଳିଯାଉଥିଲୁ । ଏବେ ଦୁଇ ଓଳି ଖାଇବା ଦେବା ବି କଷ୍ଟକର ହେଇଯାଉଛି । ଏବେ ତ ଆଉ କେହି ଯାତ୍ରୀ ବସୁନାହାନ୍ତି । କେବଳ ଜିନିଷ ବୋହା ହେଉଛି । ସେଇଟା ପୁଣି କେବେ ହେଲେ କେବେ ନାହିଁ । କେବଳ ନାରଣ ନାୟକ ଜଣେ ନୁହେଁ, ଏପରି ଅନେକ ରିକ୍ସା ଚାଳକ ସମାନ ଅବସ୍ଥା ଦେଇ ଗତି କରୁଛନ୍ତି । ଯେତେବେଳେ ବାଲିପାଟଣା ରେ ରିକ୍ସା ସଂଖ୍ୟା ଅଧିକ ଥିଲା ସେତେବେଳେ ପଞ୍ଚାୟତ ତରଫରୁ ଫି ନେଇ ଲାଇସେନ୍ସ ଦେଉଥିଲା । ଲାଇସେନ୍ସ ପ୍ଲେଟର ଚିତ୍ର ଏବେ ବି ରିକ୍ସା ଚାଳକଙ୍କ ଘରେ ସାଇତା ରହିଛି । ହେଲେ ରିକ୍ସା ସଂଖ୍ୟା ବହୁ ମାତ୍ରାରେ କମୁଥିବା ଦେଖି ରିକ୍ସା ପାଇଁ ଲାଇସେନ୍ସ ଦେବା ସମ୍ପୂର୍ଣ୍ଣ ବନ୍ଦ କରି ଦିଆଯାଇଛି । ବାଲିପାଟଣା ରେ କିଛି ରିକ୍ସା ମାଲିକ ଏବେ ରିକ୍ସା ବିକି ଅନ୍ୟାନ୍ୟ ବ୍ୟବସାୟ କଲେଣି ତ ଆଉ କିଛି ମାଲିକଙ୍କ ପାଖେ ଏବେ ଅଳ୍ପ କେଇଖଣ୍ଡ ରିକ୍ସା ପଡ଼ିରହିଛି । ବଦଳୁଥିବା ସମୟ ଅନୁସାରେ ସହରରୁ ରିକ୍ସା ହୁଏତ ଲୋପ ପାଇଯିବ ବୋଲି ରିକ୍ସା ମାଲିକ ଚିତ ରଞ୍ଜନ ଦାସ କହିଛନ୍ତି । ଦିନେ ଏଇ ରିକ୍ସା ଆମ ଗାଁ ଠିକଣା ଅନ୍ୟ କୁ ଦେବାରେ ସହଯୋଗ କରୁଥିଲା ବୋଲି ବରିଷ୍ଠ ଆଇନ ଯିବି ସମ୍ବିତ କୁମାର ରାୟ ଓ ସମାଜ ସେବୀ ସ୍ୱପ୍ନ ସରିତ ଦାସ କହିଛନ୍ତି ! !

## ମାଇ ହାତୀର ମୃତ୍ୟୁ ଖବର ଲୁଚାଇବାକୁ ଯାଇ ହିନ୍ଦୋଳ ରେଞ୍ଜରଙ୍କ ଗଣମାଧ୍ୟମ ପ୍ରତିନିଧିଙ୍କୁ ଧମକ

ହିନ୍ଦୋଳ, (ମହାଭାରତ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବନାଞ୍ଚଳ ତଣ୍ଟିଚିରା ଜଙ୍ଗଲରେ ଦୁଇ ଦିନ ହେବ ଏକ ମାଇ ହାତୀର ମୃତ୍ୟୁ ଘଟିଥିବା ବେଳେ ଆଜି ଦିନ ୩ଟା ସମୟରେ ଘଟଣା ସ୍ଥଳରେ ପହଞ୍ଚିଥିଲେ ଘଟଣାକୁ ଚପାଇବାକୁ ବନବିଭାଗର ଜୋରଦାର ପ୍ରୟାସ କରୁଥିବା ଖବର ପାଇ ଗଣମାଧ୍ୟମର ପ୍ରତିନିଧି ମନେ ଖବର ସଂଗ୍ରହ କରିବାକୁ ଘଟଣା ସ୍ଥଳରେ ପହଞ୍ଚିଥିଲେ । ଗଣମାଧ୍ୟମ ପ୍ରତିନିଧି ମାନେ ଘଟଣା ସ୍ଥଳକୁ ଯାଉଥିବା ବେଳେ ହିନ୍ଦୋଳ ରେଞ୍ଜର ଗୌତମ ପ୍ରଧାନ ଗଣମାଧ୍ୟମ ପ୍ରତିନିଧି ମାନଙ୍କୁ ଅସଭ୍ୟ ଭାଷାରେ ଗାଳି ଗୁଲଜ କରିବା ସହ ହାତରେ ଧରିଥିବା ପିସ୍ତଲ ଦେଖାଇ ଚାଲିଯାଅ ନହେଲେ ଗୁଳି କରିଦେବି କହି ଖବର ସଂଗ୍ରହ କରିବାକୁ ନଦେଇ ଘଟଣା ସ୍ଥଳରୁ ବାହାର କରି ଦେଇଥିଲେ ।ଦୁଇଦିନ ପୂର୍ବରୁ ହାତୀଟି ମରିଥିବାବେଳେ ବନବିଭାଗ ପାଖରେ ଖବର ନଥିଲା । ବିଶେଷ ସୁତ୍ରରୁ ଖବରପାଇ ଗଣମାଧ୍ୟମ ପ୍ରତିନିଧି ଖବର ସଂଗ୍ରହ ପାଇଁ ଯାଇଥିବା ସୂଚନା ଅନୁଯାୟୀ ଏହି ଅଞ୍ଚଳରେ କିଛିଦିନ ତଳେ ଫରେଷ୍ଟ ଗାର୍ଡଙ୍କୁ ଗୁଳିକରି ହତ୍ୟା କରାଯାଇଥିବାବେଳେ ଏହା ଶିକାରୀ ଗୁଳିକରି ହତ୍ୟା କରିଥିବା ଦର୍ଶାଇ ଥିବାବେଳେ ଫରେଷ୍ଟ ଗାର୍ଡ ସର୍ଭିସ୍ ରିଭଲଭରରୁ ଗୁଳି ହୋଇଥିବାର ଶବ ବ୍ୟବଚ୍ଛେଦରୁ ଜଣାପଡିଥିଲା । ତେବେ ସବୁଠାରୁ ଆଶ୍ଚର୍ଯ୍ୟ କଥା ତଣ୍ଟିଚିରା ଗ୍ରାମର ବନ ସୁରକ୍ଷା କମିଟି ଗୃହ ଠାରୁ ମାତ୍ର ୧୦୦ ମିଟର ଦୂରରେ ହାତୀ ମାରିଥିଲେ ମଧ୍ୟ କିପରି ବନବିଭାଗ ଅଧିକାରୀ ଦୁଇ ଦିନ ପର୍ଯ୍ୟନ୍ତ ଜାଣିପାରିଲେ ନାହିଁ ତାହା ଚର୍ଚ୍ଚାର ବିଷୟ । ତେବେ ହିନ୍ଦୋଳ ରେଞ୍ଜର ଗୌତମ ପ୍ରଧାନ ହିନ୍ଦୋଳ ଆସିବାର ଏକ ବର୍ଷ ନ ପୂରୁଣୁ ହିନ୍ଦୋଳ ବନାଞ୍ଚଳରେ ତିନି ତିନି ଟି ଗୁଳିକାଣ୍ଡ ଘଟି ଦୁଇ ଜଣ ଶିକାରୀ ମୃତ୍ୟୁ ବରଣ କରିଥିବା ସହିତ ଜଣେ ଫରେଷ୍ଟ ଗାର୍ଡଙ୍କର ମୃତ୍ୟୁ ହୋଇଥିଲା । ବନ୍ୟଜନ୍ତୁ ଶିକାର ସହିତ ଜଙ୍ଗଲ ଜନ୍ତୁ ମାଂସ ବେପାର ଜୋରଦାର ହେଉଥିବାରୁ ବୁଦ୍ଧିଜୀବୀ ମହାଲରେ ରେଞ୍ଜର ଗୌତମ ପ୍ରଧାନଙ୍କ କାର୍ଯ୍ୟ ଦକ୍ଷତା ଉପରେ ପ୍ରଶ୍ନ ବାଚି ସୃଷ୍ଟି ହେଉଛି ।

# ସାଂସଦଙ୍କୁ ବିରୋଧ ପୂର୍ବରୁ ଉଠାଇଲେନା ପୁଲିସ

ନୟାଗଡ଼, (ମହାଭାରତ): ପୁରୀ ସାଂସଦ ସମ୍ବିତ ପତ୍ର ଙ୍କୁ ନୟାଗଡ଼ ରେ ବିରୋଧ ପୂର୍ବ ରୁ କଂଗ୍ରେସ ଛାତ୍ର ସଭାପତି ଓ ଛାତ୍ର କର୍ମୀ ଙ୍କୁ ଉଠାଇନେଲା ପୁଲିସ । ସାଂସଦ ସମ୍ବିତ ପତ୍ର ଙ୍କ ଆଜି ନୟାଗଡ଼ ଓ ଓଡ଼ଗାଁ ଗସ୍ତ ଥିବାବେଳେ ତାଙ୍କୁ ଛାତ୍ର କଂଗ୍ରେସ ପକ୍ଷରୁ କଳା ପତାକା ପ୍ରଦର୍ଶନ ସହ ଅଣ୍ଡା ମାଡ଼ କରି ନୟାଗଡ଼ ରେ ବିରୋଧ କରିବାର ଥିଲା । ସେଥିପାଇଁ ଆଗୁଆ ନୟାଗଡ଼ ପିଟିଏସ୍ ଛକ ପାଖରେ ଛାତ୍ର କଂଗ୍ରେସ ର କର୍ମୀ ମାନେ ସାଂସଦ ଙ୍କୁ ଅପେକ୍ଷା କରିଥିବା ବେଳେ ନୟାଗଡ଼ ପୁଲିସ ଆଗୁଆ ଖବର ପାଇ ଛାତ୍ର କଂଗ୍ରେସ କର୍ମୀ ମାନଙ୍କୁ ଉଠାଇ ନେଲା । ଛାତ୍ର କଂଗ୍ରେସ କର୍ମୀ ମାନଙ୍କୁ ପୁଲିସ ଉଠାଇ ନେବା ବେଳେ ଗୋ ବ୍ୟାକ୍







ସମ୍ବିତ ପିତ୍ର ସହ ସାଂସଦ ଙ୍କ ବିରୋଧରେ ବିଭିନ୍ନ ନାରାବାଜି କରିଥିଲେ କଂଗ୍ରେସ କର୍ମୀ । ଏବଂ ଫାଙ୍କା ଫାଙ୍କା ରେ କରିଥିଲେ ଅଣ୍ଡା ମାଡ଼ ସହ କଳା ପତାକା ପ୍ରଦର୍ଶନ । ସେପଟେ ସାଂସଦ ସମ୍ବିତ ପତ୍ର କଳାପତାକା ଓ ଆଣ୍ଡା ମାଡର ଖବର ପାଇ ରୁଟ୍ ଗସ୍ତ କୁ ବଦଳାଇ ବା ସହ ଛାତ୍ର କଂଗ୍ରେସ କୁ ଡରି ଅନ୍ୟ ରାସ୍ତା ଦେଇ ଲୁଚି ଓଡ଼ଗାଁ ଚାଲି ଯାଇଥିବା ଛାତ୍ର କଂଗ୍ରେସ ପକ୍ଷରୁ କୁହାଯାଇଛି । ସାଂସଦ ଙ୍କ ର ଏପରି ଛାତ୍ର କଂଗ୍ରେସ କୁ ଡରି ଲୁଚି ପଳେଇ ଯାଇଥିବା କୁ ନେଇ ନୟାଗଡ଼ ର କଂଗ୍ରେସ ନିନ୍ଦା କରିଛି । ନୟାଗଡ଼ ରେ ସାଂସଦ ଙ୍କୁ ଖୁଲମ୍ ଖୁଲା ପୁରାଇଦେବୁ ନାହିଁ ବୋଲି ଯୁବ କଂଗ୍ରେସ ଦାବି କରିଛି । ଏପରି ସାଂସଦ ନୟାଗଡ଼ କୁ ଲୁଚି ଲୁଚି ଆସିବେ ଏଥର ବୋଲି ଯୁବ କଂଗ୍ରେସ କହିଛି । ନୟାଗଡ଼ ପୁଲିସ ଛାତ୍ର କଂଗ୍ରେସ ଜିଲ୍ଲା ସଭାପତି ଶିବ ରଞ୍ଜନ ସାହୁ ଏବଂ ଛାତ୍ର ନେତା ଦିଲ୍ଲିପ ବିଶୋଇ ଙ୍କୁ ଥାନା ରେ ଅଟକ ରଖିଥିବା ନେଇ ସୂଚନା ମିଳିଛି ।

# ପିପଲଝାପର-କଲୋନୀପଡାକୁ ରାସ୍ତା ଅବସ୍ଥା ଶୋଚନୀୟ

 କୋକସରା,(ମହାଭାରତ): କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ଗୋତମୁଣ୍ଡା ପଞ୍ଚାୟତ ପିପଲଝାପର ଠାରୁ କଲୋନୀପଡା ଓ କୁଲେରଗୁଡ଼ା କୁ ସଂଯୋଗ କରୁଥିବା ରାସ୍ତା ଦୀର୍ଘ ବର୍ଷ ହେବ ଶୋଚନୀୟ ଅବସ୍ଥାରେ ରହିଛି । ହେଲେ କାହାରି ମଧ୍ୟ ଦୃଷ୍ଟି ପଡୁନାହିଁ ।ସୂଚନା ଅନୁଯାୟୀ ପିପଲଝାପର-କଲୋନୀପଡା ରାସ୍ତା ବିଜୁ ଏକ୍ସପ୍ରେସ ୱେ କୁ ଯୋଡ଼ିଛି । ରାସ୍ତା ୨ କିମି ହେବ ଶୋଚନୀୟ ଅବସ୍ଥାରେ ଦୀର୍ଘ ବର୍ଷ ରୁ ପଡ଼ି ରହିଛି । ରାସ୍ତା ଉପରେ ପିପଲଝାପର,କରାଡଙ୍ଗରୀପଡ଼ା, ଗୌନ୍ତିଆପଡ଼ା ର ୧୨ଶହରୁ ଉର୍ଦ୍ଧ ଲୋକେ ନିର୍ଭର କରିଥାନ୍ତି । ବ୍ଲକ୍ ସଦମହକୁମା କୁ ଯିବା ପାଇଁ ହେଉ କି ଅନ୍ୟ କାର୍ଯ୍ୟରେ ସବୁ ସମୟରେ ଏହି ରାସ୍ତା ଉପରେ ଯାତାୟାତ କରିଥାନ୍ତି । ଯଦି ଅନ୍ୟ ରାସ୍ତା କୁ ଯିବାକୁ ହେଲେ ଗୋତମୁଣ୍ଡା , ସାନପୋଡାଗୁଡ଼ା ଦେଇ ୩/୪ କିମି ବୁଲି କି ପୁଣି ସେ କଲୋନୀପଡା କୁଲେରଗୁଡ଼ା ଛକକୁ ଆସିବାକୁ ପଡ଼ିଥାଏ । ଅନେକ ସମୟରେ ଜରୁରୀ କାର୍ଯ୍ୟ ହେଉକି ଆମ୍ବୁଲାନ୍ସ ଯିବା



ଆସିବା,ବୁଲି କି ଯାତାୟାତ କରିବାକୁ ପଡୁଛି । ଏହି ରାସ୍ତାରେ ଯାତାୟତ ବେଳେ ଅନେକ ସମୟରେ ଦୁର୍ଘଟଣା ଘଟିବାର ମଧ୍ୟ ନଜର ରହିଛି । ଦୀର୍ଘ ବର୍ଷ ହେବ ରାସ୍ତା ମରାମତି ହୋଇ ନଥିବାରୁ ଟିକେ ବର୍ଷା ହେଲେ ଲୋକଙ୍କୁ ଯାତାୟାତରେ ବଢୁଛି ଦୁର୍ଦ୍ଦଶା ।ଉକ୍ତ ରାସ୍ତାକୁ ନେଇ ଅନେକଥର ଜନପ୍ରତିନିଧିଙ୍କୁ ଜଣାଇ ଆସୁଥିଲେ ମଧ୍ୟ ଏଯାଏଁ କିଛି ହୋଇପାରିନାହିଁ । ଉକ୍ତ ରାସ୍ତାକୁ ମରାମତି କରିବାକୁ ଗ୍ରାମର ୱାର୍ଡ଼ସଭ୍ୟ ରୁକଧର କାଣ୍ଡ,ବାଲମୁଖି ନାଏକ, ଚୁମଲତା ନାଏକ,ସୁବାସ ଖର୍ସେଲ ସମେତ ଗ୍ରାମବାସୀ ଦାବି କରୁଛନ୍ତି ।

## ଗୋ ମାଂସ ଜବତ: ଜଣେ ଗିରଫ; ଦୁଇ ଫେରାର

ଖୋର୍ଦ୍ଧା, (ମହାଭାରତ) : ଆଦର୍ଶ ଥାନା ଅନ୍ତର୍ଗତ ତରତୁଆ ଗ୍ରାମରୁ ବିପୁଳ ପରିମାଣର ଗୋମାଂସ ଜବତ । ପ୍ରାୟ ଏକ କ୍ୱିଣ୍ଟାଲରୁ ଉର୍ଦ୍ଧ୍ୱ କଟା ଗୋମାଂସକୁ ଜବତ୍ କରିଛି ଖୋର୍ଦ୍ଧା ଟାଉନ୍ ଥାନା ପୋଲିସ । ଘଟଣାରେ ଜଣକୁ ଗିରଫ କରିବା ସହ ଓଡ଼ି୦୨ -ସିୟୁ - ୬୯୪୮ ନମ୍ବର ବିଶିଷ୍ଟ ଗୋଟିଏ କାରକୁ ମଧ୍ୟ ଜବତ କରିଛି ପୋଲିସ । ହୋଇଛି । ଗିରଫ ହୋଇଥିବା ଅବଦ୍ଦୁଲ ରେହମାନ୍ ନାମକ ବ୍ୟବସାୟୀ ଜଣକ ଜଣେ ମୌଲବୀ ବୋଲି ଶୁଣିବାକୁ ମିଳିଛି । ଧରା ପଡ଼ିଥିବା ରେହମାନ ସ୍ଥାନୀୟ ମଦ୍ରାସାରେ ସହକାରୀ ମୌଲବୀ ଭାବେ କାର୍ଯ୍ୟ କରୁଥିବା ବେଳେ ମଦ୍ରାସାର ମୁଖ୍ୟ ମୌଲବୀ ନସିମ ଖାଁ ଏବଂ ଲୋଟନ ଖାଁ ନାମକ ଯୁବକ ଘଟଣା ସ୍ଥଳରୁ ଫେରାର ହୋଇଥିବା ବେଳେ । ଏମାନେ ବିଭିନ୍ନ ସ୍ଥାନରୁ ଗୋରୁଙ୍କୁ ଆଣି ଏଠାରେ ହତ୍ୟା କରୁଥିବା ନେଇ ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ବୋଲି ଥାନା ଅଧିକାରୀ ସଞ୍ଜୟ ନାୟକ କହିଛନ୍ତି । ଏ ନେଇ ପୋଲିସ ଦ୍ୱାରା ଅଭିଯୁକ୍ତଙ୍କ ବିରୁଦ୍ଧରେ ଏକ ମାମଲା ରୁଜୁ କରିଛି ପୋଲିସ ।

# କଳାହାଣ୍ଡିରେ ପଛୁଆ ବର୍ଗ ମଞ୍ଚର କର୍ମକର୍ତ୍ତା ଚୟନ ଓ ସାମ୍ବାଦିକ ସମ୍ମିଳନୀ

କଳାହାଣ୍ଡି, (ମହାଭାରତ): ଭବାନୀପାଟଣା (ଅମଳା ଭବନ) ଠାରେ ପଛୁଆ ବର୍ଗ (ଓବିସି)ମଞ୍ଚ କଳାହାଣ୍ଡି କର୍ମକର୍ତ୍ତା ଚୟନ ଓ ସାମ୍ବାଦିକ ସମ୍ମିଳନୀ (ରବିବାର) ଅନୁଷ୍ଠିତ କରି । କଳାହାଣ୍ଡି ଜିଲ୍ଲା ପଛୁଆ ବର୍ଗ(ଓବିସି)ମଞ୍ଚ ଜିଲ୍ଲା ସଭାପତି ଭାବେ ଡମ୍ବରୁଧର ଲହଜଲ, କାର୍ଯ୍ୟକାରୀ ସଭାପତି ସଚ୍ଚିଦାନନ୍ଦ ମହାଖୁଡ,ଉପ ସଭାପତି କୃଷ୍ଣ ଚନ୍ଦ୍ର ସାହୁ, ବେଣୁଧର ଟୋଲଟିଆ, ଗୋଲାପ ଚନ୍ଦ୍ର ସାହୁ, ପ୍ରଦୀପ ନାଏକ,ସାଧାରଣ ସମ୍ପାଦକ ହିମାଂଶୁ ଶେଖର ବରାଡ, ସାଂଗଠାନିକ ସମ୍ପାଦକ ଡାକେଶ୍ୱର ଲହଜଲ, କୋଷାଧକ୍ଷ ଦିପ ଚାନ୍ଦ ସାହୁ,ସହ ସମ୍ପାଦକ ରଶ୍ମି ରେଖା ରାଉତ, ବିରଞ୍ଚି ପ୍ରସାଦ ସରାପ, ସଚ୍ଚିଦାନନ୍ଦ ସାହୁ,କାର୍ଯ୍ୟକାରୀ ସଦସ୍ୟା ସଙ୍ଗୀତ ଖର୍ସେଲ,ସଦସ୍ୟ ଲିଳାମ୍ବର ସାହୁ,ରଜନୀକାନ୍ତ ବିଶି,ନରହରୀ ବାଗ,କୀର୍ତ୍ତି ଚନ୍ଦ୍ର ଗଉଡ,ବିକାଶ ପ୍ରଧାନ ଅଙ୍କୁର ବାଗ,ଗିରିଧାରୀ ସାହୁ ,ଉପଦେଷ୍ଟା





ରୁପକେଶରି ଦଳାଇ, ବ୍ରଜ ମୋହନ ସାହୁ,ସିଦ୍ଧାର୍ଥ ନାଏକ,କୀର୍ତ୍ତନ ନାଏକ, ପ୍ରକାଶ ଚନ୍ଦ୍ର ନାଏକ, ଈଶ୍ୱର ପୁଝାରୀ,ଟିକଚନ ନାଗ,ମହେନ୍ଦ୍ର ନାଏକ,ଦିଲୀପ କୁମାର ମେହେର,ଜିଲ୍ଲା ଛାତ୍ର କୋଡ଼ିନେଟର ନୀଳାମ୍ବର ସାହୁ ଓ ମେଡିଆ ସେଲ କୋଡ଼ିନେଟର ତୁଳାମଣି ନାଗ, ଲକ୍ଷ୍ମୀ ରଞ୍ଜନ ବାଗ ମନମହନ ପ୍ରଧାନଙ୍କ ନାମ ଘୋଷଣା କରିଛନ୍ତି ଓବି ସି ରାଜ୍ୟ କାର୍ଯ୍ୟକାରିଣୀ ସଭାପତି ଦୁର୍ଗା ପ୍ରସାଦ ନାଏକ । ଏବଂ (ଓବିସି) ମାନଙ୍କୁ ଶିକ୍ଷା,ଚାକିରି ଓ ରାଜନୀତି କ୍ଷେତ୍ରରେ ୨୭%ପ୍ରତିଶତ ସଂରକ୍ଷଣ ଦେବା ପାଇଁ କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ପାଖରେ ଦାବି ରଖିଛନ୍ତି । ଉକ୍ତ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି କି ଗତ ତ୍ରିସ୍ତରୟ ପଞ୍ଚାୟତ ରାଜ ନିର୍ବାଚନ ରାଜ ନୀତିରେ ପଛୁଆ ବର୍ଗ ଙ୍କୁ ଓଡ଼ିଶା ରାଜ୍ୟର ବିଜୁ ଜନତା ଦଳ ସରକାର ସଂରକ୍ଷଣ ଦେଇ ନ ଥିଲେ ବୋଲି ବିଜୁ ଜନତା ଦଳ ଲୋକ ସଭା ସାଂସଦ କିମ୍ବା ସରକାର କରି ପାରିଲାନାହିଁ । ଜଦି ଆସନ୍ତା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ରେ ପଛୁଆ ବର୍ଗ (ଓବିସି)ଙ୍କ ପାଇଁ ୨୭%ପ୍ରତିଶତ ସଂରକ୍ଷଣ ରାଜ୍ୟ ସରକାର ନ ଦେଲେ ସାରା ରାଜ୍ୟରେ ଓବିଶି ମଞ୍ଚ ଓଡ଼ିଶା ପକ୍ଷରୁ ଭୟାଭୟ ଆନ୍ଦୋଳନ ହେବ ବୋଲି ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛି ପଛୁଆ ବର୍ଗ (ଓବିସି) ମଞ୍ଚ ।

## ପୂର୍ବତନ ବିଇଓ ଓ ସିଆରସିଙ୍କୁ ବିଦାୟ ସମ୍ବର୍ଦ୍ଧନା

ହାଟଡିହି, (ମହାଭାରତ) : ଏହି ବ୍ଲକ ରେ ପୂର୍ବରୁ କାର୍ଯ୍ୟରତ ଥିବା ଆନନ୍ଦପୁର ବଳଭଦ୍ର ନାରାୟଣ ଉଚ୍ଚ ବିଦ୍ୟାଳୟ ର ପ୍ରଧାନଶିକ୍ଷକ ତଥା ହାଟଡିହି ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ଦାୟିତ୍ୱ ରେ ଥିବା ବିଇଓ ଓଁଙ୍କାର ଅନ୍ୱେଶ ଙ୍କ ସହ ପୂର୍ବରୁ କାର୍ଯ୍ୟକାରୀ ସିଆରସି ମାନଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା । ଏହି ସିଆରଶି ମାନଙ୍କ ମଧ୍ୟରେ ଢେଙ୍କା ର କେଶବ କର, ଆମ୍ବାର ଗଦାଧର ଜେନା, ସଡଙ୍ଗ ର ବିଜୟ ଜେନା, ବାଙ୍ଗୋର ର ବସନ୍ତ ନାୟକ, କେ ବାଲିପାଳ ର ମଙ୍ଗଲ୍ ହାଁସଦା, ବାଲିବାରେଇର ପ୍ରଦୀପ ଦେହୁରୀ ପଢ଼ିଆରିପଲ୍ଲୀ ର ରବିନାରାୟଣ ଦାସ ମହାପାତ୍ର, ସଡ଼ା ର କୃଷ୍ଣ ଚନ୍ଦ୍ର ନାୟକ ବିଦାୟ ନେଇଥିବା ବେଳେ ଏହି କାର୍ଯ୍ୟକ୍ରମକୁ ଏବିଓ କମ୍ ପ୍ରମୋଦ କୁମାର ନାୟକ, ପ୍ରସନ୍ନ ବେହେରା, ଦେବାଶିଷ ସାହୁ, ପ୍ରଫୁଲ୍ଲ କୁମାର ଜେନା ପ୍ରମୁଖ ହାଟଡିହି ବ୍ଲକ ର ସମସ୍ତ ଶିକ୍ଷା ବିଭାଗର କର୍ମଚାରୀ ମାନେ ଯୋଗ ଦେଇଥିଲେ ।

# ଶ୍ରମିକଙ୍କ ସୁରକ୍ଷାକୁ ଜଳାଞ୍ଜଳି ଦେଇ ନିର୍ମାଣ ଚାଲିଛି ଉଚ୍ଚତମ ପାଣି ଟାଙ୍କି

ବୌଦ୍ଧ, (ମହାଭାରତ): ନିର୍ମାଣ କାର୍ଯ୍ୟରେ ଶ୍ରମିକଙ୍କ ନିଯୋଜନ ନେଇ ସରକାରଙ୍କ ପକ୍ଷରୁ ଶ୍ରମିକଙ୍କ ସୁରକ୍ଷାକୁ ଦୃଷ୍ଟି ରେ ରଖି ବିଭିନ୍ନ ସରକାରୀ ନିୟମକୁ ପ୍ରଣୟନକରାଯାଇଛି । ହେଲେ ବୌଦ୍ଧ ଜିଲ୍ଲାରେ ଶ୍ରମିକ ଙ୍କ ସୁରକ୍ଷା କୁ ଜଳାଞ୍ଜଳି ଦେଇ ବିଭିନ୍ନ ସରକାରୀ ନିର୍ମାଣ କାର୍ଯ୍ୟ ଚାଲୁଥିବା ବେଳେ ଏଠାରେ ପ୍ରଶାସନ ନୀରବଦ୍ରଷ୍ଟା ସାଜି ଥିବା ବେଳେ ସେପଟେ ବେଫିକର୍ ଭାବେ ଠିକା ସଂସ୍ଥା ଶ୍ରମିକ ଙ୍କ ସୁରକ୍ଷା କୁ ଏଡାଇ ଦେଇ ନିର୍ମାଣ କାର୍ଯ୍ୟ ରେ ବହୁ ଶ୍ରମିକ ନିଯୋଜିତ କରିଛି । ନା ଅଛି ଶ୍ରମିକ ଙ୍କ କୌଣସି ସୁରକ୍ଷା ବ୍ୟବସ୍ଥା ନା ପାଳନ ହେଉଛି ସରକାର ଙ୍କ ଶ୍ରମିକ ସୁରକ୍ଷା ନିୟମାବଳୀ । ଏଭଳି ଦୟନୀୟ ଚିତ୍ର ଦେଖିବାକୁ ମିଳିଛି ବୌଦ୍ଧ ଜିଲ୍ଲା ସଦର ମହକୁମା ଅନ୍ତର୍ଗତ ମର୍ଜକ୍ଷକୁଦ ନଦୀ ଗର୍ଭ ରେ ହେଉଥିବା ଉଚ୍ଚତମ ପାଣି ଟାଙ୍କି ନିର୍ମାଣ କାର୍ଯ୍ୟରେ । ଲୋକଙ୍କୁ ପାନୀୟ ଜଳ ଯୋଗାଣ ପାଇଁ ନିର୍ମାଣ ହେଉଥିବା ଓଭର ହ୍ୟାଡ଼ ଟାଙ୍କି କାର୍ଯ୍ୟ ରେ ଶ୍ରମିକ ମାନେ ବିନା ସେଫଟି ବେଲ୍ଟ ବ୍ୟବହାର କରି କାର୍ଯ୍ୟ କରୁଥିବା ବେଳେ ଏପରିକି ତଳେ କୌଣସି ନେଟ



ବ୍ୟବସ୍ଥା ମଧ୍ୟ ନାହିଁ । ସେହିପରି କୌଣସି ଶ୍ରମିକ ଙ୍କ ମୁଣ୍ଡ ରେ ହେଲମେଟ୍ ମଧ୍ୟ ନଥିବା ଦେଖିବାକୁ ମିଳିଥିବା ବେଳେ ସମ୍ପୃକ୍ତ ଠିକାଦାର ନିଜର ଲାଭଖୋର ମନବୃତ୍ତି କୁ ଆପଣେଇ ଉଚ୍ଚତମ ଟାଙ୍କି ନିର୍ମାଣ କ୍ଷେତ୍ର ରେ ଶ୍ରମିକ ଙ୍କ ଜୀବନ ସହ ଖେଳ ଖେଳୁଥିବା ଦେଖିବାକୁ ମିଳିଛି । ଏପଟେ ଖୋଦ ସଦର ମହକୁମା ଭଳି ସ୍ଥାନ ରେ ପ୍ରଶାସନର ନିୟମ କୁ ଏଡାଇ ଦେଇ ସମ୍ପୃକ୍ତ ଠିକାଦାର ମନୋପୋଲି ଭାବରେ ଏବଂ ନିର୍ଭୟ ରେ କାର୍ଯ୍ୟ କରୁଥିବା ବେଳେ ନିକଟରେ ଗଦା ହୋଇଛି କୁଢ଼ କୁଢ଼ ବେଆଇନ ବାଲି ଗଦା ଏବଂ ସେହି ବାଲି ଗଦା ଉପରେ ମଧ୍ୟ ପ୍ରଶାସନର ନଜର ପଡିନଥିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ତେବେ ସଦର ମହକୁମା ଭଳି ସ୍ଥାନରେ ନିର୍ମାଣ କାର୍ଯ୍ୟ ଏଭଳି ଭାବେ ଅନିୟମିତତା ହେଉଥିଲେ ମଧ୍ୟ ଜିଲ୍ଲା ଶ୍ରମ ଅଧିକାରୀ ହୁଅନ୍ତୁ କିମ୍ବା ଜିଲ୍ଲା ପ୍ରଶାସନ ହେଉ କାହାର ଏଥିପ୍ରତି ଦୃଷ୍ଟି ନ ପଡିବା ସାଧାରଣ ରେ ଏକ ବଡ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିବା ବେଳେ ପ୍ରଶାସନିକ ଅଧିକାରୀ କିମ୍ବା କର୍ମଚାରୀ ଙ୍କ ମଧୁଚନ୍ଦ୍ରିକ ରେ ଏଭଳି କାର୍ଯ୍ୟ ଖୁଲମଖୁଲା ଭାବେ ଚାଲୁଥିବା ସନ୍ଦେହ ଘନିଭୂତ ହେଉଛି । ଏପଟେ ସରକାର ବାଲି ଚୋରା ଚାଲାଣ ଦିଗରେ କଡା ପଦକ୍ଷେପ ନେଉଥିବା ବେଳେ ସଦର ମହକୁମା ରେ ଦିନ ଦ୍ୱିପହର ରେ ପ୍ରଶାସନ ନାକ ତଳେ ମହାନଦୀ ରୁ ମନଇଚ୍ଛା ବାଲି ଉଠାଇ ନିର୍ମାଣ କାର୍ଯ୍ୟ ରେ ଲାଗୁଥିଲେ ମଧ୍ୟ ଜିଲ୍ଲା ଖଣି ଅଧିକାରୀ ମଧ୍ୟ ନିରବଦ୍ରଷ୍ଟା ସାଜିଥିବା କୁ ନେଇ ଖଣି ଅଧିକାରୀ ଙ୍କ କାର୍ଯ୍ୟଦକ୍ଷତା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଥିବା ବେଳେ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣ ରେ ଦାବି ହେଉଛି ।



# ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା





## ନୀଳାଞ୍ଚଳ ଲୌହ ଖଣିରେ ବିଶ୍ୱ ପରିବେଶ ଦିବସ ପାଳନ



କୋଇଡା(ମହାଭାର) : ସୁନ୍ଦରଗଡ଼ ଜିଲ୍ଲା କୋଇଡା ଖଣି ଅଞ୍ଚଳର କଦଳିଆ ମିଥ୍ରା ଠାରେ ଥିବା ଟାଟା ଷ୍ଟିଲ ଗ୍ରୁପ କମ୍ପାନୀର ନୀଳାଚଳ ଇସ୍ପାତ ନିଗମ ଲିମିଟେଡ଼ ଲୌହ ଖଣିରେ ବିଶ୍ୱ ପରିବେଶ ଦିବସ ଉତ୍ସାହ ଓ ପ୍ରତିବଦ୍ଧତା ସହିତ ପାଳିତ ହୋଇଯାଇଛି। ଚଳିତ ବର୍ଷର ବିଷୟବସ୍ତୁ ଥିଲା ମିଳିତ ଉଦ୍ୟମରେ ପ୍ଲାଷ୍ଟିକ ପ୍ରଦୂଷଣକୁ ହରାଇବା। ଏହି ଦିନଟି ଖଣିର କାର୍ଯ୍ୟ କ୍ଷେତ୍ର ଏବଂ ଏହାର ଆଖପାଖରେ ପରିବେଶ ସଂରକ୍ଷଣ ଓ ଏହାର ସ୍ଥାୟିତ୍ୱ ପ୍ରତି ଆମର ଦାୟିତ୍ୱକୁ ସ୍ମରଣ କରାଇଥାଏ। ଏହି କାର୍ଯ୍ୟକ୍ରମରେ ଖଣି ମୁଖ୍ୟ ରାହୁଲ କିଶୋର ଯୋଗ ଦେଇ ଏହି କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିବା ସହ କାର୍ଯ୍ୟକ୍ଷେତ୍ର ଏବଂ ବ୍ୟକ୍ତିଗତ ଜୀବନରେ ସବୁଜ ପରିବେଶ ପାଇଁ ସକ୍ରିୟ ଭାବରେ ଯୋଗଦାନ ଦେବାକୁ ସେ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ । ଏହି ଅବସରରେ ଖଣି ପରିସର ଓ ଆଖପାଖ ଗ୍ରାମରେ ଚାରା ରୋପଣ କରଯାଇଥିଲା ।ଏଥିରେ ଖଣିର ସମସ୍ତ କର୍ମଚାରୀ ଓ ସ୍ଥାନୀୟ ବାସିନ୍ଦା ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ। ଏହି ପଦକ୍ଷେପ ପରିବେଶ ଜାଗୃକତା ଓ ସମ୍ପ୍ରଦାୟ ଅଂଶଗ୍ରହଣକୁ ବୃଦ୍ଧି କରିବାକୁ ଉଦ୍ଦିଷ୍ଟ ଥିଲା। ଯୁବପିଢ଼ିଙ୍କୁ ପରିବେଶ ସମ୍ପର୍କରେ ଜାଗ୍ରତ ଓ ସଚେତନ କରିବା ଏବଂ ସେମାନଙ୍କ ମଧ୍ୟରେ ସୃଜନଶୀଳତାକୁ ଉତ୍ସାହିତ କରିବା ପାଇଁ ଖଣି ଏବଂ ଆଖପାଖ ଗ୍ରାମଗୁଡ଼ିକରେ ଚିତ୍ରାଙ୍କନ ଏବଂ ସ୍ଲୋଗାନ ପ୍ରତିଯୋଗିତା ଆୟୋଜନ କରଯାଇଥିଲା। ପ୍ରତିଯୋଗିତାରେ ପିଲାମାନେ ଉତ୍ସାହର ସହିତ ଅଂଶଗ୍ରହଣ କରିବା ସହ ଚିତ୍ରକଳା ଏବଂ ପ୍ରଭାବଶାଳୀ ସ୍ଲୋଗାନ ମାଧ୍ୟମରେ ପରିବେଶଗତ ସମସ୍ୟା ସମ୍ପର୍କରେ ପ୍ରଦର୍ଶନ କରିଥିଲେ। ଏହି ଅବସରରେ ଖଣି ମୁଖ୍ୟ ରାହୁଲ କିଶୋର ଖଣିର ନିୟମିତ ଶ୍ରମ ଓ ପରିବେଶ ମାନଦଣ୍ଡ ରକ୍ଷାରେ ଅସାଧାରଣ ଅବଦାନ ଦେଉଥିବା କର୍ମଚାରୀମାନେଙ୍କୁ ସମ୍ମାନିତ କରିଥିଲେ।

## ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଅଘଟଣା ବିଦ୍ୟୁତ ସଂସ୍ପର୍ଶରେ ଆସି ଜଣେ ମହିଳା ଗୁରୁତର



ମହିଳା ବିଦ୍ୟୁ ସଂସ୍ପର୍ଶରେ ଆସି ଆହତ ହୋଇଛନ୍ତି। ଅଭିଯୋଗ ଅନୁଯାୟୀ ଗୁରୁତର ଆହାତ ସୁଜାତା ସାହୁ ତାଙ୍କ ଆଇଙ୍କୁ ଚିକିତ୍ସା ପାଇଁ ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଆଣିଥିବା

ନୟାଗଡ଼, ( ମହାଭାରତ ) : ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଅଘଟଣ। ବିଦ୍ୟୁତ ସଂସ୍ପର୍ଶରେ ଆସି ଜଣେ ମହିଳା ଗୁରୁତର ଆହତ ହୋଇଥିବା ବେଳେ ଅନେକ ଆହତ ହୋଇଛନ୍ତି। ଅଭିଯୋଗ ଅନୁଯାୟୀ ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ରକ୍ତ ପରୀକ୍ଷା କେନ୍ଦ୍ରରର ନମୁନା ସଂଗ୍ରହ କେନ୍ଦ୍ର ଓ ରିପୋର୍ଟ ସଂଗ୍ରହ କେନ୍ଦ୍ର ର ଗ୍ରିଲ୍ ରେ କରେଣ୍ଟ ଲାଗିଥିବାରୁ ରକ୍ତ ପରୀକ୍ଷା ରିପୋର୍ଟ ପାଇଁ ଆସିଥିବା ରୋଗୀ ଓ ରୋଗୀଙ୍କ ସମ୍ପର୍କୀୟ ମାନେ ବିଦ୍ୟୁତ ସଂସ୍ପର୍ଶରେ ଆସିଥିଲେ। ବିଦ୍ୟୁତ ସଂସ୍ପର୍ଶରେ ଆସି ଶରଣକୁଳ ଥାନା ବଡ କୁଟୁଣୀ ଗାଁର ସୁଜାତା ସାହୁ ଗୁରୁତର ଆହତ ହୋଇ ମୁଖ୍ୟ ଚିକିତ୍ସାଳୟର ଚିକିତ୍ସିତ ହେଉଛନ୍ତ। ସେହିପରି ନୟାଗଡ଼ ବ୍ଲକ୍ ବ୍ରଜବଲ୍ଲପୁର ର ଉମେଶ ଚନ୍ଦ୍ର ଶତପଥୀ ଓ ପ୍ରତାପ ପ୍ରସାଦ ଗାଁ ର ଜଣେ ବେଳେ ଡାକ୍ତରଙ୍କ ପରାମର୍ଶ କ୍ରମେ ରକ୍ତ ପରୀକ୍ଷା କରିସାରି ରିପୋର୍ଟ ଆଣିବା ପାଇଁ ପାଥୋଲୋଜି ଲ୍ୟାବଙ୍କୁ ଯାଇଥିଲେ। ରିପୋର୍ଟ ସଂଗ୍ରହ କେନ୍ଦ୍ର ରେ ରିପୋର୍ଟ ପାଇଁ ଛିଡ଼ା ହୋଇଥିବା ବେଳେ ସେଠାରେ ଥିବା ଲୁହା ଗ୍ରିଲ୍ ରେ କରେଣ୍ଟ ଲାଗି ସେ ଗୁରୁତର ଆହତ ହୋଇଥିବା ଅଭିଯୋଗ କରିଛନ୍ତି। ବାରମ୍ବାର ମେଡ଼ିକାଲ ପରିଚାଳନାରେ ଅବହେଳା ପାଇଁ ଏଠାକୁ ରୋଗୀଙ୍କୁ ନେଇ ଆସୁଥିବା ସମ୍ପର୍କୀୟ ମାନେ ମଧ୍ୟ ରୋଗୀ ପାଲଟିଯାଇଥିବା ଅଭିଯୋଗ ହୋଇଛି। ସେପଟେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଅତିରିକ୍ତ ମୁଖ୍ୟ ଚିକିତ୍ସା ଅଧିକାରୀ ପ୍ରସନ୍ନ ପ୍ରସାଦ ସାହୁ କହିଛନ୍ତି ବିଦ୍ୟୁତସଂସ୍ପର୍ଶରେ ଆସିଥିବା ବ୍ୟକ୍ତି ଙ୍କ ର ଉତ୍ତମ ଚିକିତ୍ସା ଚାଲିଛି ଏବଂ ବିଦ୍ୟୁ ଲାଗୁଥିବା ନମୁନା ସଂଗ୍ରହ ଓ ରିପୋର୍ଟ ସଂଗ୍ରହ କେନ୍ଦ୍ର ରୁ ବିଦ୍ୟୁ ମରାମତି ସରିଛି।

## ବିପଦ ସଂକୁଳ ଅବସ୍ଥାରେ ପୋଲ: ବିପଦରେ ଯାତ୍ରୀ



କରଞ୍ଜିଆ, (ମହାଭାରତ)ମୟୁରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ଅଖାପଲାଣ ବନ୍ଧ ସାହି ର ନିପାଣିଆ- ହାତୀଗୋଡ଼ା ରାସ୍ତାରେ ଥିବା ପୋଲ ଦୀର୍ଘ ଦିନ ଧରି ବିପଦ ସଂକୁଳ ଅବସ୍ଥାରେ ରହିଛି। ଫଳରେ ରାସ୍ତାରେ ଥିବା ଏହି ପୋଲ ସାଧାରଣ ଯାତ୍ରୀଙ୍କ ଜୀବନ ପ୍ରତି ବିପଦ ରହିଛି।ଦୀର୍ଘ ବର୍ଷ ପୂର୍ବରୁ ନିର୍ମାଣ ହୋଇଥିବା ଏହି ପୋଲ ର ଛାତ ର ମଝିରେ ଭାଙ୍ଗି ଯାଇ ବଡ ଗାତ ହୋଇ ରହିଛି। ଦୀର୍ଘ ଦିନ ଧରି ଏଭଳି ଅବସ୍ଥାରେ ଥିବା ବେଳେ ପ୍ରଶାସନ କିମ୍ବା ଲୋକ ପ୍ରତିନିଧି ମାନଙ୍କର ଦୃଷ୍ଟି ପଡ଼ି ପାରିନାହିଁ। ନିକଟରେ ସେହି ଭଙ୍ଗା ପଡିରହିଥିବା ପୋଲ କୁ ଲାଗି ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନା ମାଧ୍ୟମ ରେ ୫ ଲକ୍ଷ୍ୟ ଟଙ୍କା ବ୍ୟୟ ରେ ଏକ ସିମେଣ୍ଟ କଂକ୍ରିଟ ରାସ୍ତା ବ୍ଲକ ଦ୍ୱାରା ନିର୍ମାଣ କରାଯାଇଛି। ଏପରିସ୍ଥଳେ ଦୀର୍ଘ ଦିନ ଧରି ପୋଲ ଛାତ ଭାଙ୍ଗି ପଡି ରହିଥିବା ବେଳେ ଏହା ନଜର କୁ ନ ଆସିବା ସାଧାରଣ ରେ ଅସନ୍ତୋଷ ଦେଖା ଦେଇଛି। ଭାଙ୍ଗି ଯାଇଥିବା ପୋଲ ଛାତ ର ଗାତ ଯୋଗୁଁ ଏହି ପୋଲ ଦେଇ ଯାନ ବହନ ପ୍ରତି ବିପଦ ଥିବା ବେଳେ ରାତିରେ ପଥ ଚାରି ଏହି ଛାତରୁ ଗଳି ପଡି ଜୀବନ ଯିବାର ସମ୍ଭାବନା ରହିଛି। ଭାଙ୍ଗି ପଡି ଥିବା ପୋଲ କୁ ପ୍ରଶାସନ ପକ୍ଷରୁ ତୁରନ୍ତ ନିର୍ମାଣ କରାନଗଲେ ଆଗାମୀ ଦିନରେ ଏହା ଯାତ୍ରୀଙ୍କ ପ୍ରତି ବିପଦ ସୃଷ୍ଟି କରିବ ।

### ପ୍ରସୂତି ମହିଳାଙ୍କ ମୃତ୍ୟୁ ମାମଲାରେ ଗାଇନିଙ୍ଗ୍ ଡାକ୍ତରଙ୍କ ନିଲମ୍ବନ ପରେ ବଢ଼ିଲା ବିବାଦ

# ଆକ୍ରମଣକାରୀଙ୍କ ଗିରଫ ଦାବିରେ କଳାବ୍ୟାଜ୍ ପିନ୍ଧିଲେ ଡାକ୍ତର



ନୟାଗଡ଼, ( ମହାଭାରତ ) : ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପ୍ରସୂତି ମୃତ୍ୟୁ ମାମଲାରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଗାଇନିଙ୍ଗ୍ ଡାକ୍ତର ରବୀନ୍ଦ୍ରନାଥ ସାହୁଙ୍କୁ ନିଲମ୍ବନ କରାଯାଇଛି। କାର୍ଯ୍ୟରେ ଅବହେଳା କରିଥିବାରୁ ଡାକ୍ତରଙ୍କ ବିରୋଧରେ ଏମିତି କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା କୁହାଯାଇଛି। ମାତ୍ର ଏହାକୁ ଓଡ଼ିଶା ମେଡିକାଲ ସେବା ସଂଘ (ଓମ୍ସା) ଆଦୌ ଗ୍ରହଣ କରିପାରୁନାହିଁ। ଘଟଣାର ସମ୍ପୂର୍ଣ୍ଣ ତଦନ୍ତ ସରି ନ ଥିଲେ ମଧ୍ୟ ଜଣେ ବରିଷ୍ଠ ଓ ଅଭିଜ୍ଞ ଡାକ୍ତରଙ୍କ ବିରୋଧରେ ହଠାତ୍ ଏମିତି କାର୍ଯ୍ୟାନୁଷ୍ଠାନକୁ ସଂଘ ବିରୋଧ କରିଛି। ମାତ୍ର ଏହି ଘଟଣା ସମୟରେ ହସ୍ପିଟାଲ ପରିସରରେ ଡାକ୍ତରଙ୍କୁ ଦୁଇ ଦୁଇ ଥର ଆକ୍ରମଣ କରାଯିବା ନେଇ ଥାନାରେ ଏତଲା ହୋଇଥିଲେ ମଧ୍ୟ ପୁଲିସ କାହିଁକି ଆକ୍ରମଣକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଉନାହିଁ ବୋଲି ସଂଘ ପ୍ରଶ୍ନ ଉଠାଇଛି। ଏହାର ପ୍ରତିବାଦ ସ୍ୱରୂପ କଳାବ୍ୟାଜ୍ ପିନ୍ଧି ଜିଲ୍ଲାର ସମସ୍ତ ଡାକ୍ତର କାର୍ଯ୍ୟ କରିବା ଆରମ୍ଭ କରିଛନ୍ତି। ଯଦି ଖୁବ୍‌ଶୀଘ୍ର ଏ ଦିଗରେ ପଦକ୍ଷେପ ନିଆନଯାଏ, ତେବେ ଜିଲ୍ଲାବ୍ୟାପୀ ସମସ୍ତ ହସ୍ପିଟାଲରେ କାର୍ଯ୍ୟରତ ଡାକ୍ତର ମାନେ ଶାନ୍ତିପୂର୍ଣ୍ଣ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ସଂଘ ପକ୍ଷରୁ ବୈଠକରେ ନିଷ୍ପତ୍ତି ହୋଇଛି। ଓଡ଼ିଶା ମେଡିକାଲ ସେବା ସଂଘ, ନୟାଗଡ଼ ଶାଖାର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସଭାପତି ଡାକ୍ତର କିଶୋର ଚନ୍ଦ୍ର ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଉପସଭାପତି ଡାକ୍ତର ଆଶିଷ ଦୀକ୍ଷିତଙ୍କ ସମେତ ଜିଲ୍ଲାରେ କାର୍ଯ୍ୟରତ ସମସ୍ତ ଡାକ୍ତର ଉପସ୍ଥିତ ଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ହୋଇଥିବା ମାତୃ ମୃତ୍ୟୁ ପାଇଁ ସମସ୍ତେ ଦୁଃଖ ପ୍ରକାଶ କରିଥିଲେ। ମାତ୍ର ଡିୟୁଟି ସମୟରେ ଜଣେ ଡାକ୍ତରଙ୍କ ଆକ୍ରମଣକୁ ସଂଘ ବେଶ୍ ଗୁରୁତ୍ୱର ସହ ନେଇ ଆଲୋଚନା କରିଥିଲା। ଜଣେ ଡାକ୍ତରଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆଯାଇଥିଲେ ମଧ୍ୟ ଡାକ୍ତର ଶ୍ରୀ ସାହୁଙ୍କ ଏତଲାକୁ ଭିତ୍ତି କରି ପୁଲିସ କିଛି ବି ପଦକ୍ଷେପ ନେଇ ନଥିବାରୁ ସଂଘ ଅସନ୍ତୋଷ ପ୍ରକାଶ କରିଛି। ଏହାର ଜୋରଦାର୍ ପ୍ରତିବାଦ କରିବା ପାଇଁ ସଂଘ ନିଷ୍ପତ୍ତି ନେଇଛି। ବର୍ତ୍ତମାନ ଡାକ୍ତର ମାନେ କଳା ବ୍ୟାଜ୍ ପିନ୍ଧି ଡିୟୁଟିରେ ପ୍ରତିବାଦ କରୁଛନ୍ତି। ଆଗାମୀ ଦିନରେ ଏହି ଆନ୍ଦୋଳନ ତୀବ୍ର ରୂପ ନେବା ଯଦି ୩ ରୁ ୪ ଦିନ ଭିତରେ ଆକ୍ରମଣକାରୀ ମାନେ ଗିରଫ ନ ହୁଅନ୍ତି, ତେବେ ସାରା ଜିଲ୍ଲାର ଡାକ୍ତର ମାନେ ରୋଗୀସେବା ଜାରି କରିବା ସହ ଏକ ନିରବ ପ୍ରତିବାଦ ଆରମ୍ଭକରିବେ। ଏହି ଆନ୍ଦୋଳନ ସାରା ରାଜ୍ୟକୁ ବ୍ୟାପିବ ବୋଲି ରାଜ୍ୟ ସଭାପତି ଡାକ୍ତର ଶ୍ରୀ ମିଶ୍ର ସୂଚନା ପ୍ରଦାନ କରିଛନ୍ତ। ଫଳରେ ଏହି ସମସ୍ୟାର ସମାଧାନ ଦିଗରେ ଜିଲ୍ଲା ପ୍ରଶାସନ କି ପଦକ୍ଷେପ ନେଉଛି, ଏହା ଉପରେ ସମସ୍ତଙ୍କ ନଜର ରହିଛି।

# ବିକାଶ ଖୋଜୁଛି ଆଦିବାସୀ ଆମଠାପଦର ଗାଁ

## ଶିକ୍ଷା, ପାନୀୟ ଜଳ ଓ ବିଜୁଳି ଏହି ଗାଁର ମୁଖ୍ୟ ସମସ୍ୟା



ଲାଞ୍ଜିଗଡ,(ମହାଭାରତ)ବଣ ପାହାଡ ଭିତରେ ଆଦିବାସୀ କିପରି ଜୀବନ ଜାପନ କରୁଛନ୍ତି, ସେମାନଙ୍କ ସମସ୍ୟା ସବୁ କ'ଣ ରହିଛି, ଏମାନଙ୍କ ପାଇଁ ସରକାର ଓ ପ୍ରଶାସନର ଦରଦ କେତେ ଏସବୁ ବିଷୟ ବଖାଣ କରୁଛି ଅପହଞ୍ଚ ଗାଁ ଆମଠାପଦ। କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ ବ୍ଲକ ଅନ୍ତର୍ଗତ ତ୍ରିଲୋଚନପୁର ପଞ୍ଚାୟତର ଏକ ଆଦିବାସୀ ଗାଁ ଆମଠାପଦରୟ ୩୦ଟି ପରିବାର ରହୁଥିବା ୨୦୦ ଶହରୁ ଅଧିକ ଜନସଂଖ୍ୟା ବିଶିଷ୍ଟ ଏହି ଗାଁ ସମସ୍ୟାର ଚାରି ଛକରେ ବନ୍ଧା ପଡିଛି ।ପଞ୍ଚାୟତ ମୁଖ୍ୟାଳୟ ଠାରୁ ମାତ୍ର ୪ କିମି ଦୂରରେ ଥିବା ବେଳେ ଶିକ୍ଷା,ପାନୀୟଜଳ, ବିଜୁଳି ସବୁ ଦୃଷ୍ଟିରୁ ଅବହେଳିତ ହୋଇ ରହିଛି ଏହିଗାଁ। ଗରିବ ଲୋକଙ୍କ ପାଇଁ ବିଭିନ୍ନ ଯୋଜନା ପ୍ରଣୟନ କରି ଆସୁଥିବା ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ଉପହାସ କରୁଛି ଏହି ଗାଁ। ଗାଁର ସମସ୍ୟା ହେଉଛି ପାନୀୟ ଜଳ, ବିଜୁଳି ଓ ଶିକ୍ଷାୟଆଜିକୁ ୧୦୦ ବର୍ଷରୁ ଅଧିକ ସମୟ ଧରି ଏହି ଗାଁରେ ଲୋକେ ବସବାସ କରି ଆସୁଥିଲେ ମଧ୍ୟ ଗାଁର ମୁଖ୍ୟ ସମସ୍ୟା ହେଉଛି ପାନୀୟ ଜଳ । ଗ୍ରାମରେ ୨ ଗୋଟି ନଳକୂପ ଅଛି ।ଗୋଟିଏ ରେ ମାତ୍ର ୧୦ ରୁ ୧୫ ମିନିଟ ପର୍ଯ୍ୟନ୍ତ କମ ପରିମାଣରେ ପାଣି ବାହାରିବା ପରେ ଗୁଳିଆ ପାଣି ବାହାରୁଛି ।ଅନ୍ୟଟିରେ ସୋଲାର ପମ୍ପ ସଂଯୋଗ କରିବା ଦ୍ୱାରା ତାହା ମଧ୍ୟ ୩ ବର୍ଷ ହେଲା ଅଚଳ ହୋଇ ପଡିରହିଛି ।ପ୍ରଶାସନ ନିକଟରେ ବାରମ୍ବାର ଗୁହାରି ପରେ ୨୦୧୯-୨୦ ମସିହାରେ ଗାଁରେ ୩ ଗୋଟି ଡିପ ବରୱେଲ ଖୋଳା ଗଲା କିନ୍ତୁ ଦୁଃଖର ବିଷୟ ଗୋଟିଏ ୫ ବର୍ଷ ଓ ଅନ୍ୟ ୨ଟି ଏକ ବର୍ଷ ହେଲା ସେଠାରେ ମୋଟର ସଂଯୋଗ କରାଯାଇ ନାହିଁ ।ଗାଁର ୨ କିମି ଦୂରରେ ଥିବା ନାଳରୁ ପାଇପ୍ ଯୋଗେ ପାଣି ଯୋଗାଣ ପାଇଁ ବ୍ଲକ ପ୍ରଶାସନ ପକ୍ଷରୁ ୨୦୧୯ ମସିହାରେ ସଣ୍ଟେକ୍ସ ଟାଣି ଓ ପାଇପ ଗାଁ ମୁଣ୍ଡରେ ରଖାଯାଇଥିଲା ।ଘରକୁ ଘର ଜଳ ଯୋଗାଣ ପାଇଁ ପାଣି ପଏଣ୍ଟ ମଧ୍ୟ ସ୍ଥାପନ କରାଗଲା। କିନ୍ତୁ ତାହା କୌଣସି କାମରେ ଆସିଲା ନାହିଁ ।ଲକ୍ଷ ଲକ୍ଷ ଟଙ୍କାର ପାଇପ୍ ଓ ସିଣ୍ଟେକ ଟାଙ୍କି ଆଜି ପର୍ଯ୍ୟନ୍ତ ପଡିରହିଛି ।ସେହିପରି ୨୦୨୧ ମସିହାରେ ଗାଁରେ ନୂତନ ଭାବେ ଏକ ଡିପ ବରଊଏଲ ଖୋଳା ଯାଇ ସୋଲାର ଯୋଗେ ପାଣି ଯୋଗାଇ ଦିଆଯାଉଥିଲା ।କିନ୍ତୁ ବରଊଏଲଟି ମାତ୍ର ୩୦ ପୁଟ ଖୋଳା ଯାଇଥିବା ଯୋଗୁଁ ମାତ୍ର ୬ ଘରକୁ କଷ୍ଟେମଷ୍ଟେ ପାଣି ମିଳି ପାରୁଥିଲା ।ବର୍ତ୍ତମାନ ୨ ବର୍ଷ ହେଲା ତାହାବି ଅଚଳ ହୋଇ ପଡି ରହିଛି ।ଗାଁରେ ଯେତିକି ବି ବରଊଏଲ ଖୋଳା ଯାଉଛି ।ଗାଁ ଲୋକଙ୍କ ଅନୁପସ୍ଥିତରେ ରାତିରେ ଖୋଳା ଯାଉଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି ।ଏହାର ଦାଇତ୍ୱ ତତ୍କାଳୀନ ଯନ୍ତ୍ରୀ ପିତାମ୍ବର ହେମ୍ବ୍ରମ ଓ ବର୍ତ୍ତମାନ ଦାୟିତ୍ୱରେ ଥିବା ଦସମନ୍ତ ମାଝୀ ନେଇଥିବା ବେଳେ ଗ୍ରାମବାସୀଙ୍କ ଅଭିଯୋଗ କଲେ ଶୁଣୁନାହାନ୍ତି ବୋଲି ପ୍ରକାଶ କରିଛନ୍ତି ।ତେଣୁ ଗ୍ରାମ ନିକଟସ୍ଥ ନିୟମଗିରି ପାହାଡରୁ ଆସିଥିବା ଝରଣା ପାଣିକୁ ପାନୀୟ ଜଳ ରୂପେ ବ୍ୟବହାର କରୁଛନ୍ତି ।ବର୍ଷା ଦିନେ ପାଣି ଗୁଳିଆ ହେଉଥିବା ବେଳେ ଖରା ଦିନେ ଝରଣା ପାଣି ସୁଖୀ ଯାଉଛି। ଝରଣାରେ ବନ୍ୟ ଜନ୍ତୁ, ଗୃହ ପାଳିତ ପ୍ରାଣୀ ଚଳପ୍ରଚଳ କରୁଥିବା ବେଳେ ସେହି ଦୂଷିତ ପାଣିକୁ ପାନୀୟ ଜଳ ଭାବେ ବ୍ୟବହାର କରୁଥିବାରୁ ଏମାନଙ୍କ ଶରୀରରେ ରୋଗ ଘରକରି ରହିଛି ।ଗାଁରେ ପ୍ରାଥମିକ ବିଦ୍ୟାଳୟ ଟିଏ ନାହିଁ, ୨୦୧୫ ମସିହାରେ ପ୍ରାଥମିକ ବିଦ୍ୟାଳୟ ପାଇଁ ଜମି ଚିହ୍ନଟ ମଧ୍ୟ ହୋଇଥିଲା ।କିନ୍ତୁ ଆଜିଯାଏ ବିଦ୍ୟାଳୟ ଟିଏ ହୋଇପାରିଲା ନାହିଁ। ଗାଁର କୋମଳମତି ଶିଶୁମାନେ ପ୍ରାଥମିକ ବିଦ୍ୟାଳୟ ପାଇଁ ୫ କିମି ଦୂର ଜଙ୍ଗଲ ରାସ୍ତା ଦେଇ ନିକଟସ୍ଥ ଗଉଡ଼ ଥୁଆଗୁଡା ଗାଁକୁ ଯାଇଥାନ୍ତି। ଫଳରେ ବନ୍ୟ ଜନ୍ତୁର ଭୟ ଥିଲେ ମଧ୍ୟ ବାଧ ହୋଇ ଯାତାୟତ କରିଥାନ୍ତି ।ସେହିପରି ଅଙ୍ଗନବାଡି କେନ୍ଦ୍ର ନଥିବାରୁ ଛୋଟ ଛୋଟ ଶିଶୁ ମାନେ ଶିକ୍ଷାରୁ ବଞ୍ଚିତ ହେଉଛନ୍ତି। ଫଳରେ ୧ ରୁ ୧୦ ବର୍ଷର ଶିଶୁ ଗାଁରେ ହିଁ ରହିଥାନ୍ତି। ବିଜୁଳି କୁ ନେଇ ଲାଞ୍ଜିଗଡ ପଞ୍ଚାୟତ ସମିତି ବୈଠକ,ଜିଲ୍ଲା ପାଳଙ୍କ ଅଭିଯୋଗ ଶୁଣାଣି ଓ ବିଦ୍ୟୁତ ବିଭାଗ ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗ ପରେବି ଗାଁକୁ ବିଜୁଳି ମିଳୁନାହିଁ। ତେଣୁ ଏହି ଗାଁର ଶିକ୍ଷା, ପାନିୟ ଜଳ ଓ ବିଜୁଳିରୁ ବର୍ଷ ବର୍ଷ ଧରି ଗ୍ରାମବାସୀ ବଞ୍ଚିତ ରହିଥିବା ପ୍ରକାଶ କରିଛନ୍ତି। ତେଣୁ ଏହି ଗାଁ ସମସ୍ୟା ପ୍ରତି ପ୍ରଶାସନ ଓ ଜନ ପ୍ରତିନିଧି ମାନେ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

## ବିଦ୍ୟୁତ କାଟରେ ଅତିଷ୍ଠ ଘୁଗୁଡ଼ିପଡ଼ା ଗ୍ରାମବାସୀ

ଦଶପଲ୍ଲା,(ମହାଭାରତ ): ନୟାଗଡ ଜିଲ୍ଲା ଦଶପଲ୍ଲା ବ୍ଲକ ରେ ବିଦ୍ୟୁତ କାଟ ଯୋଗୁଁ ଲୋକମାନେ ଅତିଷ୍ଟ ହୋଇପଡିଲେଣି। ସରକାର ଟାଟା କମ୍ପାନୀ କୁ ବିଦ୍ୟୁତ ବିଭାଗ କୁ ଦାୟିତ୍ୱ ନିଜ ମୁଣ୍ଡରୁ ଉଠାଇଦେଇଥିବା ବେଳେ ଦଶପଲ୍ଲା ଅଂଚଳ ରେ ବାରମ୍ବାର ଲାଇନ କାଟିବା ଏକ ପ୍ରହସନ ରେ ପରିଣତ ହେଲାଣି। ଅଳ୍ପ ବର୍ଷା ହେଉ ଅବା ପବନ, ଅଳ୍ପ ବିଜୁଳି ମାରିଲେ ମଧ୍ୟ ଘଣ୍ଟା ଘଣ୍ଟା ଲାଇନ କଟୁଛି। ତେବେ ଶୁକ୍ରବାର ଦିନ ଘୁଗୁଡ଼ିପଡ଼ା ଗ୍ରାମବାସୀ ଓ ସରପଞ୍ଚ ବିଦ୍ୟୁତ କାଟ ଓ ତାର ପ୍ରତିକାର ସମ୍ବନ୍ଧରେ ଏକ ଲିଖିତ ଅଭିଯୋଗ ତଥା ସମସ୍ୟା ର ସମାଧାନ ଦିଗ ଜଣାଇଛନ୍ତି। ଅଧିକାଂଶ ସମୟରେ ଲାଇନ ରହୁ ନ ଥିବାରୁ ଏହି ଘୁଗୁଡ଼ିପଡ଼ା ର ଶତାଧିକ ଗ୍ରାମବାସୀ ବୃନ୍ଦ ଦଶପଲ୍ଲା ଇଲେକ୍ଟ୍ରି ଅଫିସ କୁ ଆସି ଇଲେକ୍ଟ୍ରି ଏସ ଡି ଓ ଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ତେବେ ତାଙ୍କ ଗ୍ରାମକୁ ଟାକେରା ଗ୍ରୀଡ଼ ରୁ ଲାଇନ ଆସିଥିବା ହେତୁ ଲାଇନ ଅଧିକ ସମୟ କଟୁଛି ବୋଲି ଅଭିଯୋଗ କରିବା ସହ ଲାଇନ ଟି ଗୁରିଆବାରୀ ଗ୍ରାମ ଠାରୁ ଦଶପଲ୍ଲା ଗ୍ରୀଡ଼ ର କନେକ୍ସନ ଦେବାକୁ ମଧ୍ୟ ଦାବୀ କରିଛନ୍ତି। ଏହା ନ ହେଲେ ଆଗାମୀ ଦିନରେ ଇଲେକ୍ଟ୍ରି ଅଫିସ ଘେରାଉ କରିବେ ବୋଲି ମଧ୍ୟ ଚେତାବନୀ ଦେଇଛନ୍ତ। ତେବେ ବିଭାଗ ଅଧିକାରୀ ମଧ୍ୟ ସେମାନଙ୍କର ଲିଖିତ ଅଭିଯୋଗ କୁ ଗ୍ରହଣ କରି ତାର ବିହିତ ସମାଧାନ କରିବେ ବୋଲି କହିଛନ୍ତି ବୋଲି ଗ୍ରାମବାସୀ ମତ ରଖିଛନ୍ତି।

## ବୃଦ୍ଧା କୁ ଯୁବକ ଙ୍କ ଲୁହା ରଡ଼ ରେ ଆକ୍ରମଣ, ଥାନା ରେ ଅଭିଯୋଗ

କାକଟପୁର(ମହାଭାରତ): କାକଟପୁର ରେ ଦିନକୁ ଦିନ ଛୋଟ ବଡ଼ ଅଭିଯୋଗ ବୃଦ୍ଧି ପାଉଥିବା ବେଳେ ଅପରାଧୀ ଙ୍କ ଟେର ପାଉନି ପୋଲିସ, ଯାହାକୁ ନେଇ କାକଟପୁର ରେ ଜନଅସନ୍ତୋଷ ଦିନକୁ ଦିନ ବୃଦ୍ଧି ପାଉଛି, ଏହିପରି ଏକ ସମ୍ବେଦନଶିଳ ଘଟଣା ଲତାହରଣ ପଞ୍ଚାୟତ ଗୋରଡ଼ିତୋଟା ଅଞ୍ଚଳ ରେ ଘଟିଛି, ଜଣେ ୬୫ ବର୍ଷିଅ ବୃଦ୍ଧ ଙ୍କୁ ଜଣେ ୩୦ ବର୍ଷୀୟ ଯୁବକ ଲୁହା ରଡ ରେ ପିଟି ଗୁରୁତ୍ୱର କରିଛନ୍ତି, ବୃଦ୍ଧ ଜଣକ ଏହି ଗ୍ରାମ ର ପରମାନନ୍ଦ ବିଶ୍ୱାଳ ଗତ ୩ ତାରିଖ ରେ ହନୁମାନ ମନ୍ଦିର ଯାଇଥିବା ବେଳେ ପୂଜକ ଟିକୁ ପଣ୍ଡା ଙ୍କ ସହିତ କିଛି ବ୍ୟକ୍ତିଗତ ଘଟଣା କୁ ନେଇ ଯୁକ୍ତି ହୋଇଥିଲା, ଆଉ କିଛି ସମୟ ପରେ ଏହି ମନ୍ଦିର ର ପୂଜକ ଟିକୁ ପଣ୍ଡା ମନ୍ଦିର ନିକଟରେ ଥିବା ଲୁହା ରଡ ରେ ବୃଦ୍ଧ ଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ, ରକ୍ତାକ୍ତ ଅବସ୍ଥା ରେ ବୃଦ୍ଧ ଙ୍କୁ ପ୍ରଥମେ ଚରିଛକ ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ର ପରେ ଅବସ୍ଥା ଗୁରୁତ୍ୱର ହେବାରୁ କଟକ ସ୍ଥାନାନ୍ତର କରାଯାଇଛି, ଯାହାକୁ ନେଇ ବୃଦ୍ଧ ଙ୍କ ଧର୍ମପତ୍ନୀ ଲଳିତା ବିଶ୍ୱାଳ କାକଟପୁର ଥାନା ରେ ଅଭିଯୋଗ କରିଥିଲେ। ମାତ୍ର ପୋଲିସ ଏହି କେଶ ପଞ୍ଜିକରଣ କରିଛି କିନ୍ତୁ ଏଯାଏ ଅପରାଧୀ ଙ୍କୁ ଧରିପାରିନି, ଯାହାକୁ ନେଇ ପରିବାର ତରଫରୁ ଅଭିଯୋଗ ହୋଇଛ।

# ମାନ୍ୟବର ବାଣିଜ୍ୟ ଓ ପରିବହନ ତଥା ଇସ୍ପାତ ଓ ଖଣି ବିଭାଗ ମନ୍ତ୍ରୀଙ୍କ ନବରଙ୍ଗପୁର ଜିଲ୍ଲା ଗସ୍ତ

## ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟକ୍ରମର ଜିଲ୍ଲା ସ୍ତରୀୟ ସମୀକ୍ଷା ବୈଠକ



ନବରଙ୍ଗପୁର(ମହାଭାରତ): ଏକ ବର୍ଷ ପୂର୍ତ୍ତି ଅବସରରେ ଜିଲ୍ଲା ସ୍ତରୀୟ ବିକାଶ ମେଳା ର ପ୍ରସ୍ତୁତି ବୈଠକ ର ଅଧକ୍ଷତା ନବରଙ୍ଗପୁର ଆଜି ସ୍ଥାନୀୟ ମିଶନ ଶକ୍ତି ସମ୍ମିଳନୀ ଗୃହରେ ମାନ୍ୟବର ବାଣିଜ୍ୟ ଓ ପରିବହନ ତଥା ଇସ୍ପାତ ଓ ଖଣି ବିଭାଗ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଙ୍କ ଅଧକ୍ଷତାରେ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟକ୍ରମର ଜିଲ୍ଲା ସ୍ତରୀୟ ସମୀକ୍ଷା ଏବଂ ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଅବସରରେ ଜିଲ୍ଲାରେ ଆସନ୍ତା ୧୨/୬/୨୫ ରୁ ୧୮/୬/୨୫ ପର୍ଯ୍ୟନ୍ତ ଜିଲ୍ଲା ସ୍ତରୀୟ ବିକାଶ ମେଳା ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି ।ଏହି ଅବସରରେ ମାନ୍ୟବର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ,ମାନ୍ୟବର ବିଧାୟକ ନବରଙ୍ଗପୁର ଗୌରୀ ଶଙ୍କର ମାଝୀ,ମାନ୍ୟବର ବିଧାୟକ ଝରି ଗାଁ ନରସିଂହ ଭତରା ,ସାଂସଦ ପ୍ରତିନିଧି କୁଞ୍ଜ ବିହାରୀ ଦାସ , ଅତିରିକ୍ତ ଜିଲ୍ଲାପାଳ ସାଧାରଣ ତପନ କୁମାର ଖୁଣ୍ଟିଆ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବିଶ୍ଵଜିତ ବର୍ମନ୍, ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ ,ସମସ୍ତ ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ସି ଡି ଓ,ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ ଅତିଥି ମାନଙ୍କୁ ସ୍ୱାଗତ କରିଥିଲେ ।ମାନ୍ୟବର ମନ୍ତ୍ରୀ ଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧନା କରାଯାଇଥିଲା। ଗୃହରେ ସ୍ୱାସ୍ଥ୍ୟ,ଖଣି,ପରିବହନ, ପାନୀୟ ଜଳ, ଯୋଗାଣ,ସାମାଜିକ ସୁରକ୍ଷା,ସମାଜ କଲ୍ୟାଣ,ଶିଳ୍ପ,ଶ୍ରମ, ଦକ୍ଷତା ବିକାଶ,ଜିଲ୍ଲା ପରିଷଦ ବିଭାଗର ବର୍ଷ ପୂର୍ତ୍ତି ମଧ୍ୟରେ ନିଆଯାଇଥିବା ପଦକ୍ଷେପ ଓ ଯୋଜନା ପ୍ରଣୟନ ଉପରେ ବିଭିନ୍ନ ତଥ୍ୟ ପି ପି ଟି ମାଧ୍ୟମରେ ମାନ୍ୟବର ମନ୍ତ୍ରୀ ଅବଗତ ହୋଇଥିଲେ ।ନୂତନ ମଣ୍ଡେଇ ପଡିଆରେ ଆୟୋଜିତ ହେବାକୁ ଥିବା ବିକାଶ ମେଳାରେ ବିଭିନ୍ନ ବିଭାଗୀୟ ଷ୍ଟଲ୍,ଖାଦ୍ୟ ଉତ୍ସବ ଓ ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା, ସାଂସ୍କୃତିକ କାର୍ଯ୍ୟକ୍ରମ,ଗ୍ରାମାଞ୍ଚଳ ରୁ ବ୍ଲକ ଓ ସହରା□ଳ ରେ ବିକାଶ ବାହନ ଯାତ୍ରା ଦ୍ୱାରା ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ର ବିଶେଷ ପ୍ରଚାର ପ୍ରସାର ,ବିଭିନ୍ନ ବିଭାଗୀୟ ଅଧିକାରୀ ମାନଙ୍କୁ ଶାନ୍ତି ଶୃଙ୍ଖଳା,ପାର୍କିଂ,ମାଜିଷ୍ଟ୍ରେଟ ଦାୟିତ୍ୱ ଶୌଚାଳୟ, ପାନୀୟ ଜଳ, ପରିମଳ,ଅଗ୍ନିଶମ ନିରାପତ୍ତା,ଷ୍ଟଲ୍ ,ସାଂସ୍କୃତିକ କାର୍ଯ୍ୟକ୍ରମ,ପଡିଆ ସଫେଇ,ବିଶେଷ ପ୍ରଚାର ପ୍ରସାର,ମିଡିଆ,ସୁଭଦ୍ରା ଶକ୍ତି ପାରମ୍ପାରିକ ଖାଦ୍ୟ ପ୍ରତିଯୋଗିତା, ଷ୍ଟେଜ,ଅତିଥି ସ୍ୱାଗତ,ବିଦ୍ୟୁତ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା ଉପରେ ଦାୟିତ୍ୱ ନ୍ୟସ୍ତ କରାଯାଇ ଏହାର ସଫଳ ରୂପାୟନ ପାଇଁ ବିଶେଷ ପଦକ୍ଷେପ ନେବାକୁ ମାନ୍ୟବର ମନ୍ତ୍ରୀ ଜିଲ୍ଲା ପ୍ରଶାସନ କୁ ନିର୍ଦ୍ଦେଶ ଦେଇଥିଲେ ।ବିଭାଗୀୟ ଷ୍ଟଲ୍ ମାଧ୍ୟମରେ ରାଜ୍ୟ ସରକାରଙ୍କ ଦ୍ୱାରା ନିଆଯାଇଥିବା ପଦକ୍ଷେପ କୁ ସଫଳ ଭାବରେ ପ୍ରଦର୍ଶନ ପାଇଁ ବିଶେଷ ଗୁରୁତ୍ୱ ଦେଇ କାର୍ଯ୍ୟ ଆରମ୍ଭ କରିବାକୁ ବିଭାଗିୟ ଅଧିକାରୀ ଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାରେ ବିଭିନ୍ନ ଷ୍ଟାର୍ଟଅପ ଉଦ୍ୟୋଗୀ ଏବଂ ଶିଳ୍ପ ଉଦ୍ୟୋଗୀ ଙ୍କୁ ଉତ୍ସାହିତ ,ସ୍ୱାଧୀନତା ସଂଗ୍ରାମୀ ଙ୍କ ସ୍ମୃତି ଓ କାର୍ଯ୍ୟ , ବିଶିଷ୍ଟ ଖେଳାଳି, ସାହିତ୍ୟିକ,କଳାକାର ଉପରେ ବିଶେଷ ଧାରଣା,ବିଭାଗୀୟ ସଫଳ କାହାଣୀର ପ୍ରଦର୍ଶନ, ଜିଲ୍ଲାରେ ପର୍ଯ୍ୟଟନ ସ୍ଥଳୀ ର ବିକାଶ ଓ ଇକୋ ଟୁରିଜମ ,ସଡ଼କ ସୁରକ୍ଷା ଓ ଶୁନ ଦୁର୍ଘଟନା ଦିବସ,ମକା ପ୍ରକ୍ରିୟାକରଣ ଓ ଆନୁଷଙ୍ଗିକ ଶିଳ୍ପ ର ବିକାଶ,ଆଦର୍ଶ ଥାନା,ପୋଷଣ, ଗୋଦାବରିଶ ମିଶ୍ର ଆଦର୍ଶ ବିଦ୍ୟାଳୟ ଉପରେ ଗୁରୁତ୍ୱ ଦେଇ ମାନ୍ୟବର ମନ୍ତ୍ରୀ କହିଥିଲେ। ମାନ୍ୟବର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଜିଲ୍ଲାରେ ବିଭାଗୀୟ ବିଭିନ୍ନ ଯୋଜନା ର ପ୍ରଣୟନ ଓ ହିତାଧିକାରୀ ମାନଙ୍କୁ ପହଞ୍ଚିଥିବା ସହାୟତା,ବିକାଶ ମୂଳକ କାର୍ଯ୍ୟକ୍ରମର ବିକାଶ ମେଳା ରେ ସଫଳ ପ୍ରଦର୍ଶନ ଓ ପ୍ରଚାର ପ୍ରସାର ପାଇଁ ପଦକ୍ଷେପ ନେବାକୁ ଜିଲ୍ଲା ପ୍ରଶାସନ କୁ କହିଥିଲେ ।ବିକାଶ ମେଳା ରେ ମୋଟ ବିଭାଗୀୟ ଷ୍ଟଲ୍ ୩୬ ଏବଂ ପାରମ୍ପରିକ ଖାଦ୍ୟ ଷ୍ଟଲ ୨୫ ଏଭଳି ୬୧ ଟି ଷ୍ଟଲ ର ଆୟୋଜନ କରାଯାଉଛି ।ଶେଷରେ ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ଖୁଣ୍ଟିଆ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ସୁଟକେସ୍‌ରୁ ମିଳିଲା ୯ ବର୍ଷର ନାବାଳିକାଙ୍କ ମୃତଦେହ

ନୂଆଦିଲ୍ଲୀ : ରାଜଧାନୀ ଦିଲ୍ଲୀରେ ପୁଣି ଥରେ ଏକ ଅତ୍ୟନ୍ତ ଲଜ୍ଜାଜନକ ଘଟଣା ଘଟିଛି। ଉତ୍ତର ପୂର୍ବ ଦିଲ୍ଲୀର ଦୟାଲପୁର ଥାନା ଅନ୍ତର୍ଗତ ନେହେରୁ ବିହାରରେ ଜଣେ ୯ ବର୍ଷୀୟ ନାବାଳିକାଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଛି। ଏକ ବନ୍ଦ ଘର ଭିତରୁ ଏକ ସୁଟକେସରେ ନାବାଳିକାଙ୍କ ମୃତଦେହ ଉଦ୍ଧାର କରାଯାଇଛି। ସୂଚନା ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ନିଜ ହେପାଜତକୁ ନେଇ ପୋଷ୍ଟମର୍ଟମ ପାଇଁ ପଠାଇଛି। ଘଟଣାଟି ଶନିବାର ରାତି ପ୍ରାୟ ୮.୪୫ରେ ଘଟିଥିଲା। ତେବେ ଝିଅଟିକୁ ଅନ୍ୟ କୌଣସି ସ୍ଥାନରେ ବଳାତ୍କାର ପରେ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି। ପରେ ମୃତଦେହକୁ ଏହି ବନ୍ଦ ଘରେ ପୋତି ଦିଆଯାଇଥିଲା। ଦିଲ୍ଲୀ ପୋଲିସର କହିବା ଅନୁଯାୟୀ, ଝିଅଟିର ମୃତଦେହ ତାଙ୍କ ପଡ଼ୋଶୀଙ୍କ ଏକ ବନ୍ଦ ଘର ଭିତରୁ ମିଳିଥିଲା। ଏପରି ପରିସ୍ଥିତିରେ ଏଭଳି ନିର୍ମମ କାଣ୍ଡ ପଡ଼ୋଶୀ କରିଥିବା ସନ୍ଦେହ କରାଯାଉଛି। ଧରାପଡ଼ିବା ଭୟରେ ସେ ଝିଅଟିର ଗଳାକାଟି ହତ୍ୟା କରିଛନ୍ତି। ପରେ ସେ ମୃତଦେହକୁ ସୁଟକେସରେ ବନ୍ଦ କରି ଏହି ଘରେ ପୋତି ଦେବାକୁ ଚେଷ୍ଟା କରିଥିଲେ। ତେବେ ଝିଅଟିର ମୃତଦେହ ତାଙ୍କ ବାପା ପାଇଥିଲେ। ସେ ନିଜେ ତାଙ୍କୁ ଜେପିସି ହସ୍ପିଟାଲକୁ ନେଇଥିଲେ, ଯେଉଁଠାରେ ଡାକ୍ତରମାନେ ତାଙ୍କୁ ମୃତ ଘୋଷଣା କରିଥିଲେ।

ପୋଲିସର ସୂଚନା ଅନୁଯାୟୀ, ଶନିବାର ସାରୁ ନାବାଳିକା ନିଖୋଜ ଥିଲେ। ପରିବାରଲୋକେ ତାଙ୍କୁ ଖୋଜିବା ସମୟରେ ନିକଟସ୍ଥ ଖାଲି ଘରେ ଏକ ସନ୍ଦେହଜନକ ସୁଟକେସ ଦେଖିଥିଲେ। ଯେତେବେଳେ ସେମାନେ ଏହାକୁ ଖୋଲିଥିଲେ, ଝିଅଟି ଭିତରେ ଭର୍ତ୍ତି ହୋଇଥିବା ଦେଖିଥିଲେ। ସେହି ସମୟରେ ନାବାଳିକାଜଣଙ୍କ ଅଚେତ ଥିଲେ। ତାଙ୍କ ମୁହଁରେ ଗଭୀର ଆଘାତ ଚିହ୍ନ ଥିଲା। ତାଙ୍କୁ ତୁରନ୍ତ ଜେପିସି ହସ୍ପିଟାଲକୁ ନିଆଯାଇଥିଲା, କିନ୍ତୁ ଡାକ୍ତରମାନେ ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଝିଅଟିର ମୃତଦେହକୁ ହେପାଜତକୁ ନେଇ ଗୁରୁ ତେଗ ବାହାଦୁର ହସ୍ପିଟାଲର ମର୍ଚ୍ଚୁଆରୀରେ ସୁରକ୍ଷିତ ଭାବରେ ରଖିଛି। ଏହି ସମ୍ପର୍କରେ, ନାବାଳିକାଙ୍କ ବାପାଙ୍କ ଅଭିଯୋଗ କ୍ରମେ, ଦୟାଲପୁର ପୋଲିସ ପକ୍ସୋ ଆଇନ ଏବଂ ଅନ୍ୟାନ୍ୟ ସମ୍ବନ୍ଧିତ ଧାରା ଅନୁଯାୟୀ ଅଜ୍ଞାତ ବ୍ୟକ୍ତିଙ୍କ ବିରୁଦ୍ଧରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଖୋଜିବା ଆରମ୍ଭ କରିଛି। ପୋଲିସ ଘଟଣାର ତଦନ୍ତ ପାଇଁ ଟିମ୍ ? ଗଠନ କରିବା ବ୍ୟତୀତ ଘଟଣାସ୍ଥଳ ଚାରିପାଖରେ ଲାଗିଥିବା ସିସିଟିଭି ଯାଞ୍ଚ କରୁଛି।

## ଦିଲ୍ଲୀ-ଏନସିଆରରେ ପୁଣି ଭୂକମ୍ପର ଝଟକା

ଦିଲ୍ଲୀ : ଦିଲ୍ଲୀ-ଏନସିଆରରେ ଅନୁଭୂତ ହୋଇଛି ଭୂକମ୍ପର ଝଟକା । ଭୂକମ୍ପର ତୀବ୍ରତା ୨.୩ । ଶନିବାର ବିଳମ୍ବିତ ରାତିରେ ଭୂକମ୍ପ ହୋଇଥିବା ସୂଚନା ମିଳିଛି । ଭୂକମ୍ପର କେନ୍ଦ୍ରସ୍ଥଳ ୫ କିଲୋମିଟର ଗଭୀରତାରେ ବୋଲି ଜଣାପଡିଛି । ବିଳମ୍ବିତ ରାତିରେ ଭୂକମ୍ପ ଅନୁଭୂତ ହୋଇଥିବା କାରଣରୁ ଲୋକ ନିଦରୁ ଉଠି ଭୟରେ ଘର ବାହାରକୁ ଦୌଡିଥିଲେ । ବାରମ୍ବାର ଭୂକମ୍ପ ଲୋକଙ୍କ ଚିନ୍ତାକୁ ବଢାଇ ଦେଇଛି । କିଛି ଦିନ ପୂର୍ବରୁ ଦିଲ୍ଲୀ ଏନସିଆରରେ ଭୂମିକମ୍ପର ବଡ଼ ଧରଣର ଝଟକା ଅନୁଭୂତ ହୋଇଥିଲା । ରିକ୍ଟର ସ୍କେଲରେ ତୀବ୍ରତା ଥିଲା ୪.୦ । ଧୋଲାକୁଆଁ ନିକଟରେ ଥିଲା ଭୂକମ୍ପର କେନ୍ଦ୍ରସ୍ଥଳ । ସକାଳ ୫ଟା ୩୫ରେ ଭୂକମ୍ପ ହୋଇଥିଲା । ନୋଏଡ଼ା, ଫରିଦାବାଦ, ରୋହତକ ଓ ଗୁରୁଗ୍ରାମରେ ଭୂକମ୍ପ ହୋଇଥିଲା । ଦିଲ୍ଲୀ ସମେତ ୟୁପି ଓ ହରିୟାଣାରେ ମଧ୍ୟ ଭୂକମ୍ପ ଝଟକା ଅନୁଭୂତ ହୋଇଥିଲା । ଭୟଭୀତ ହୋଇ ଘରୁ ବାହାରକୁ ବାହାରି ଯାଇଥିଲେ ଲୋକ । କିନ୍ତୁ କୌଣସି କ୍ଷୟକ୍ଷତିର ସୂଚନା ନଥିଲା । ଅନ୍ୟପଟେ ଭାରତରେ ଦିଲ୍ଲୀର ଭୂକମ୍ପ କ୍ଷେତ୍ର ଓଠ ରେ ରଖାଯାଇଛି । ଯାହା ବିପଦର ଦ୍ୱିତୀୟ ସ୍ଥାନରେ ରହିଛି ବୋଲି କୁହାଯାଉଛି ।

## ମଣିପୁରର ୫ଟି ଜିଲ୍ଲାରେ ଇଣ୍ଟରନେଟ୍ ସେବା ବନ୍ଦ

ମଣିପୁର : ମଣିପୁରର ୫ଟି ଜିଲ୍ଲାରେ ଇଣ୍ଟରନେଟ୍ ସେବା ବନ୍ଦ । ଗତକାଲି ରାତି ପ୍ରାୟ ୧୧.୪୫ରୁ ସମସ୍ତ ଇଣ୍ଟରନେଟ୍ ସେବାକୁ ବିଚ୍ଛିନ୍ନ କରିଦିଆଯାଇଛି । ଆରାମ୍ବାଇ ତେଙ୍ଗଗୋଲ ନାମକ ମୈତେଇ ନେତାଙ୍କ ଗିରଫ ପରେ ଉତ୍ତେଜନା ପ୍ରକାଶ ପାଇଥିବା ଜଣାପଡିଛି । ତେଣୁ ଏପରି ପରିସ୍ଥିତିକୁ ଦୃଷ୍ଟିରେ ରଖି ଗୃହ ବିଭାଗର ସଚିବ ଏନ୍ ଅଶୋକ କୁମାର ଏହି ନିଷ୍ପତ୍ତି ଜାରି କରିଛନ୍ତି । ସୂଚନାନୁଯାୟୀ, ସୋସିଆଲ ମିଡିଆ ମାଧ୍ୟମରେ ପୁଣି ଅଶାନ୍ତ ମଣିପୁର । ମଣିପୁରର ଇମ୍ଫାଲ ପଶ୍ଚିମ, ଇମ୍ଫାଲ ପୂର୍ବ, ଥୌବାଲ, ବିଷ୍ଣୁପୁର ଏବଂ କକଚିଙ୍ଗ ଇଣ୍ଟରନେଟ୍ ସେବାରୁ ବଞ୍ଚିତ ରହିଛନ୍ତି । କାରଣ ମୈତେଇ ନେତାଙ୍କୁ ଗିରଫ ପରେ ମଣିପୁରରେ ସ୍ଥିତି ବିଗିଡ଼ି ଯାଇଛି । ଯାହା ପରେ ଲୋକମାନେ ପ୍ରତିବାଦ କରିବାକୁ ଯାଇ ରାସ୍ତାରେ ଟାୟାର ଏବଂ ପୁରୁଣା ଫର୍ଣ୍ଣିଚର ଜାଳି ଉତ୍ତେଜନାକୁ ବଢାଇଥିଲେ । ଏଥି ସହିତ ଗିରଫ ନେତାଙ୍କୁ ଛାଡିଦେବାକୁ ମଧ୍ୟ ଦାବି କରିଥିଲେ । ବିଷ୍ଣୁପୁର ଜିଲ୍ଲାରେ ଉତ୍ତେଜନା ବଢିବାରୁ ଏପରି ଘୋଷଣା କରାଯାଇଛି । ବର୍ତ୍ତମାନ ବିଷ୍ଣୁପୁରରେ କର୍ଫ୍ୟୁ ଜାରି ହୋଇଛି । ପରିସ୍ଥିତି ନିୟନ୍ତ୍ରଣ କରିବା ପାଇଁ ଶନିବାର ରାତିରେ ଇଣ୍ଟରନେଟ୍ ଓ ମୋବାଇଲ ଡାଟା ସେବା ବାତିଲ କରାଯାଇଛି । ତେଣୁ ସୁରକ୍ଷା ଦୃଷ୍ଟିରୁ କର୍ଫ୍ୟୁ ଜାରି ହେବା ସହ ଇଣ୍ଟରନେଟ ଓ ମୋବାଇଲ ଡାଟା ସେବାକୁ ୫ ଦିନିଆ ସସପେଣ୍ଡ କରାଯାଇଛି । ଏହା ବ୍ୟତୀତ ଲାଗୁ ହୋଇଥିବା ନିର୍ଦ୍ଦେଶକୁ ଉଲ୍ଲଂଘନ କରିଲେ ଲୋକଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମଧ୍ୟ ପ୍ରଶାସନ ସ୍ପଷ୍ଟ କରିଛି । ଅନ୍ୟପଟେ ପୋଲିସ ମଧ୍ୟ ଗିରଫ ବ୍ୟକ୍ତିଙ୍କ ସମ୍ପର୍କରେ କୌଣସି କଥା ସ୍ପଷ୍ଟ କରିନାହିଁ ।

# ଗତ ୭ ବର୍ଷରେ ୨୨୬ ମିଲିୟନ ଭାରତୀୟ ଦାରିଦ୍ର୍ୟରୁ ମୁକ୍ତ

ନୂଆଦିଲ୍ଲୀ : ଭାରତ ଗତ ୭ ବର୍ଷ ମଧ୍ୟରେ ଦାରିଦ୍ର୍ୟ ନିର୍ମୂଳନ କ୍ଷେତ୍ରରେ ଏକ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ବିଶ୍ୱ ବ୍ୟାଙ୍କର ସାମ୍ପ୍ରତିକ ରିପୋର୍ଟ ଅନୁଯାୟୀ, ୨୦୧୫-୧୬ ରୁ ୨୦୨୨-୨୩ ମଧ୍ୟରେ ପ୍ରାୟ ୨୨୬ ମିଲିୟନ ଭାରତୀୟ ଅତି ଦାରିଦ୍ର୍ୟରୁ ମୁକ୍ତି ପାଇଛନ୍ତି। ଏହି ଅଭୂତପୂର୍ବ ସଫଳତା ଭାରତର ଅନ୍ତର୍ଭୁକ୍ତିକରଣ ନୀତି, ଅର୍ଥନୈତିକ ସଂସ୍କାର ଏବଂ ଜନକଲ୍ୟାଣକାରୀ ଯୋଜନାଗୁଡ଼ିକର ଫଳାଫଳ ବୋଲି ବିଶ୍ୱ ବ୍ୟାଙ୍କ ଉଲ୍ଲେଖ କରିଛି। ବିଶ୍ୱ ବ୍ୟାଙ୍କର ତଥ୍ୟ ଅନୁସାରେ, ୨୦୧୧-୧୨ରେ ଭାରତରେ ଅତି ଦାରିଦ୍ର୍ୟରେ ଥିବା ଲୋକଙ୍କ ହାର ୨୭.୧% ଥିବାବେଳେ, ୨୦୨୨-୨୩ ସୁଦ୍ଧା ଏହା ୫.୩%କୁ ହ୍ରାସ ପାଇଛି। ଏହା ମାନେ ପ୍ରାୟ ୨୬୯ ମିଲିୟନ ଲୋକ ଅତି ଦାରିଦ୍ର୍ୟ ସୀମାରୁ ଉପରକୁ ଉଠିଛନ୍ତି। ବିଶ୍ୱ ବ୍ୟାଙ୍କ ଅତି ଦାରିଦ୍ର୍ୟକୁ ଦୈନିକ



୨.୧୫ ଆମେରିକୀୟ ଡଲାର (ପ୍ରାୟ ୧୮୧ ଟଙ୍କା) ରୁ କମ ଆୟରେ ଜୀବନଯାପନ କରୁଥିବା ବ୍ୟକ୍ତି ଭାବେ ବ୍ୟାଖ୍ୟା କରିଛି। ୨୦୨୧ ପର୍ଚେସିଂ ପାୱାର ପାରିଟି (ପିପିପି) ଆଧାରରେ ନୂତନ ମାନଦଣ୍ଡ ସହିତ ଏହି ଗଣନା କରାଯାଇଛି। ଏହି ରିପୋର୍ଟ ଅନୁଯାୟୀ, ଗ୍ରାମାଞ୍ଚଳରେ ଅତି ଦାରିଦ୍ର୍ୟ ହାର ୧୮.୪% ରୁ ୨.୮% ଏବଂ ସହରାଞ୍ଚଳରେ ୧୦.୭% ରୁ ୧.୧% କୁ ହ୍ରାସ ପାଇଛି। ଗ୍ରାମୀଣ-ସହରୀ ଦାରିଦ୍ର୍ୟ ବ୍ୟବଧାନ ମଧ୍ୟ ୭.୭ ପ୍ରତିଶତ ପଏଣ୍ଟରୁ ୧.୭ ପ୍ରତିଶତ ପଏଣ୍ଟକୁ କମିଛି, ଯାହା ବାର୍ଷିକ ୧୬% ହ୍ରାସକୁ ସୂଚାଇଛି। ଉତ୍ତର ପ୍ରଦେଶ, ମହାରାଷ୍ଟ୍ର, ବିହାର, ପଶ୍ଚିମବଙ୍ଗ ଓ ମଧ୍ୟପ୍ରଦେଶ ପରି ରାଜ୍ୟଗୁଡ଼ିକ ଏହି ଦାରିଦ୍ର୍ୟ ହ୍ରାସରେ ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି, ଯେଉଁମାନେ ୨୦୧୧-୧୨ରେ ଦେଶର ୬୫% ଅତି ଗରିବଙ୍କୁ ପ୍ରତିନିଧିତ୍ୱ କରୁଥିଲେ। ବିଶ୍ୱ ବ୍ୟାଙ୍କର ବହୁମୁଖୀ ଦାରିଦ୍ର୍ୟ ସୂଚକାଙ୍କ (ଏମପିଆଇ) ଅନୁଯାୟୀ, ସ୍ୱାସ୍ଥ୍ୟ, ଶିକ୍ଷା ଓ ଜୀବନଧାରଣରେ ଉନ୍ନତି ଦେଖାଯାଇଛି। ୨୦୦୫-୦୬ରେ ଭାରତରେ ୫୩.୮% ଲୋକ ବହୁମୁଖୀ ଦାରିଦ୍ର୍ୟରେ ଥିବାବେଳେ, ୨୦୧୯-୨୧ ସୁଦ୍ଧା ଏହା ୧୬.୪% ଏବଂ ୨୦୨୨-୨୩ରେ ୧୫.୫% କୁ ହ୍ରାସ ପାଇଛି। ସ୍ୱାସ୍ଥ୍ୟ ସେବା, ଶିକ୍ଷା, ସ୍ୱଚ୍ଛ ପାନୀୟ ଜଳ, ସଫାଇ ଏବଂ ବିଦ୍ୟୁତ ପରି ମୌଳିକ ସୁବିଧାରେ ନମନୀୟ ଉନ୍ନତି ହୋଇଛି। ଉଦାହରଣ ସ୍ୱରୂପ, ଗ୍ରାମାଞ୍ଚଳରେ ନଳକୂଅ ଜଳ ସୁବିଧା ୨୦୧୯ରେ ୧୬.୮% ଥିବାବେଳେ ବର୍ତ୍ତମାନ ୭୪.୭% ହୋଇଛି। ଏହି ସଫଳତାରେ ସରକାରୀ ଯୋଜନା ଯେମିତି ସ୍ୱଚ୍ଛ ଭାରତ ଅଭିଯାନ, ଉଜ୍ଜ୍ୱଳା ଯୋଜନା, ଆୟୁଷ୍ମାନ ଭାରତ ଏବଂ ଆକାଂକ୍ଷୀ ଜିଲ୍ଲା କାର୍ଯ୍ୟକ୍ରମ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଏହି ଯୋଜନାଗୁଡ଼ିକ ମାଧ୍ୟମରେ ସଫାଇ, ବିଦ୍ୟୁତ, ରୋଷେଇ ଇନ୍ଧନ ଏବଂ ସ୍ୱାସ୍ଥ୍ୟ ସେବାରେ ଉନ୍ନତି ହୋଇଛି। ଏହାସହ, ମହିଳା ଓ ଗ୍ରାମୀଣ କର୍ମଚାରୀଙ୍କ ମଧ୍ୟରେ ସ୍ୱନିଯୁକ୍ତିର ବୃଦ୍ଧି ଅର୍ଥନୈତିକ ଅଂଶଗ୍ରହଣକୁ ବୃଦ୍ଧି କରିଛି। ଯଦିଓ ଭାରତ ଦାରିଦ୍ର୍ୟ ହ୍ରାସରେ ବଡ଼ ସଫଳତା ହାସଲ କରିଛି, ତଥାପି ପ୍ରାୟ ୧୨୯ ମିଲିୟନ ଲୋକ ୨୦୨୪ରେ ଅତି ଦାରିଦ୍ର୍ୟରେ ରହୁଛନ୍ତି। ଏହାସହ, ମଧ୍ୟମ-ଆୟ ଦେଶଗୁଡ଼ିକ ପାଇଁ ଦୈନିକ ୬.୮୫ ଡଲାର ସୀମାରେ ଅଧିକ ସଂଖ୍ୟକ ଲୋକ ଦାରିଦ୍ର୍ୟ ସୀମାରେ ଅଛନ୍ତି। କୋଭିଡ-୧୯ ମହାମାରୀ ଏବଂ ବୃଦ୍ଧି ପାଉଥିବା ଖାଦ୍ୟ ଓ ଶକ୍ତି ମୂଲ୍ୟ ଦାରିଦ୍ର୍ୟ ନିର୍ମୂଳନରେ ଆହ୍ୱାନ ସୃଷ୍ଟି କରୁଛି।

## ୨୦୨୬ରେ ତାମିଲନାଡୁରେ ସରକାର କରିବ ବିଜେପି: ଅମିତ ଶାହ

୨୦୨୬ ବିଧାନସଭା ନିର୍ବାଚନ ପରେ ତାମିଲନାଡୁରେ ସରକାର ଗଠନ କରିବ ବିଜେପି ନେତୃତ୍ୱାଧୀନ ମେଣ୍ଟ। ତାମିଲନାଡୁ ଗସ୍ତରେ ଯାଇ ମଦୁରାଇରେ ଉଦ୍ ?ବୋଧନ ଦେବା ଅବସରରେ ଏମିତି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହ। ସେ କହିଥିଲେ, ଦୁର୍ନୀତିରେ ବୁଡ଼ି ରହିଥିବା ଡିଏମ୍ ?କେକୁ କ୍ଷମତାଚ୍ୟୁତ କରିବା ପାଇଁ ତାମିଲନାଡୁର ଲୋକେ ଅପେକ୍ଷା କରି ରହିଛନ୍ତି। ୨୦୨୬ରେ ବିଜେପି ନିଶ୍ଚିତ ତାମିଲନାଡୁରେ ଶାସନ କରିବ। ତାମିଲନାଡୁ ସହିତ ପଶ୍ଚିମବଙ୍ଗରେ ମଧ୍ୟ ସରକାର ଗଠନ କରିବ ବିଜେପି। ମୋ ଆଖି ଓ କାନ ତାମିଲନାଡୁ ଉପରେ କେନ୍ଦ୍ରିତ ରହିଛି। ଅମିତ ଶାହ କହିଥିଲେ, ଡିଏମ୍ ?କେ ଗତ ବିଧାନସଭା ନିର୍ବାଚନ ବେଳେ ଯେତେ ସବୁ ପ୍ରତିଶ୍ରୁତି ଦେଇଥିଲା, ସେଥିରୁ ୧୦% ବି ପୂରଣ କରିନାହିଁ। ବିଷାକ୍ତ ମଦମୃତ୍ୟୁ ଠାରୁ ଆରମ୍ଭ କରି ଟିଏଏସ୍ ?ଏମ୍ ?ଏସିରେ ହୋଇଥିବା ୩୯ ହଜାର କୋଟି ଟଙ୍କାର ଦୁର୍ନୀତି ପର୍ଯ୍ୟନ୍ତ ସବୁ କଥାଗୁଡ଼ିକୁ ଦେଖିଲେ, ଏହା କୁହାଯାଇପାରିବ ଯେ ଡିଏମ୍ ?କେ ସରକାର ଶତ ପ୍ରତିଶତ ବିଫଳ ହୋଇଛନ୍ତି। ଷ୍ଟାଲିନଙ୍କ ନେତୃତ୍ୱାଧୀନ ସରକାର କେନ୍ଦ୍ର ସରକାର ଦେଉଥିବା ପାଣ୍ଠିର ସଠିକ୍ ବିନିଯୋଗ କରୁନାହାନ୍ତି। କେନ୍ଦ୍ର ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ



ଯୋଜନାଗୁଡ଼ିକୁ କାର୍ଯ୍ୟକାରୀ କରିବାରେ ବିଫଳ ହୋଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯେଉଁ ପାଣ୍ଠି ଦେଉଛନ୍ତି, ତାହା ତାମିଲନାଡୁର ଲୋକଙ୍କ ନିକଟରେ ପହଞ୍ଚୁ ନାହିଁ। ସେହି ପାଣ୍ଠିକୁ ଡିଏମ୍ ?କେ ଅଲଗା ବାଟରେ ଖର୍ଚ୍ଚ କରୁଛି ବୋଲି ସେ କହିଥିଲେ। ୨୦୨୬ ତାମିଲନାଡୁ ବିଧାନସଭା ନିର୍ବାଚନରେ ଏକ ବଡ଼ ଲଢ଼େଇ ହେବ ବୋଲି କହି ଶ୍ରୀ ଶାହ କହିଥିଲେ, ଏହା ସମସ୍ତ ବିଜେପି କର୍ମୀଙ୍କ ପାଇଁ ବଡ଼ ଆହ୍ୱାନ ହେବ। ଏଥିପାଇଁ ଆମକୁ ପ୍ରସ୍ତୁତ ହେବାକୁ ପଡ଼ିବ। ଏହି ଅବସରରେ ସେ ଓଡ଼ିଶା, ଦିଲ୍ଲୀ ଓ ହରିୟାଣାର ଉଦାହରଣ ଦେଇଥିଲେ। ଦିଲ୍ଲୀରେ ଦଳ ୨୬ ବର୍ଷ ପରେ କ୍ଷମତାକୁ ଫେରିଥିବା ବେଳେ ୨୦୨୪ରେ ଓଡ଼ିଶାରେ ଦଳ ପ୍ରଥମ ଥର ପାଇଁ ଏକାକୀ ସରକାର ଗଢ଼ିବାକୁ ସମର୍ଥନ ହୋଇଛି। ସେହିଭଳି ମୋଦିଙ୍କ ନେତୃତ୍ୱରେ ହରିୟାଣାରେ ଦଳ ଲଗାତାର ଜିତି ପୁଣି ଶାସନ ଭାର ସମ୍ଭାଳିବାରେ ସଫଳ ହୋଇଛି। ଅନ୍ୟପକ୍ଷରେ ଅମିତ ଶାହଙ୍କ ସ୍ୱପ୍ନ ପୂରଣ ହୋଇପାରିବନି ବୋଲି କହିଛି ଡିଏମ୍ ?କେ। ଦଳର ମୁଖ୍ୟପାତ୍ର ଡକ୍ଟର ସୟିଦ ହଫିଜୁଲ୍ଲା କହିଛନ୍ତି, ବିଜେପି ହୁଏତ ଆମେରିକାରେ ନିର୍ବାଚନ ଜିତିବାର କିଞ୍ଚିତ ସମ୍ଭାବନା ଥାଇପାରେ, କିନ୍ତୁ ତାମିଲନାଡୁରେ ଆଦୌ ନୁହେଁ। ବିଜେପି କଳ୍ପନା ରାଜ୍ୟରେ ରହି ୩୯ ହଜାର କୋଟି ଟଙ୍କାର ଦୁର୍ନୀତି କଥା କହୁଛି। ସୂଚନାଯୋଗ୍ୟ, ତାମିଲନାଡୁରେ ଦଳର ରାଜ୍ୟ ସଭାପତି ବଦଳିବା ପରେ ଓ ଏଆଇଏଡିଏମ୍ ?କେ ସହିତ ମେଣ୍ଟ ହେବା ପରେ ଏହା ହେଉଛି ଅମିତ ଶାହଙ୍କର ସେଠାକୁ ଦ୍ୱିତୀୟ ଗସ୍ତ। କେ ଆନ୍ନାମଲାଇଙ୍କ ସ୍ଥାନରେ ସେଠାରେ ଏନ୍ ? ନଗେନ୍ଦ୍ରନଙ୍କୁ କରାଯାଇଛି ବିଜେପି ସଭାପତି।

## ଆମେରିକା ନିୟନ୍ତ୍ରଣରେ ପାକିସ୍ତାନର ନୁର ଖାନ ବିମାନ ଘାଟି

ଆମେରିକା ନିୟନ୍ତ୍ରଣରେ ପାକିସ୍ତାନର ନୁର ଖାନ ବିମାନ ଘାଟି । ସେନା ଅଧିକାରୀମାନଙ୍କୁ ମଧ୍ୟ ପ୍ରବେଶ ନିଷେଧ । ପାକିସ୍ତାନର ଜଣେ ସୁରକ୍ଷା ବିଶେଷଜ୍ଞ ଏଭଳି ଦାବି କରିଛନ୍ତି । ସେ କହିଛନ୍ତି, ନୁର ଖାନ ବିମାନ ଘାଟି ବର୍ତ୍ତମାନ ଆମେରିକାର ନିୟନ୍ତ୍ରଣାଧୀନ ରହିଛି । ଏବଂ ଏହା ଏତେ ଗୁପ୍ତ ଯେ ପାକିସ୍ତାନ ସେନା ଅଧିକାରୀମାନଙ୍କୁ ମଧ୍ୟ ଏଥିରେ ପ୍ରବେଶ ଅନୁମତି ଦିଆଯାଉ ନାହିଁ । ସୁରକ୍ଷା ବିଶେଷଜ୍ଞ ଇମତିଆଜ ଗୁଲ କହିଛନ୍ତି, ନୁର ଖାନ ଏୟାର ବେସରେ ଅଧିକାଂଶ ସମୟରେ ଆମେରିକାର ଏୟାରକ୍ରାଫ୍ଟ ଦେଖିବାକୁ ମିଳେ। ପାକିସ୍ତାନ ରାୱଲପିଣ୍ଡି ନିକଟରେ ଅବସ୍ଥିତ ନୂର ଖାନ୍ ବିମାନ ଘାଟି । ଭାରତୀୟ ବାୟୁସେନା ଅପରେସନ ସିନ୍ଦୂର ସମୟରେ ନୁର ଖାନ ଏୟାରବେସକୁ ଟାର୍ଗେଟ କରିଥିବା ଜଣାପଡ଼ିଛି । ଏହା ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ଏକ




ପ୍ରତିଶୋଧମୂଳକ ଆକ୍ରମଣ ଥିଲା । ଏହି ଅପରେସନ ଏୟାରବେସକୁ କ୍ଷତି ପହଞ୍ଚାଇଥିଲା, ଯାହା ଆଞ୍ଚଳିକ ସୁରକ୍ଷାରେ ଏହାର ଗୁରୁତ୍ୱକୁ ସ୍ପଷ୍ଟ କରିଥିଲା । ନୁର ଖାନକୁ ଟାର୍ଗେଟ କରିବାର ନିଷ୍ପତ୍ତି ରଣନୈତିକ ଏବଂ ପ୍ରତୀକାତ୍ମକ ମୂଲ୍ୟ ଉଭୟ ରଖିଥିଲା, କାରଣ ଏହି ଘାଟି କେବଳ ଏକ ପ୍ରମୁଖ ସାମରିକ ସମ୍ପତ୍ତି ନୁହେଁ ବରଂ ପାକିସ୍ତାନ ସେନାର ମୁଖ୍ୟ କମାଣ୍ଡ ସେଣ୍ଟର ନିକଟରେ ଅବସ୍ଥିତ । ପାକିସ୍ତାନର ଏହା ଏକ ଗୁରୁତ୍ୱପୂର୍ଣ୍ଣ ସାମରିକ କେନ୍ଦ୍ର ଭାବେ ପରିଚିତ । ବିଶେଷଜ୍ଞଙ୍କ ମତରେ, ଆମେରିକା ଏହି ଘାଟିକୁ ସାମରିକ କାର୍ଯ୍ୟକଳାପ ପାଇଁ ବ୍ୟବହାର କରୁଛି । ଯାହା ପାକିସ୍ତାନର ସାର୍ବଭୌମତ୍ୱ ଉପରେ ପ୍ରଶ୍ନ ଉଠାଇଛି । ତେବେ ଏହି ଦାବି ସଂପର୍କରେ ଅଧିକ ସ୍ପଷ୍ଟ ତଥ୍ୟ କିମ୍ବା ପାକିସ୍ତାନ ସରକାରଙ୍କ ବିବୃତ୍ତି ଏପର୍ଯ୍ୟନ୍ତ ଉପଲବ୍ଧ ହୋଇ ନାହିଁ। ଅପରେସନ୍ ସିନ୍ଦୂର ବେଳେ ନୁର ଖାନ ବିମାନ ଘାଟିକୁ ଟାର୍ଗେଟ କରିଥିଲା ଭାରତ। ମିସାଇଲ ମାଡ଼ କରି ନୁର ଖାନ ବିମାନ ଘାଟିକୁ କ୍ଷତିଗ୍ରସ୍ତ କରିଥିଲା । ଏକଥା ପାକିସ୍ତାନ ପ୍ରଧାନମନ୍ତ୍ରୀ ନିଜେ ସ୍ୱୀକାର କରିଥିଲେ ।

## ରାଷ୍ଟ୍ରପତି ଆଶାୟୀଙ୍କୁ ଗୁଳିମାଡ଼, ଅବସ୍ଥା ସଂକଟାପନ୍ନ

ନୂଆଦିଲ୍ଲୀ : କଲମ୍ବିଆର ସିନେଟର ଓ ରାଷ୍ଟ୍ରପତି ଆଶାୟୀ ମିଗୁଏଲ ଉରୀବ ତୁର୍ବେଙ୍କୁ ଶନିବାର ଅପରାହ୍ନରେ ବୋଗୋଟର ଫୋଣ୍ଟିବୋନରେ ଗୁଳି ମାଡ଼ ହୋଇଛି। ତାଙ୍କ ମୁଣ୍ଡରେ ଦୁଇଟି ଗୁଳି ବାଜିଛି। ତାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ବେଳେ ସେ ମରଣ ସହିତ ସଂଘର୍ଷ କରୁଛନ୍ତି। ଫୋଣ୍ଟିବୋନରେ ଏକ ରାଜନୀତିକ ରାଲି ବେଳେ କଲମ୍ବିଆର ଡେମୋକ୍ରାଟିକ ସେଣ୍ଟର ପାର୍ଟିର ୩୭ ବର୍ଷୀୟ ନେତା ମିଗୁଏଲ ଉରୀବ ତୁର୍ବେଙ୍କୁ ଜଣେ ୧୫ ବର୍ଷର ବାଳକ ଗୁଳି କରିଥିଲେ। ଏହି ଗୁଳିମାଡ଼ ଘଟଣାରେ ସିନେଟର ମିଗୁଏଲ ଉରୀବ ତୁର୍ବେଙ୍କୁ ମିଶାଇ ମୋଟ ୪ ଜଣ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରେ ନିଜେ ଅଭିଯୁକ୍ତ ମଧ୍ୟ ଅଛନ୍ତି। ତାଙ୍କ ଅବସ୍ଥା ସ୍ଥିର ଥିବା ବେଳେ ତାଙ୍କୁ ପୁଲିସ ନିଜ ହେପାଜତକୁ ନେଇଛି। ସେହିଭଳି ଅନ୍ୟ ଦୁଇ ଆହତଙ୍କ ମଧ୍ୟରୁ ଜଣେ ହେଉଛନ୍ତି ୨୦ ବର୍ଷୀୟ ଯୁବକ। ଚିକିତ୍ସା ପରେ ତାଙ୍କୁ ଡିସଚାର୍ଜ କରି ଦିଆଯାଇଛି। ସେହିପରି ଅନ୍ୟ ଜଣେ ୩୬ ବର୍ଷୀୟା ମହିଳାଙ୍କ ଜଙ୍ଘରେ ଗୁଳି ବାଜିଛି। ଚିକିତ୍ସା ପରେ ତାଙ୍କ ଅବସ୍ଥା ମଧ୍ୟ ସ୍ଥିର ରହିଛି। ଗୁଳିମାଡ଼ ବେଳେ ଏହି ମହିଳା ଜଣଙ୍କ ସେହି ବାଟ ଦେଇ ଯାଉଥିଲେ ଓ ତାଙ୍କ ଦେହରେ ଗୁଳି ବାଜିଥିଲା। ମିଗୁଏଲ ଉରୀବ ତୁର୍ବେଙ୍କ ଜେଜେ ବାପା କଲମ୍ବିଆର ରାଷ୍ଟ୍ରପତି ଥିଲେ। ମିଗୁଏଲଙ୍କ ଚିକିତ୍ସା ଚାଲିଥିବା ବେଳେ ତାଙ୍କ ଅବସ୍ଥା ସଂକଟାପନ୍ନ ରହିଛି। ତାଙ୍କ ପତ୍ନୀ ମାରିଆ କ୍ଲାଉଡିଆ ତାରାଜୋନା ତାଙ୍କ 'ଏକ୍ସ'ରେ ଲେଖିଛନ୍ତି, ମିଗୁଏଲ ଜୀବନ ପାଇଁ ସଂଘର୍ଷ କରୁଛନ୍ତି। ଆସନ୍ତୁ, ସମସ୍ତେ ମିଶି ଭଗବାନଙ୍କୁ ପ୍ରାର୍ଥନା କରିବା ଯେମିତି ଡାକ୍ତରମାନେ ତାଙ୍କୁ ଚିକିତ୍ସା କରି ସୁସ୍ଥ କରିପାରିବେ। ମୋର ଭଗବାନଙ୍କ ଉପରେ ବିଶ୍ୱାସ ଅଛି। ଆମେରିକାର ବୈଦେଶିକ ସଚିବ ମାର୍କୋ ରୁବିଓ ଏହି ଘଟଣାରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ସେ କହିଛନ୍ତି, ଆମେରିକା ଏହି ଘଟଣାକୁ ନିନ୍ଦା କରୁଛି। ଏହା ସିଧାସଳଖ ଗଣତନ୍ତ୍ର ପ୍ରତି ବିପଦ। କଲମ୍ବିଆ ରାଷ୍ଟ୍ରପତି ମଧ୍ୟ ଏହି ଘଟଣାକୁ ନିନ୍ଦା କରି ଏକ ମନ୍ତବ୍ୟ ଜାରି କରିଛନ୍ତି। ସେ କହିଛନ୍ତି, ସରକାର ସଂପୂର୍ଣ୍ଣ ଭାବେ ଏହି ଘଟଣାକୁ ନିନ୍ଦା କରୁଛନ୍ତି। ଏହି ଘଟଣାର ତଦନ୍ତ କରାଯିବ। ମିଗୁଏଲ ଉରୀବ ଡେମୋକ୍ରାଟିକ୍ ସେଣ୍ଟର ପାର୍ଟିର ସିନେଟର ଅଛନ୍ତି, ଯାହାକୁ ପୂର୍ବତନ ରାଷ୍ଟ୍ରପତି ଇବାରୋ ଉରୀବ ପ୍ରତିଷ୍ଠା କରିଥିଲେ। ତେବେ ମିଗୁଏଲ ଓ ଇବାରୋ ସଂପର୍କୀୟ ନୁହନ୍ତି। ୨୦୨୬ ନିର୍ବାଚନରେ ରାଷ୍ଟ୍ରପତି ପ୍ରାର୍ଥୀ ହେବାକୁ ମିଗୁଏଲ ଘୋଷଣା କରି ସାରିଥିଲେ।

## ଲସ ଆଞ୍ଜେଲସରେ ୨ ହଜାର ଯବାନ ମୁତୟନ କଲେ ଡୋନାଲ୍ଡ ଟ୍ରମ୍ପ

ୱାଶିଂଟନ : ଲସ ଆଞ୍ଜେଲସରେ ହେଉଥିବା ପ୍ରତିବାଦକୁ ନିୟନ୍ତ୍ରଣ କରିବା ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ 'କାଲିଫର୍ନିଆ ନ୍ୟାସନାଲ ଗାର୍ଡ'ର ୨ ହଜାର ଯବାନଙ୍କୁ ମୁତୟନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସରକାରଙ୍କ ଏହି ପଦକ୍ଷେପକୁ ରାଜ୍ୟପାଳ ବିରୋଧ କରିଛନ୍ତି। ଲସ ଆଞ୍ଜେଲସରେ ଫେଡେରାଲ ଇମିଗ୍ରେସନ ଅଧିକାରୀମାନେ ଶୁକ୍ରବାର ଦିନ ଇମିଗ୍ରେସନ ନିୟମ ଉଲ୍ଲଂଘନ କରିଥିବାରୁ ୪୪ ଜଣଙ୍କୁ ଗିରଫ କରିଛନ୍ତି। ଏହା ପରେ ଏକ ଫେଡେରାଲ ଡିଟେନ୍ସନ



ସେଣ୍ଟର ? ବାହାରେ ବିବାଦୀୟ ସ୍ଥିତି ଉପୁଜିଥିଲା। କାରଣ ଅଧିକାରୀମାନେ ଏହି କାର୍ଯ୍ୟ ବିରୁଦ୍ଧରେ ପ୍ରତିବାଦ କରିବାକୁ ଏକାଠି ହୋଇଥିବା ଲୋକମାନଙ୍କୁ ଘଉଡ଼ାଇବା ପାଇଁ ଲୁହବୁହା ଗ୍ୟାସ ପ୍ରୟୋଗ କରିଥିଲେ। ଆମେରିକା ରାଷ୍ଟ୍ରପତିଙ୍କ ସରକାରୀ ବାସଭବନ ଏବଂ କାର୍ଯ୍ୟାଳୟ ହ୍ୱାଇଟ ହାଉସ ଶନିବାର ଏକ ବିବୃତ୍ତିରେ କହିଛି ଯେ ଟ୍ରମ୍ପ କାଲିଫର୍ନିଆରେ ବଢୁଥିବା ବିଶୃଙ୍ଖଳାର ମୁକାବିଲା କରିବା ପାଇଁ କାଲିଫର୍ନିଆ ନ୍ୟାସନାଲ ଗାର୍ଡ ଯବାନଙ୍କୁ ମୁତୟନ କରୁଛନ୍ତି। କାଲିଫର୍ନିଆ ରାଜ୍ୟପାଳ ଏବଂ ଡେମୋକ୍ରାଟିକ ପାର୍ଟି ନେତା ଗାଭିନ ନ୍ୟୁସମ ଏହି ପଦକ୍ଷେପକୁ ବିରୋଧ କରିଛନ୍ତି ଏବଂ 'ଢ' ରେ ଏକ ପୋଷ୍ଟ ଶେୟାର କରି କହିଛନ୍ତି ଯେ ରିପବ୍ଲିକାନ ପାର୍ଟି ନେତା ଏବଂ ରାଷ୍ଟ୍ରପତି ଟ୍ରମ୍ପଙ୍କ ଏହି ପଦକ୍ଷେପ "ଇଚ୍ଛାକୃତ ଭାବରେ ଉତ୍ତେଜକ ଏବଂ କେବଳ ଉତ୍ତେଜନା ବୃଦ୍ଧି କରିବ। ନ୍ୟୁସମ କହିଛନ୍ତି ଯେ ଏହି ମିଶନ ଅନୁପଯୁକ୍ତ ଏବଂ ଜନସାଧାରଣଙ୍କ ବିଶ୍ୱାସକୁ ନଷ୍ଟ କରିବ।

## ବେଙ୍ଗାଲୁରୁ ଦଳଚକଟା ଘଟଣା, ମୃତକଙ୍କ ପରିବାରକୁ ୨୫ ଲକ୍ଷର ସହାୟତା ରାଶି ଘୋଷଣା

ବେଙ୍ଗାଲୁରୁ : ବେଙ୍ଗାଲୁରୁ ଦଳଚକଟା ଘଟଣାରେ ମୃତକଙ୍କ ପରିବାରକୁ ୨୫ ଲକ୍ଷ ଟଙ୍କାର ସହାୟତା ଘୋଷଣା କଲେ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ । ଦଳାଚକଟା ଘଟଣାରେ ସହାୟତା ରାଶି ବୃଦ୍ଧି କରିଛନ୍ତି କର୍ଣ୍ଣାଟକ ସରକାର । ପୂର୍ବରୁ ମୃତକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା ସହାୟତା ଘୋଷଣା ହୋଇଥିଲା । କିନ୍ତୁ ଘଟଣାକୁ ଗମ୍ଭୀରତାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଏହି ରାଶିକୁ ବଢ଼ାଇବାକୁ ନିଷ୍ପତ୍ତି ନେଇଛନ୍ତି । ପ୍ରଭାବିତ ପରିବାରଙ୍କୁ ଖୁବଶୀଘ୍ର




ଏହି ସହାୟତା ରାଶି ପ୍ରଦାନ କରିବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ସିଦ୍ଦରମୈୟା । ସୂଚନା ଅନୁସାରେ ଗତ ୩ ଜୁନ ୨୦୨୫ରେ ଆହମଦାବାଦରେ ଅନୁଷ୍ଠିତ ଆଇପିଏଲ ଫାଇନାଲରେ ଆରସିବି ପଞ୍ଜାବ କିଙ୍ଗସକୁ ୬ ରନରେ ପରାସ୍ତ କରି ପ୍ରଥମ ଥର ପାଇଁ ଆଇପିଏଲ ଟ୍ରଫି ଜିତିଥିଲା । ଏହି ବିଜୟର ଉତ୍ସବ ପାଇଁ ବେଙ୍ଗାଲୁରୁରେ ଏକ ବିଜୟ ପରେଡର ଆୟୋଜନ କରାଯାଇଥିଲା । କିନ୍ତୁ ଏହି ପରେଡ ସମୟରେ ଷ୍ଟାଡିୟମ ବାହାରେ ହଜାର ହଜାର ପ୍ରଶଂସକଙ୍କ ଭିଡ଼ ନିୟନ୍ତ୍ରଣ ବାହାରକୁ ଚାଲିଯାଇଥିଲା, ଯାହା ଦଳାଚକଟାରେ ପରିଣତ ହୋଇଥିଲା । ଏହି ଘଟଣାରେ ଅନେକ ପ୍ରଶଂସକ ଆହତ ହୋଇଥିବା ବେଳେ ୧୧ ଜଣଙ୍କ ମୃତ୍ୟୁ ମଧ୍ୟ ହୋଇଛି । ପୋଲିସ ସୂଚନା ଅନୁଯାୟୀ, ଏହି ଦଳାଚକଟା ଘଟଣାରେ ଆୟୋଜକଙ୍କ ସହ ବିରାଟ କୋହଲିଙ୍କ ବିରୁଦ୍ଧରେ ମଧ୍ୟ ମାମଲା ରୁଜୁ ହୋଇଛି । ଅଭିଯୋଗ ରହିଛି ଯେ ପରେଡର ଆୟୋଜନରେ ପର୍ଯ୍ୟାପ୍ତ ସୁରକ୍ଷା ବ୍ୟବସ୍ଥା ନଥିଲା ଏବଂ କୋହଲିଙ୍କ ଉପସ୍ଥିତି ଯୋଗୁଁ ଅତ୍ୟଧିକ ଭିଡ଼ ହୋଇଥିଲା । ପୋଲିସ କହିଛି ଯେ ଏହି ମାମଲାର ତଦନ୍ତ ଚାଲିଛି ଏବଂ ସମସ୍ତ ଦିଗକୁ ତଦନ୍ତ କରାଯିବ । ତେବେ, କୋହଲିଙ୍କୁ ଗିରଫ କରାଯିବ କି ନାହିଁ, ତାହା ତଦନ୍ତ ପରେ ସ୍ପଷ୍ଟ ହେବ ।

# ସିଏମ୍ ଟ୍ରଫି : ବରଗଡ଼ ଏଫସି ଚମ୍ପିୟାନ୍

ଭୁବନେଶ୍ୱର/ ରାଉରକେଲା, ୦୮।୬: ସିଏମ୍ ଟ୍ରଫି - ଲକ୍ଷ୍ୟ ଏକ, ପ୍ରତିଭା ଅନେକ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଓଡ଼ିଶାରେ ତୃଣମୂଳ ସ୍ତରରେ କ୍ରୀଡ଼ା ପ୍ରତିଭାର ବିକାଶ ପାଇଁ ପ୍ରଥମ ଥର ପାଇଁ ଆୟୋଜନ କରାଯାଇଥିଲା ସିଏମ୍ ଟ୍ରଫି (ଅଣ୍ଡର-୧୫) ଫୁଟବଲ ଚାମ୍ପିୟାନସିପ୍ -୨୦୨୫। ବିଗତ ୧୬ ଜାନୁଆରୀରୁ ଆରମ୍ଭ ହୋଇଥିବା ଏହି ଟୁର୍ଣ୍ଣାମେଂଟର ବହୁ ପ୍ରତିକ୍ଷୀତ ଫାଇନାଲ୍ ମ୍ୟାଚ୍ ଆଜି ରାଉରକେଲା ସ୍ଥିତ ବିର୍ସାମୁଣ୍ଡା ଷ୍ଟାଡ଼ିୟମ୍ ଠାରେ ଅନୁଷ୍ଠିତ ହୋଇଯାଇଛି। ଆଜିର ଫାଇନାଲ୍ ମ୍ୟାଚ୍ ବରଗଡ଼ ଏଫସି ଏବଂ ଭୁବନେଶ୍ୱର ଏଫସି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବରଗଡ଼ ଏଫସି ଭୁବନେଶ୍ୱର ଏଫସିକୁ ୩-୨ ଗୋଲ୍ ବ୍ୟବଧାନରେ ପରାସ୍ତ କରି ସିଏମ୍ ଟ୍ରଫି (ଅଣ୍ଡର-୧୫) ଫୁଟବଲ ଚାମ୍ପିୟାନସିପ୍ - ୨୦୨୫ର ବିଜେତା ହୋଇଛି।




ଆଜି ଅନୁଷ୍ଠିତ ହୋଇଥିବା ଫାଇନାଲ୍ ମ୍ୟାଚ୍‌ରେ କ୍ରୀଡ଼ାମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମସ୍ତ କ୍ରୀଡ଼ାବିତମାନଙ୍କର ଉତ୍ସାହ ବର୍ଦ୍ଧନ କରିଥିଲେ। ନିଜର ପ୍ରତିକ୍ରିୟାରେ ସେ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ରାଜ୍ୟରେ ପ୍ରଥମ ଥର ପାଇଁ ସିଏମ୍ ଟ୍ରଫି (ଅଣ୍ଡର-୧୫) ଫୁଟବଲ ଚାମ୍ପିୟାନସିପ୍‌ର ଆୟୋଜନ କରାଯାଇଥିଲା। ତୃଣମୂଳ ସ୍ତରରୁ ଓଡ଼ିଶାର ପ୍ରତିଟି ଗାଁରେ ଯେପରି କ୍ରୀଡ଼ା ପ୍ରତିଭା ବିକଶିତ ହୋଇପାରିବ ସେହି ଲକ୍ଷ୍ୟରେ ସିଏମ୍ ଟ୍ରଫି ଚାମ୍ପିୟାନସିପ୍‌ର ଆୟୋଜିତ ହୋଇଥିଲା। ଆଜି ଏହି ଟୁର୍ନାମେଂଟ ସମାପ୍ତ ହୋଇଛି। ବିଜୟୀ ଦଳ ବରଗଡ଼ ଏଫସି ଏବଂ ଏହି ଚାମ୍ପିୟାନସିପ୍‌ରେ ଅଂଶଗ୍ରହଣ କରିଥିବା ସମସ୍ତ କ୍ରୀଡ଼ାବିତମାନଙ୍କୁ ମୁଁ ଶୁଭେଚ୍ଛା ଜଣାଉଛି। ସିଏମ୍ ଟ୍ରଫି ଚାମ୍ପିୟାନସିପ୍ ନିଶ୍ଚିତ ରୂପେ ତୃଣମୂଳ ସ୍ତରରେ କ୍ରୀଡ଼ା ପ୍ରତିଭାମାନଙ୍କୁ ନିଜର ପ୍ରତିଭା ପ୍ରଦର୍ଶନ କରିବା ନିମନ୍ତେ ଏକ ପ୍ରକୃଷ୍ଟ ମଂଚ ପ୍ରଦାନ କରିପାରିଛି। ଏହି ଚାମ୍ପିୟାନସିପ୍‌ରୁ ଶ୍ରେଷ୍ଠ ୧୦୦ଜଣ କ୍ରୀଡ଼ାବିତମାନଙ୍କୁ ଚୟନ କରାଯାଇ ସେମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯିବ। ଏଥିସହିତ ଆଗାମୀ ଦିନରେ ବିଭିନ୍ନ କ୍ରୀଡ଼ା ଯଥା ଆଥଲେଟିକ୍ସ, ବ୍ୟାଡ଼ମିଂଟନ, ଖୋଖୋ, କବାଡ଼ି, ହକି ଓ ଅନ୍ୟାନ୍ୟ କ୍ରୀଡ଼ାକୁ ମଧ୍ୟ ସିଏମ୍ ଟ୍ରଫି ଚାମ୍ପିୟନ୍‌ସିପ୍‌ରେ ସାମିଲ କରାଯିବ ବୋଲି କ୍ରୀଡ଼ାମନ୍ତ୍ରୀ ଶ୍ରୀ ସୂରଜ ମତପ୍ରକାଶ କରିଥିଲେ।

ଆଜିର ସିଏମ୍ ଟ୍ରଫି ଚାମ୍ପିୟାନସିପ୍‌ର ଫାଇନାଲ୍ ମ୍ୟାଚ୍‌ରେ ଓଡ଼ିଶା ଫୁଟବଲ୍ ଆସୋସିଏସନ୍‌ର ପ୍ରେସିଡେଂଟ ତଥା ଝାରସୁଗୁଡ଼ା ବିଧାୟକ ଶ୍ରୀ ଟଙ୍କଧର ତ୍ରିପାଠୀ ଉପସ୍ଥିତ ଥିଲେ। ସିଏମ୍ ଟ୍ରଫି ଚାମ୍ପିୟାନସିପ୍ ଓଡ଼ିଶାର ସମସ୍ତ କ୍ରୀଡ଼ାବିତମାନଙ୍କୁ ଉତ୍ସାହିତ କରିବା ସହ ଏହି ପ୍ରତିଯୋଗିତାର ଆୟୋଜନ ମାଧ୍ୟମରେ କ୍ରୀଡ଼ା ପ୍ରତିଭା ବିକଶିତ ହୋଇପାରିଛି ଏବଂ ରାଜ୍ୟରେ କ୍ରୀଡ଼ାର ବିକାଶର ଏହି ଜୟଯାତ୍ରା ଆଗକୁ ମଧ୍ୟ ଏହିପରି ଭାବେ ଜାରି ରହିବ ବୋଲି ସେ କହିଛନ୍ତି।

ପ୍ରକାଶଯୋଗ୍ୟ ଯେ, ଓଡ଼ିଶା ଫୁଟବଲ ଆସୋସିଏସନ୍ ଏବଂ ଓଡ଼ିଶା କ୍ରୀଡ଼ା ଓ ଯୁବସେବା ବିଭାଗର ମିଳିତ ଆନୁକୂଲ୍ୟରେ ସିଏମ୍ ଟ୍ରଫି (ଅଣ୍ଡର-୧୫) ଫୁଟବଲ୍ ଚାମ୍ପିୟନ୍‌ସିପ୍‌ର ପ୍ରଥମ ପର୍ଯ୍ୟାୟ ଗତ ଜାନୁଆରୀ ମାସ ୧୬ ତାରିଖରୁ ଏପ୍ରିଲ ମାସ ୧୯ ତାରିଖ ପର୍ଯ୍ୟନ୍ତ ରାଜ୍ୟର ସମସ୍ତ ଜିଲ୍ଲାମାନଙ୍କରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲ୍ଲାମାନଙ୍କରେ ରହିଥିବା ବିଭିନ୍ନ ଫୁଟବଲ କ୍ଲବ ଅଂଶଗ୍ରହଣ କରିଥିଲେ। ଏହାପରେ ପ୍ରତିଯୋଗିତାର ଦ୍ୱିତୀୟ ପର୍ଯ୍ୟାୟ ଅର୍ଥାତ୍ ଜୋନାଲ୍ ସ୍ତରୀୟ ସିଏମ୍ ଟ୍ରଫି ଚାମ୍ପିୟନ୍‌ସିପ୍ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ସ୍ତରରୁ ଚୟନିତ ହୋଇ ଆସିଥିବା ଦଳକୁ ୪ ଗୋଟି ଜୋନ୍ (ଜୋନ୍- ସମ୍ବଲପୁର, ଭୁବନେଶ୍ୱର, କେନ୍ଦୁଝର ଏବଂ ବ୍ରହ୍ମପୁର)ରେ ବିଭକ୍ତ କରାଯାଇ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ଜୋନାଲ୍ ସ୍ତରୀୟ ପ୍ରତିଯୋଗିତା ସମାପ୍ତ ହେବା ପରେ ସିଏମ୍-ଟ୍ରଫି ସେମି ଫାଇନାଲ୍ ଏବଂ ଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଜିଲ୍ଲାରୁ ଜୋନାଲ୍ ଏବଂ ଜୋନାଲ୍‌ରୁ ରାଜ୍ୟ ସ୍ତର ପର୍ଯ୍ୟନ୍ତ ଏହିପରି ଭାବରେ ତିନୋଟି ପର୍ଯ୍ୟାୟରେ ଏହି ପ୍ରତିଯୋଗିତାକୁ ଆୟୋଜନ କରାଯାଇଥିବାରୁ ବାସ୍ତବରେ ତୃଣମୂଳ ସ୍ତରରେ କ୍ରୀଡ଼ା ପ୍ରତିଭାର ବିକାଶ ହୋଇପାରିଛି। ଏଥିସହିତ ସିଏମ୍ ଟ୍ରଫି ଚାମ୍ପିୟନ୍‌ସିପର ଲୋଗୋ, ଟ୍ରଫି, ଜର୍ସି ଓ ଆନଥେମ୍‌କୁ ମଧ୍ୟ ନିକଟ ଅତୀତରେ ଉନ୍ମୋଚିତ କରାଯାଇଥିଲା। କ୍ରୀଡ଼ାବିତମାନଙ୍କ ମଧ୍ୟରେ ରହିଥିବା ଅଦମ୍ୟ ଉତ୍ସାହ ଓ ଦୃଢ଼ ପ୍ରତିବଦ୍ଧତାକୁ ଆନଥେମ୍‌ରେ ଖୁବ୍ ସୁନ୍ଦର ଭାବରେ ପ୍ରଦର୍ଶିତ କରାଯାଇଛି ବୋଲି ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି।

## ଫ୍ରେଞ୍ଚ୍ ଓପନ୍: ଗଫ୍‌ଙ୍କୁ ପ୍ରଥମ ଟ୍ରଫି

ପ୍ୟାରିସ୍,୮।୬: ଚଳିତ ଫ୍ରେଞ୍ଚ୍ ଓପନ୍ ଗ୍ରାଣ୍ଡସ୍ଲାମ୍ ଟେନିସ୍ ପ୍ରତିଯୋଗିତାର ମହିଳା ଏକକ ଟ୍ରଫି ଜିତି ନେଇଛନ୍ତି ଆମେରିକାର କୋକୋ ଗଫ୍ ଶନିବାର ରାତିର ତୀବ୍ର ସଂଘର୍ଷପୂର୍ଣ୍ଣ ଫାଇନାଲ୍‌ରେ ଶୀର୍ଷ ସିଡ୍ ବେଲାରୁଷର ଆରିନା ସାବାଲେଙ୍କାଙ୍କୁ ୬-୭, ୬-୨, ୬-୪ରେ ପରାସ୍ତ କରି ରୋଲାଁ ଗ୍ୟାରୋସ୍‌ରେ ପ୍ରଥମ ଥର ପାଇଁ ଟ୍ରଫି ଜିତିବାର ଗେରବ ଅର୍ଜନ କରିଛନ୍ତି ଏହି ଦ୍ୱିତୀୟ ସିଡ୍ ଖେଳାଳି ୨୦୨୩ ମସିହାରେ ଘରୋଇ ପରିବେଶରେ ୟୁଏସ୍ ଓପନ୍ ଜିତିଥିବା ୨୧ବର୍ଷୀୟା ଗଫ୍‌ଙ୍କ କ୍ୟାରିୟରର ଏହା ହେଉଛି ଦ୍ୱିତୀୟ ଗ୍ରାଣ୍ଡସ୍ଲାମ୍ ବିଜୟ। ଅନ୍ୟପକ୍ଷରେ ନିଜ ପ୍ରଥମ ଫ୍ରେଞ୍ଚ୍ ଓପନ୍ ବିଜୟ ଲକ୍ଷ୍ୟରେ ଥିବା ସାବାଲେଙ୍କା ଲଢୁଥ। ଖେଳିବା ସତ୍ତ୍ୱେ ଉପବିଜେତାରେ ସନ୍ତୁଷ୍ଟ ରହିଛନ୍ତି



ଫଳରେ କ୍ୟାରିୟର୍‌ର ଚତୁର୍ଥ ଗ୍ରାଣ୍ଡସ୍ଲାମ୍ ବିଜୟରୁ ବଞ୍ଚିତ ହୋଇଛନ୍ତି। ୨୭ ବର୍ଷୀୟା ସାବାଲେଙ୍କା ପ୍ରଥମ ସେଟ୍‌କୁ ଟାଇବ୍ରେକର୍‌ରେ ୭-୬ରେ ଜିତିବା ପରେ ଟ୍ରଫି ବିଜୟଠାରୁ ଗୋଟି ସେଟ୍ ଦୂରରେ ଥିଲେ। ତେବେ ଗଫ୍ ଦ୍ୱିତୀୟ ସେଟ୍‌ରେ ଚମତ୍କାର ପ୍ରତ୍ୟାବର୍ତ୍ତନ କରି ସ୍ଥିତି ୧-୧ କରିନେବା ପରେ ସେ ଉପରେ ପଡ଼ି ଯାଇଥିଲେ ଶେଷରେ ନିର୍ଣ୍ଣାୟକ ତୃତୀୟ ସେଟ୍‌କୁ ୨ ପଏଣ୍ଟ୍ ବ୍ୟବଧାନରେ ଜିତି ଗଫ୍ ଇତିହାସ ରଚିଥିଲେ ଚମତ୍କାର ସର୍ଭିସ୍ କରୁଥିବା ସାବାଲେଙ୍କାଙ୍କ ୫୧ଟି ଅନିଚ୍ଛାକୃତ ତ୍ରୁଟି ଶେଷରେ ମହଙ୍ଗା ସାବ୍ୟସ୍ତ ହୋଇଥିଲା।

## ପାଦର ଆଙ୍ଗୁଠି କାଟିଦେବାକୁ ପ୍ଲାନିଂ କରିଥିଲେ କାର୍ସେ

ନୂଆଦିଲ୍ଲୀ,୬୬: ଇଂଲଣ୍ଡର ଦ୍ରୁତ ବୋଲର ବ୍ରାଇଡନ କାର୍ସେ ତାଙ୍କ ଜୀବନର ଏକ ଲୋମଟାଙ୍କୁରା ଘଟଣା ପ୍ରକାଶ କରିଛନ୍ତି ସେ କହିଛନ୍ତି,ଦିନେ ଏକ ନିରନ୍ତର ଯନ୍ତ୍ରଣାଦାୟକ ସମସ୍ୟାରୁ ସୁସ୍ଥ ହେବା ପାଇଁ ତାଙ୍କ ପାଦର ଆଙ୍ଗୁଠି କାଟିବାକୁ ଚିନ୍ତା କରିଥିଲେ କାରଣ ଏହା ତାଙ୍କୁ ମାସ ମାସ ଧରି ଖେଳରୁ ଦୂରେଇ ରଖିଥିଲା। ଇଂଲଣ୍ଡର ସବୁଠାରୁ ଉଦୀୟମାନ ଦ୍ରୁତ ବୋଲରମାନଙ୍କ ମଧ୍ୟରୁ ଜଣେ କାର୍ସେଙ୍କୁ ମାତ୍ର ପାଞ୍ଚଟି ଟେଷ୍ଟରେ ୨୭ ଉଇକେଟ ନେଇଛନ୍ତି ଜୁନ ୨୦ରୁ ଲିଡ୍ସରେ ଆରମ୍ଭ ହେଉଥିବା ଭାରତ ବିପକ୍ଷରେ ପ୍ରଥମ ଟେଷ୍ଟ ପାଇଁ ଦଳରେ ସାମିଲ କରାଯାଇଛି।୨୯ ବର୍ଷୀୟ ଦ୍ରୁତ ବୋଲର ବୋଲିଂ କରିବା ସମୟରେ ତାଙ୍କ ବାମ ଆଙ୍ଗୁଠିରେ ଗଭୀର ଆଘାତ ଲାଗିଥିଲା ସଂକ୍ରମିତ ସ୍ଥାନ କଟା ହୋଇଥିଲା ଏହି ସମସ୍ୟା ଚଳିତ ବର୍ଷ ଆରମ୍ଭରେ ଇଂଲଣ୍ଡର ଭାରତ ଗସ୍ତ ସମୟରେ ଦେଖାଦେଇଥିଲା, ଯାହା ତାଙ୍କୁ ଋମ୍ପିଅନ୍ସ ଟ୍ରଫିରୁ ସମେତ ତିନି ମାସ ପାଇଁ କ୍ରିକେଟରୁ ଦୂରରେ ରହିବାକୁ ବାଧ କରିଥିଲା। କାର୍ସେ କହିଛନ୍ତି, ଗୋଟିଏ ସମୟରେ ମୁଁ ଶୋଇକି ଭାବୁଥିଲି ମୁଁ ଏ ସମସ୍ୟାରୁ କେମିତି ମୁକୁଳିବି ସେହି ସମୟରେ ଆଙ୍ଗୁଠି କାଟିଦେବା କଥା ମନକୁ ଆସିଥିଲା କିନ୍ତୁ ଡାକ୍ତର ପରାମର୍ଶ ଦେଇ କହିଥିଲେ, ତୁମକୁ ସନ୍ତୁଳନ ପାଇଁ ଏହା ଆବଶ୍ୟକ ତେଣୁ ଏହି ଧାରଣା ମନକୁ ଆଣନି।

## ଇଂଲଣ୍ଡରେ ଭାରତୀୟ ଦଳ

ଲଣ୍ଡନ,୮।୬: ଇଂଲଣ୍ଡ ବିପକ୍ଷ ବହୁ ପ୍ରତୀକ୍ଷିତ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ୍ ଶୃଙ୍ଖଳା ଖେଳିବାକୁ ଶନିବାର ଭାରତୀୟ କ୍ରିକେଟ୍ ଦଳ ପହଞ୍ଚିଛି ଭାରତୀୟ ଖେଳାଳିମାନେ ଲଣ୍ଡନର ହିଥ୍ରୋ ବିମାନ ବନ୍ଦରରେ ପହଞ୍ଚୁଥିବାର ଭିଡିଓ ବିସିସିଆଇ ନିଜ ଏକ୍ସ ପୃଷ୍ଠାରେ ପ୍ରକାଶ କରିଛି ଭିଡିଓରେ ଭାରତୀୟ ଖେଳାଳି ଖୁସି ଓ ଆତ୍ମବିଶ୍ୱାସରେ ଭରପୂର ଥିବା ଦେଖିବାକୁ ମିଳୁଛି। ଭାରତୀୟ କ୍ରିକେଟ୍ ଦଳ ଏହି ଶୃଙ୍ଖଳାରୁ ୨୦୨୫-୨୭ ଚକ୍ରର ବିଶ୍ୱ ଟେଷ୍ଟ୍ ଋମ୍ପିଅନସିପ୍ ଅଭିଯାନ ଆରମ୍ଭ କରିବ ପୁଣି ନୂଆ। ଅଧିନାୟକ ଶୁବମନ ଗିଲ୍ ଏହି ଶୃଙ୍ଖଳାରୁ ନିଜ ଅଧିନାୟକ ଜୀବନ ଆରମ୍ଭ କରିବେ। ଉ୍ୱିକେଟ୍ ରକ୍ଷକ ଋଷଭ ପନ୍ତ ଉପଅଧିନାୟକ ଦାୟିତ୍ୱ ତୁଲାଇବେ ଭାରତୀୟ କ୍ରିକେଟ୍‌ରେ ମଧ୍ୟ ନୂଆ। ଯୁଗର ଶୁଭାରମ୍ଭ ହେବ ଶନିବାର ଲଣ୍ଡନ ପହଞ୍ଚିଥିବା ଖେଳାଳିଙ୍କ ମଧ୍ୟରେ ରହିଛନ୍ତି ଗିଲ୍, ପନ୍ତ, ଅର୍ଶଦୀପ ସିଂହ, ।ସିଂଟନ୍ ସୁନ୍ଦର, କୁଲଦୀପ ଯାଦବ, ପ୍ରସିଦ୍ଧ କ୍ରିଷ୍ଣା ଓ ସାଇ ସୁଦର୍ଶନ ପ୍ରମୁଖ ଅନ୍ୟଖେଳାଳିମାନେ ଇଂଲଣ୍ଡରେ ରହି ଭାରତ-ଏ ଦଳରୁ ଇଂଲଣ୍ଡ ଲାୟନ୍ସ ବିପକ୍ଷରେ ଦ୍ୱିତୀୟ ଅନେପଚାରିକ ଟେଷ୍ଟ୍ ଖେଳୁଛନ୍ତି ଏହି ମ୍ୟାଚ୍ ସରିବା ପରେ ସେମାନେ ଭାରତୀୟ ଦଳ ସହ ଯୋଗଦେବେ। ୨୦ ତାରିଖରୁ ପ୍ରଥମ ଟେଷ୍ଟ୍ ଲିଡ୍ସରେ ଆରମ୍ଭ ହେବା ପୂର୍ବରୁ ଭାରତୀୟ ଦଳର ଏକ ୧୦ ଦିନିଆ ପ୍ରଶିକ୍ଷଣ ଶିବିର ଆୟୋଜିତ ହେବ ଏହି ଅବସରରେ ସେମାନଙ୍କ ମଧ୍ୟରେ ଏକ ଅନ୍ତଃଦଳୀୟ ଅଭ୍ୟାସ ମ୍ୟାଚ୍ ମଧ୍ୟ ଖେଳାଯିବ।



ଅତୀତରେ ଭାରତୀୟ ଦଳ ଯେବେବି ଇଂଲଣ୍ଡ ଗସ୍ତ କରିଛି। ହିଥ୍ରୋ ବିମାନ ବନ୍ଦରରେ ସେମାନଙ୍କୁ ସ୍ୱାଗତ କରିବା ଲାଗି ଶହଶହ ପ୍ରଶଂସକ ଅପେକ୍ଷା କରି ରହିଥାନ୍ତି। ରାତି ହେଉ କି ଦିନ ଭାରତୀୟ ଖେଳାଳିଙ୍କ ପାଇଁ ସେମାନେ ବିମାନ ବନ୍ଦର ବାହାରେ ଅପେକ୍ଷା କରି ରହିଥାନ୍ତି।ଶନିବାର ଏହି ଧାରାରେ କିନ୍ତୁ ଏକ ବ୍ୟତିକ୍ରମ ଦେଖିବାକୁ ମିଳିଛି।ଭାରତୀୟ ଖେଳାଳିମାନେ ଲଣ୍ଡନ ହିଥ୍ରୋ ବିମାନ ବନ୍ଦରରେ ପହଞ୍ଚିବା ପରେ ସେମାନଙ୍କୁ ସ୍ୱାଗତ କରିବା ଲାଗି ସେଠାରେ ଜଣେ ହେଲେ ବି ପ୍ରଶଂସକ ନରହିବା ଅନେକଙ୍କୁ ବିସ୍ମିତ କରିଛି।ଦୁଇ ଲୋକପ୍ରିୟ ଖେଳାଳି ରୋହିତ ଶର୍ମା ଓ ବିରାଟ କୋହଲିଙ୍କ ଅନୁପସ୍ଥିତି ପାଇଁ ପ୍ରଶଂସକମାନେ ଭାରତୀୟ ଦଳ ପ୍ରତି ବିମୁଖ ହେଉଥିବା ଅନୁମାନ କରାଯାଉଛି ସେମାନଙ୍କ ଅନୁପସ୍ଥିତି ପାଇଁ ହିଁ ପ୍ରଶଂସକମାନେ ଭାରତୀୟ ଖେଳାଳିଙ୍କୁ ସ୍ୱାଗତ କରିବାକୁ ଆସି ନଥିବା ବିଶ୍ୱାସ ହେଉଛି ।ଭାରତୀୟ ଖେଳାଳିମାନେ ଶନିବାର ଇଂଲଣ୍ଡ ପହଞ୍ଚିବା ବେଳକୁ ନୂଆ। ଅଧିନାୟକ ଶୁବମନ ଗିଲ୍ କଳା ଚଷମା ପିନ୍ଧିଥିଲେ ଏଥିଲାଗି ଦ୍ରୁତ ବୋଲର ଯଶପ୍ରୀ ବୁମ୍ରା ତାଙ୍କୁ ଚିଡ଼ାଉଥିବା ଦେଖିବାକୁ ମିଳିଥିଲା। ବିସିସିଆଇ ନିଜ ସାମାଜିକ ଗଣମାଧ୍ୟମ୍ ଆକାଉଣ୍ଟରେ ପୋଷ୍ଟ କରିଥିବା ଭିଡିଓରେ ରାତିରେ ଟୋକା ସନଗ୍ଲାସ୍ ପିନ୍ଧିଛି କହି କଟାକ୍ଷ କରୁଥିବା ଶୁଣିବାକୁ ମିଳୁଛି ସେପଟେ ପ୍ରଥମ ଥର ଟେଷ୍ଟ୍ ଦଳରେ ସ୍ଥାନ ପାଇଥିବା ସାଇ ସୁଦର୍ଶନ ବରିଷ୍ଠ ଦଳ ସହ ଏକ ପୂର୍ଣ୍ଣକାଳୀନ ଶୃଙ୍ଖଳା ଖେଳିବାକୁ ଯାଉଥିବାରୁ ବେଶ୍ ଉତ୍ସାହିତ ଥିବା ଭିଡିଓରେ କହୁଛନ୍ତି। ଏକ ବଡ଼ ଟେଷ୍ଟ୍ ଶୃଙ୍ଖଳା ଲାଗି ଭାରତୀୟ ଦଳରେ ସ୍ଥାନ ପାଇ ମୁଁ ବେଶ୍ ରୋମାଞ୍ଚିତ ଇଂଲଣ୍ଡରେ ଆମେ କିଛି ନୂଆ। ମୁହଁ, ନୂଆ। ନେତୃତ୍ୱ ତଥା ଉଚ୍ଚ ଆଶା ନେଇ ଖେଳିବୁ ଯାହା ଏହି ଶୃଙ୍ଖଳାକୁ ଆହୁରି ମଜାଦାର ଓ ସଂଘର୍ଷପୂର୍ଣ୍ଣ କରିବ ବୋଲି ସେ କହୁଥିବା ଶୁଣିବାକୁ ମିଳୁଛି।

### ଅରବିନ୍ଦ ସ୍ମାରକୀ ପାରାମାଉଣ୍ଟ୍ କପ୍ କ୍ରିକେଟ୍:

## ଫାଇନାଲ୍‌ରେ ଏମ୍‌ସିସି-ରାଇଜିଂ

ଭୁବନେଶ୍ୱର: ପାରାମାଉଣ୍ଟ୍ ସ୍ପୋର୍ଟିଂ କ୍ଲବ୍ ଦ୍ୱାରା ଆୟୋଜିତ ଅରବିନ୍ଦ ସ୍ମାରକୀ ପାରାମାଉଣ୍ଟ୍ କପ୍ ଅନ୍ତଃକ୍ଲବ୍ କ୍ରିକେଟ୍ ପ୍ରତିଯୋଗିତାର ଫାଇନାଲ୍‌ରେ କଟକର ରାଇଜିଂ ଷ୍ଟୁଡେଣ୍ଟ୍‌କୁ ଭେଟିବ ଏମ୍‌ସିସି ରାଇଜିଂ ଷ୍ଟୁଡେଣ୍ଟ୍ ଶୁକ୍ରବାର ଫାଇନାଲ୍‌ରେ ପ୍ରବେଶ କରିଥିଲା ବେଳେ ଶନିବାର ସହିଦ ସ୍ପୋର୍ଟିଂକୁ ଏକତରଫା ଭାବେ ୮ ଉ୍ୱିକେଟ୍‌ରେ ପରାସ୍ତ କରି ଏମ୍‌ସିସି ଟ୍ରଫି ଲଢ଼େଇରେ ଅବତୀର୍ଣ୍ଣ ହେବାକୁ ଯାଉଛି ।




ଶନିବାର ଖେଳାଯାଇଥିବା ଦ୍ୱିତୀୟ ସେମିଫାଇନାଲ୍‌ରେ ଏମସିସି ଟସ୍ ଜିତି ସହିଦ ସ୍ପୋର୍ଟିଂକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା ସହିଦ ସ୍ପୋର୍ଟିଂ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୩୮.୪ ଓଭରରେ ମାତ୍ର ୧୧୮ ରନ୍‌ରେ ଅଲଆଉଟ୍ ହୋଇଯାଇଥିଲା ଦେବଜ୍ୟୋତି ପଟ୍ଟନାୟକ ସର୍ବାଧିକ ୪୧ ରନ୍ କରିଥିଲେ। ଏହାର ଜବାବରେ ଏମ୍‌ସିସି ଅନୁରାଗ ଷଡ଼ଙ୍ଗୀଙ୍କ ୭୨ଅପରାଜିତ ରନ୍ ବଳରେ ୨୦.୪ ଓଭରରେ ୨ ଉ୍ୱିକେଟ୍ ହରାଇ ୧୧୯ ରନ୍‌ର ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା ଶରତ ଚନ୍ଦ୍ର ସାହୁ, ପ୍ରଦୀପ କୁମାର ଜେନା ଓ ଅଭିଷେକ ମହାନ୍ତି ଖେଳ ପରିଚାଳନା କରିଥିଲେ। ହର୍ଷିତ ରାଠୋଡ (୪/୧୨) ଘାତକ ବୋଲିଂ କରି ଗାୟତ୍ରୀ ଡଟ୍‌ଟେକ୍ ପ୍ରାଇଭେଟ୍ ଲିମିଟେଡ୍‌ର ମାଲିକ ଜାନକୀନାଥ ପରିଡ଼ାଙ୍କଠାରୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ଗ୍ରହଣ କରିଥିଲେ।

## ତାଇୱାନ୍ ଓପନରେ ଭାରତକୁ ୬ ସ୍ୱର୍ଣ୍ଣ

ନୂଆଦିଲ୍ଲୀ: ତାଇୱାନ ଆଥଲେଟିକ୍ସ ଓପନ୍ ପ୍ରତିଯୋଗିତାରେ ଭାରତୀୟ ଖେଳାଳି ପ୍ରଥମ ଦିନ ୬ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଏସୀୟ ବିଜୟିନୀ ଜ୍ୟୋତି ୟାରାଜୀ ୧୦୦ ମିଟର୍ ବାଧାଦୌଡ଼ରେ ଚମତ୍କାର ସମୟ (୧୨.୯୯ ସେକେଣ୍ଡ) ସହ ସ୍ୱର୍ଣ୍ଣ



ପଦକ ଜିତିଥିବାବେଳେ ପୁରୁଷ ୧୧୦ ମିଟର୍ ବାଧାଦୌଡ଼ରେ ତେଜାସ ଶୀର୍ଷେ ନିଜ ଖେଳ ଜୀବନର ଦ୍ୱିତୀୟ ଦ୍ରୁତତମ ସମୟ (୧୩.୫୨ ସେକେଣ୍ଡ) ସହ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଶନିବାର ଭାରତ ପାଇଁ ମହିଳା ୧୫୦୦ ମିଟରରେ ପୂଜା (୪:୧୧.୬୫) ପ୍ରଥମ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଟ୍ରିପଲ୍ ଜମ୍ପରେ ଅବଦୁଲ୍ଲା ଅବୁବାକର୍ (୧୬.୨୧ ମିଟର୍)ଙ୍କ ସହିତ ପୁରୁଷ ଓ ମହିଳା ୪ ଗୁଣା ୧୦୦ ମିଟର୍ ରିଲେ ଦଳ ମଧ୍ୟ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି।

## ଏସୀୟ ଭାରୋତ୍ତୋଳନ ପାଇଁ ମୀନା ଓ ବିଦୁସ୍ମିତା ମନୋନୀତ



ଭୁବନେଶ୍ୱର,୮।୬: ଜୁଲାଇ ୧ରୁ ୧୦ ତାରିଖ ପର୍ଯ୍ୟନ୍ତ କାଜାକସ୍ତାନର ଆସ୍ଥାନାଠାରେ ଖେଳାଯିବାକୁ ଥିବା ଏସୀୟ ଯୁବ ଓ କନିଷ୍ଠ ଭାରୋତ୍ତୋଳନ ପ୍ରତିଯୋଗିତା ଲାଗି ଓଡ଼ିଶାରୁ ମୀନା ସାନ୍ତା (ଏ) ଏବଂ ବିଦୁସ୍ମିତା ଭୋଇ ଭାରତୀୟ ଦଳରେ ମନୋନୀତ ହୋଇଛନ୍ତି ।ମୀନା ୫୮ କିଲୋଗ୍ରାମ ଓଜନ ବର୍ଗରେ ଏବଂ ବିଦୁସ୍ମିତା ୬୩ କିଲୋଗ୍ରାମ ଓଜନ୍ ବର୍ଗରେ ଅଂଶଗ୍ରହଣ କରିବେ ଜୁନ୍ ୨ ତାରିଖରେ ପଞ୍ଜାବର ପାଟିଆଲାଠାରେ ଅନୁଷ୍ଠିତ ଜାତୀୟ ଦଳର ଚୟନ ଶିବିରରେ ଓଡ଼ିଶାରୁ ୬ ଜଣ ଭାଗ ନେଇଥିବାବେଳେ ଏହି ୨ ଜଣ ପ୍ରଭାବୀ ପ୍ରଦର୍ଶନ କରି ଚୟନକର୍ତ୍ତାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମୀନା କଳିଙ୍ଗ ଷ୍ଟାଡିୟମ୍ ଭାରେତ୍ତୋଳନ ଏଟିପିସିରେ ଅଭ୍ୟାସ କରିବା ପରେ ଏବେ ପାଟିଆଲାର ଜାତୀୟ ଉତ୍କର୍ଷ କେନ୍ଦ୍ରରେ ଏବଂ ବୁଦୁସ୍ମିତା ଢେଙ୍କାନାଳ ଏଟିପିସି ସବ୍‌ସେଣ୍ଟର୍‌ରେ ତାଲିମ ନେଉଛନ୍ତି। ଉଭୟ ଖେଳାଳିଙ୍କୁ ଓଡ଼ିଶା ଭାରୋତ୍ତୋଳନ ସଂଘ ସଭାପତିଙ୍କ ଚିତ୍ତରଂଜନ ପ୍ରାଣଙ୍କ ଅଭିନନ୍ଦନ ଜଣାଇଛନ୍ତି।

## ବାପା ମୋ ଉପରେ ପ୍ରବଳ ରାଗିଛନ୍ତି : ରୋହିତ

ନୂଆଦିଲ୍ଲୀ,୭।୬: ନିକଟରେ ରୋହିତ ଶର୍ମା ଟେଷ୍ଟ କ୍ରିକେଟ୍‌ରୁ ଅବସର ଘୋଷଣା କରିଥିଲେ ପୂର୍ବରୁ ସେ ଟି-୨୦କୁ ଅଲବିଦା କହିଥିଲେ ଏବେ ସେ ଭାରତୀୟ ଦଳ ପାଇଁ କେବଳ ଏକଦିବସୀୟ କ୍ରିକେଟରେ ଖେଳିବା ଦେଖିବାକୁ ପାଇବେ ଚେତେଶ୍ୱର ପୂଜାରାଙ୍କ ପତ୍ନୀ ପୂଜା ପୂଜାରାଙ୍କ ଦ୍ୱାରା ଲିଖିତ ପୁସ୍ତକ ଦି ଡାଏରୀ ଅଫ ଏ କ୍ରିକେଟର୍ସ ।ଇଫର ଉନ୍ମୋଚନ ଅବସରରେ ରୋହିତ ଟେଷ୍ଟରୁ ଅବସର ଘୋଷଣାକୁ ନେଇ ଏକ ବଡ଼ କଥା କହିଛନ୍ତି।




ରୋହିତ ଶର୍ମା ପ୍ରକାଶ କରିଛନ୍ତି, ତାଙ୍କ ବାପା ଗୁରୁନାଥ ଶର୍ମା ଟେଷ୍ଟରୁ ଅବସର ନେବାର ନିଷ୍ପତ୍ତିରେ ନିରାଶ ଥିଲେ ମୋ ବାପା ବହୁତ ଦିନ ଧରି ଟେଷ୍ଟ କ୍ରିକେଟର ପ୍ରଶଂସକ ଏବଂ ସେ ନୂତନ ଯୁଗ କ୍ରିକେଟକୁ ପସନ୍ଦ କରନ୍ତି ନାହିଁ ତେଣୁ ମୋ ନିଷ୍ପତ୍ତିକୁ ନେଇ ସେ ଉପରେ ପ୍ରବଳ ରାଗିଥିଲେ
ମୁମ୍ବାଇରେ ଚେତେଶ୍ୱର ପୂଜାରାଙ୍କ ପତ୍ନୀ ପୂଜାଙ୍କ ପୁସ୍ତକ ଦି ଡାଏରୀ ଅଫ ଏ କ୍ରିକେଟରସ ୱାଇଫର ଉନ୍ମୋଚନ ଅବସରରେ ରୋହିତ ଶର୍ମା କହିଥିଲେ, ମୋ ବାପା ଏକ ପରିବହନ କମ୍ପାନୀରେ କାମ କରୁଥିଲେ ସେ ମଧ୍ୟ ଆମ ଜୀବନକୁ ଉନ୍ନତ କରିବା ପାଇଁ ବହୁତ ତ୍ୟାଗ କରିଥିଲେ। ସେ ସବୁବେଳେ ଟେଷ୍ଟ କ୍ରିକେଟର ପ୍ରଶଂସକ ହୋଇଆସିଛନ୍ତି। ତାଙ୍କୁ କ୍ରିକେଟର ଏହି ନୂତନ ଯୁଗ ପସନ୍ଦ ନୁହେଁ। ମୁଁ ଏବେ ବି ସେହି ଦିନ ମନେ ରଖିଛି ଯେତେବେଳେ ମୁଁ ଦିନିକିଆରେ ୨୬୪ ରନ କରିଥିଲି। ସେ କହିଥିଲେ, ଠିକ ଅଛି, ଭଲ ଖେଳିଲୁ ବହୁତ ଭଲ। ସେ ବହୁତ ଉତ୍ସାହୀ ନ ଥିଲେ। କିନ୍ତୁ ଯଦି ମୁଁ ଟେଷ୍ଟ କ୍ରିକେଟରେ ୩୦, ୪୦ କିମ୍ବା ୫୦ ରନ କରୁଥିଲି, ତେବେ ସେ ମୋ ସହିତ ଏହା ବିଷୟରେ ବିସ୍ତାର ଭାବରେ କଥା ହେଉଥିଲେ। ଏହି ଖେଳ ପ୍ରତି ତାଙ୍କର ପ୍ରେମ ଏହିପରି ଥିଲା। ରୋହିତ ଶର୍ମା କହିଥିଲେ, ସ୍କୁଲ କ୍ରିକେଟ ପରେ, ସେ ୧୯ ବର୍ଷରୁ କମ, ରଣଜୀ ଟ୍ରଫି, ଦୁଲୀପ ଟ୍ରଫି, ତାପରେ ଭାରତ ଏ ପାଇଁ ଖେଳିଥିଲି। ଏହା ପରେ ହିଁ ମୁଁ ଭାରତୀୟ ଦଳରେ ସ୍ଥାନ ପାଇପାରିଲି। ମୋ ବାପା ମୋର କ୍ରିକେଟ ଯାତ୍ରା ଦେଖିଛନ୍ତି ବାପା ମୋତେ ଲାଲ ବଲ ସହିତ ବହୁତ ଖେଳିବାର ଦେଖିଛନ୍ତି। ସେ ଲାଲ ବଲ କ୍ରିକେଟକୁ ବହୁତ ପସନ୍ଦ କରନ୍ତି, ଏହାକୁ ପ୍ରଶଂସା କରନ୍ତି ଯେତେବେଳେ ମୁଁ ଟେଷ୍ଟରୁ ଅବସର ଘୋଷଣା କଲି, ସେ ଟିକେ ନିରାଶ ହୋଇଥିଲେ। କିନ୍ତୁ ସେହି ସମୟରେ, ସେ ମଧ୍ୟ ଖୁସି ଥିଲେ। ସେ ମୋର ବାପା ଏବଂ ମୁଁ ଆଜି ଯାହା ବି ଅଛି, ଯେଉଁଠାରେ ଅଛି ସେଥିରେ ତାଙ୍କର ବହୁତ ଅବଦାନ ଅଛି ତାଙ୍କ ସାହାଯ୍ୟ ବିନା ଏହା ସମ୍ଭବ ହୋଇ ନ ଥାନ୍ତା। ମେ ୭ରେ ରୋହିତ ଟେଷ୍ଟରୁ ଅବସର ନେଇ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରି ଦେଇଥିଲେ ପୂର୍ବରୁ ନ୍ୟୁଜିଲାଣ୍ଡ ଏବଂ ଅଷ୍ଟ୍ରେଲିଆ। ବିପକ୍ଷ ଟେଷ୍ଟ ସିରିଜରେ ତାଙ୍କର ପ୍ରଦର୍ଶନ ଭଲ ନ ଥିଲା, ଭାରତ ଏହି ଦୁଇଟି ସିରିଜ ହାରିଥିଲା। ଅଷ୍ଟ୍ରେଲିଆ। ଗସ୍ତରେ ଖେଳାଯାଇଥିବା ଶେଷ ଟେଷ୍ଟରୁ ରୋହିତଙ୍କୁ ବାଦ ଦିଆଯାଇଥିଲା।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ